୬ ଫିଫା ୨୦୨୬ : ବିଶ୍ୱକପ୍ ସେମିଫାଇନାଲରେ ପହଞ୍ଚିଲେ ୪ ଶକ୍ତିଶାଳୀ ଦଳ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୬୩ ● ୧୩ ଜୁଲାଇ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-163 ● 13th July 2026, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

# ସୁସ୍ଥ ହେଲେ ମହାବାହୁ

## ଗଜପତିଙ୍କୁ ମହାପ୍ରଭୁଙ୍କ ସୁସ୍ଥତାର ବାର୍ତ୍ତା ଦେଲେ ସେବାୟତ



ପୁରୀ, ୧୨।୭

ନ୍ୟୁଜ୍ ବ୍ୟୁରୋ

ସୁସ୍ଥ ହୋଇଛନ୍ତି ମହାପ୍ରଭୁ । ଅଣସରର ତ୍ରୟୋଦଶୀ ତିଥିରେ ସ୍ୱତନ୍ତ୍ର ରାଜପ୍ରସାଦ ବିଜେ ନୀତି ସହ ଆଦ୍ୟ ସେବକ ଗଜପତି ମହାରାଜାଙ୍କୁ ମହାପ୍ରଭୁଙ୍କ ସୁସ୍ଥତାର ସନ୍ଦେଶ ଦେଇଛନ୍ତି ସେବାୟତ। ଶ୍ରୀଅଙ୍ଗରେ ଲାଗି ପ୍ରସାଦକୁ ଗଜପତିଙ୍କୁ ଅର୍ପଣ କରାଯାଇଛି । ଏଥିସହ ଆସନ୍ତା ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ସେବାୟତଙ୍କ ସହ ଆଲୋଚନା କରିଛନ୍ତ ଗଜପତି । ଅଣସରର ଦ୍ୱାଦଶୀ ତିଥି କ୍ଷୟ ପଡ଼ିଥିବାରୁ ରବିବାର ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ନୀତି ସରିବା ପରେ ଆରମ୍ଭ ହୋଇଥିଲା ରାଜପ୍ରସାଦ ବିଜେ ନୀତି । ବର୍ଷ ତମାମ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଚନ୍ଦନ, ପାଟଡ଼ୋର ସହ ଅଣସର ସମୟରେ ଲାଗି ହୋଇଥିବା ଚନ୍ଦନ, କରାଳକୁ ରୂପା ଥାଳିରେ ଧରି ଶ୍ରୀମନ୍ଦିରରୁ ବାହାରିଥିଲେ ଦଇତା ଓ ପତି ମହାପାତ୍ର ସେବାୟତ । ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ସେମାନେ ଶ୍ରୀନଅରରେ ପହଞ୍ଚିବା ପରେ ଆଦ୍ୟ ସେବକ ଗଜପତି ମହାରାଜାଙ୍କୁ ଶ୍ରୀଅଙ୍ଗ ଲାଗି ପ୍ରସାଦ ଅର୍ପଣ କରିଥିଲେ । ଏହାପରେ ଶ୍ରୀନଅରରେ ରାଜ ପୁରୋହିତଙ୍କ ଦ୍ୱାରା ଶାଢ଼ୀ ବନ୍ଧା ଯାଇଥିଲା । ପଞ୍ଚମୀ ତିଥିରେ ଫୁଲୁରି ତେଲ, ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷ ଲାଗି, ଦଶମୀରେ ଚକାବିଜେ, ଦଶମୂଳମୋଦକ ଓ ଚନ୍ଦନ ଲାଗି ପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହଙ୍କ ଅତ୍ୟଧିକ ଜଳରେ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ରହିଥିଲେ । ୧୫ ଦିନ ଧରି ମହାପ୍ରଭୁଙ୍କ ଏହି ଗୁପ୍ତ ସେବାର ପୂଜା ଚାଲିଥାଏ । ତେବେ ସୁସ୍ଥ ହେବା ପରେ ମହାପ୍ରଭୁଙ୍କୁ ଘଣାଲାଗି ଓ ବନକ ଲାଗି କରାଯିବ । ଆସନ୍ତା ୧୪ ତାରିଖରେ ମହାପ୍ରଭୁ ନବଯୌବନ ବେଶରେ ଭକ୍ତଙ୍କୁ *(ପୃଷ୍ଠା ୭ରେ)*

## ରଥଯାତ୍ରା କାର୍ଯ୍ୟରେ ନିୟୋଜିତ ହୋମଗାର୍ଡଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୧୨।୭ : ନ୍ୟୁଜ୍ ବ୍ୟୁରୋ

ପୁରୀ ରଥଯାତ୍ରା କାର୍ଯ୍ୟରେ ନିୟୋଜିତ କେନ୍ଦୁଝରରେ ହୋମଗାର୍ଡ ପ୍ରଦୀପ କୁମାର ମହାନ୍ତଙ୍କ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହିତ ତାଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ହୋମଗାର୍ଡ ଭାବେ ନିଯୁକ୍ତି ପ୍ରଦାନ କାରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଦୁଃଖଦ ସମୟରେ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।



ପ୍ରଣମ୍ୟ ପୁରୁଷ କର୍ମବୀର ଗୌରୀଶଙ୍କରଙ୍କ ୧୮୮ ତମ ଜନ୍ମ (୧୮୩୮ ଜୁଲାଇ ୧୩ ତାରିଖ) ଜୟନ୍ତୀ ଉପଲକ୍ଷେ ସମ୍ବାଦ କଳିକା, କଥା କଳିକା, ଉତ୍କଳ ଦୀପିକା, ରବିବାସରୀୟ କଳିକା ତରଫରୁ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ । ଓଡ଼ିଆ ଜାତି ଏବଂ ଭାଷାର ସର୍ବବିଧ ଉନ୍ନତି ପାଇଁ ସେ ଯେଉଁ ଐକାନ୍ତିକ ଚେଷ୍ଟା କରି ତାକୁ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇଛନ୍ତି ଏ ମାଟି ତାଙ୍କୁ ସବୁଦିନ ପାଇଁ ମନେ ରଖିବ। ସାଧାରଣ ଜନତାଙ୍କ ସ୍ୱର ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ତାଙ୍କର ଅକ୍ଳାନ୍ତ ଉଦ୍ୟମ ସ୍ୱରୂପ ପ୍ରକାଶ ପାଇଥିଲା 'ଉତ୍କଳ ଦୀପିକା'। ଗୌରୀଶଙ୍କରଙ୍କ ପରେ ଏହା କିଛି ବର୍ଷ ପାଇଁ ବନ୍ଦ ହୋଇଯାଇଥିଲେ ମଧ୍ୟ ବର୍ତ୍ତମାନ ତାଙ୍କର ସୁଯୋଗ୍ୟ ନାତି ସମ୍ବାଦ କଳିକାର ସଂପାଦକ ଜୟାଶୀଷ ରାୟ ଏହାକୁ ୨୦୧୬ ମସିହାରୁ ପୁନଃ ପ୍ରକାଶନ କରୁଛନ୍ତି। ଆଜି ବି ଏହାରି ମାଧ୍ୟମରେ ସାଧାରଣ ଜନତାଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଞ୍ଚାଇବାର ଗୁରୁ ଦାୟିତ୍ୱ ଜାରି ରହିଛି। ଏହା ସହ 'ଉତ୍କଳ ଦୀପିକା'ରେ ଭାଷା, ସାହିତ୍ୟ, କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଯଥାସାଧ୍ୟ ଉଦ୍ୟମ କରାଯାଉଛି।

ସମ୍ବାଦ କଳିକା ପରିବାର

## ୧୧ ଭାରତୀୟ ଥିବା ଜାହାଜ ଉପରକୁ ଆକ୍ରମଣ କଲା ଇରାନ

ନୂଆଦିଲ୍ଲୀ/ତେହେରାନ, ୧୨।୭

ହର୍ମୁଜ ପ୍ରଣାଳୀରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ନେଇ ଭାରତ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଓମାନ ଉପକୂଳରେ ଯେତେବେଳେ ଏହି ଆକ୍ରମଣ ଘଟିଥିଲା ସେତେବେଳେ ଜିଏଫ୍‌ଏସ୍ ଗାଲାକ୍ସି ନାମକ ଜାହାଜରେ ଏଗାର ଜଣ ଭାରତୀୟ ଥିଲେ। ଭାରତ ସରକାର କହିଛନ୍ତି ଯେ ଏହି ଭାରତୀୟଙ୍କ ମଧ୍ୟରୁ ୧୦ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି ଏବଂ ଜଣେ



ନିଖୋଜ ଅଛନ୍ତି। ଏହି ଘଟଣାର ନିନ୍ଦା କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଓମାନରେ ଥିବା ଭାରତୀୟ ଦୂତାବାସ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ସ୍ଥାନୀୟ ପ୍ରଶାସନ ସହିତ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହାର ବିବୃତ୍ତିରେ ଓମାନ ଉପକୂଳରେ ଜିଏଫ୍‌ଏସ୍ ଗାଲାକ୍ସି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ କଡ଼ା ନିନ୍ଦା କରିଛି।

## ବାଇକ୍‌କୁ ୪ କିମି ଘୋଷାଡ଼ି ନେଲା ଟ୍ରକ୍ : ୩ ମୃତ

ରାଇଘର, ୧୨।୭

ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁରଜିଲ୍ଲା ରାଇଘର ଅଞ୍ଚଳରେ ରବିବାର ଦିନ ଏକ ଅଭାବନୀୟ ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ଏକ ପରିବାର ପ୍ରତି ଦ୍ରୁତଗାମୀ ଟ୍ରକ୍ ଦାଉ ସାଜିଛି। ଭାରୀ ଯାନଟି ବାଇକକୁ ଧକ୍କା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- କଟକରେ ଲଗାଣ ବର୍ଷା ଯୋଗୁ ନିମ୍ନାଞ୍ଚଳରେ ଜଳଜମା ସମସ୍ୟା ଦେଖାଦେଇଥିବାରୁ ପ୍ରଶାସନ ସତର୍କ ବାର୍ତ୍ତା।
- ବାଲେଶ୍ୱର ନଦୀର ଜଳସ୍ତର ବୃଦ୍ଧିକୁ ନେଇ ପ୍ରଶାସନ ପରିସ୍ଥିତି ଉପରେ କଡା ନଜର ରଖିଛି।
- ମୟୂରଭଞ୍ଜରେ ଚାଷୀମାନଙ୍କୁ ବର୍ଷା ସମୟରେ ଧାନ ଚାଷ ପାଇଁ ଆବଶ୍ୟକ ପରାମର୍ଶ ଦିଆଯାଇଛି।
- କୋରାପୁଟର ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କାକୁ ନେଇ ସତର୍କ ସୂଚନା ଜାରି ରହିଛି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୪୩ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୨୩୦ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୨୫ (+୦)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୩୫ (+୦)

## ୪୦୫ କୋଟିର ବିକାଶ କାର୍ଯ୍ୟ ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ଅମିତ ଶାହ

ଅହମଦାବାଦ, ୧୨।୭

ଅହମଦାବାଦ ସହରକୁ ସବୁଜ ଏବଂ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ ଅହମ୍ମଦାବାଦ ମ୍ୟୁନିସିପାଲିଟି କର୍ପୋରେସନ୍ ଦ୍ୱାରା 'ମିଶନ୍ ଫାଇଭ୍ ମିଲିୟନ୍ ଟ୍ରି' ଅଧୀନରେ ଏକ ବିଶାଳ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରବିବାର ଦିନ ସାଇନ୍ସ ସିଟିର ବିଜ୍ଞାନ ଭବନରେ ଆୟୋଜିତ ଏକ ବିଶାଳ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୪୦୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ କାର୍ଯ୍ୟର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



ଅମିତ ଶାହା 'ମିଶନ ଫାଇଭ୍ ମିଲିୟନ୍ ଟ୍ରି' ପ୍ରକଳ୍ପ ଅଧୀନରେ ସହରରେ ସବୁଜ ବିକାଶକୁ ପ୍ରୋତ୍ସାହିତ କରୁଥିବା ହେରିଟେଜ୍ ପାର୍କ ଏବଂ ୧୦୧ ଅକ୍ସିଜେନ ପାର୍କ-ସହରାଞ୍ଚଳ ଜଙ୍ଗଲକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଗ୍ରୀନ୍ ମୋବିଲିଟି ଅଧୀନରେ ବି.ଆର.ଟି.ଏସ୍. ନେଟୱାର୍କରେ ୮୦ଟି ନୂଆ ଶୀତତାପ ନିୟନ୍ତ୍ରିତ ବୈଦ୍ୟୁତିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଥିଲା। ଏହା ସହିତ, ୭୫ଟି *(ପୃଷ୍ଠା ୭ରେ)*

## ନିଶାମୁକ୍ତ ଓଡ଼ିଶା ପାଇଁ ରାଜ୍ୟ ସରକାରଙ୍କ ମାଷ୍ଟର ପ୍ଲାନ୍

ଭୁବନେଶ୍ୱର, ୧୨।୭

ନ୍ୟୁଜ୍ ବ୍ୟୁରୋ

ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାର ଏକ ବ୍ୟାପକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି କାର୍ଯ୍ୟ ଯୋଜନାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି।

ଏହି ଯୋଜନା ପାଇଁ ମୋଟ ୪ କୋଟି ୬୨ ଲକ୍ଷ ଟଙ୍କାର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏହା ଅଧୀନରେ ସ୍କୁଲରୁ ଆରମ୍ଭ କରି ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ନିଶା ବିରୋଧୀ ସଚେତନତା ଅଭିଯାନ ଚାଲିବ।

ଯୋଜନା ଅନୁଯାୟୀ, ରାଜ୍ୟର ୧୫୦ଟି ସ୍କୁଲ ଓ କଲେଜରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏହା ସହିତ ମାରାଥନ, ୱାକାଥନ, ସାଇକେଲ ରାଲି




ଓ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିପାଇଁ ୧ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି।

ନିଶାମୁକ୍ତ ଅଭିଯାନକୁ ତୃଣମୂଳ ସ୍ତରକୁ ପହଞ୍ଚାଇବା ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକରେ ନିଶା ବିରୋଧୀ କାର୍ଯ୍ୟକ୍ରମ କରାଯିବ। ସମସ୍ତ ବ୍ଲକରେ ଆଣ୍ଟି-ଡ୍ରଗ୍ କମିଟି ବୈଠକ ଆୟୋଜନ କରାଯିବ।

ଏହାସହ ୩୦୦ଟି ପଞ୍ଚାୟତରେ ନିଶାମୁକ୍ତ ସଚେତନତା ଅଭିଯାନ ଚାଲିବ। ପ୍ରତ୍ୟେକ ଜିଲ୍ଲାରେ ୫୦ ଜଣ 'ନଶା ମୁକ୍ତ ମିତ୍ର'ଙ୍କୁ ସାମିଲ କରି *(ପୃଷ୍ଠା ୭ରେ)*

## ଖରାପ ଖାଦ୍ୟ ଦେଖିଲେ ଜଣାଅ: ଏଫ୍‌ଏସ୍‌ଏସ୍‌ଏଆଇ

ନୂଆଦିଲ୍ଲୀ, ୧୨।୭

ଖାଇବା ଅନୁପଯୁକ୍ତ ଖାଦ୍ୟ ଦେଖିଲେ ତୁରନ୍ତ ସେ ବିଷୟରେ ଜଣାଇବାକୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ନାଗରିକମାନଙ୍କୁ ଆହ୍ୱାନ ଦେଇଛି। ରବିବାର ଏହା କହିଛି ଯେ ଖରାପ ଖାଦ୍ୟ ବିଷୟରେ ଯଦି ଜାଣୁଛନ୍ତି ତେବେ ତୁରନ୍ତ ଆମକୁ ଜଣାନ୍ତୁ। ଅସୁରକ୍ଷିତ ଖାଦ୍ୟ ସମସ୍ତଙ୍କୁ ପ୍ରଭାବିତ କରେ। ଫୁଡ୍ ସେଫ୍ଟି କନେକ୍ଟ ଆପ୍ ଜରିଆରେ ଆପଣମାନେ ସୂଚନା ଦେଇପାରିବେ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ କହିଛି।

କିଛି ଦିନ ଭିତରେ ଏଫ୍‌ଏସ୍‌ଏସ୍‌ଏଆଇ ଅପମିଶ୍ରିତ ଖାଦ୍ୟ ଯାଞ୍ଚକୁ କଡ଼ାକଡ଼ି କରିଛି। ଖରାପ ଖାଦ୍ୟର ମାର୍କେଟିଂ, ବିକ୍ରି ଓ ବ୍ୟବହାରକୁ ରୋକିବାକୁ ଏହା ଉଦ୍ୟମ କରୁଛି। ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ଲକ୍ଷ୍ନୌର ଏକ ମସଲା କାରଖାନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଯାଞ୍ଚ ପରେ କାରଖାନା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଅପମିଶ୍ରିତ ସାମଗ୍ରୀ ଜବତ କରାଯାଇଥିଲା।

ଖରାପ ଅଣ୍ଡା, ଏକ୍ସପାୟାର ହୋଇଯାଇଥିବା ପ୍ରୋଟିନ, ନଷ୍ଟ ହୋଇଯାଇଥିବା ଖାଦ୍ୟ ସାମଗ୍ରୀ ଓ ପ୍ୟାକେଟ୍ ଭିତରେ ନଷ୍ଟ ହୋଇଯାଇଥିବା ଜିନିଷ ଡେଲିଭରି କରିଥିବା ସ୍ୱିଗି ଇନଷ୍ଟାମାର୍ଟକୁ ମଧ୍ୟ ନଅଟି ନୋଟିସ୍ ଜାରି *(ପୃଷ୍ଠା ୭ରେ)*

## ୩୯ ଜରୁରୀ ଔଷଧର ନୂତନ ମୂଲ୍ୟ ଧାର୍ଯ୍ୟ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୧୨।୭

ଆପଣ କିମ୍ବା ଆପଣଙ୍କ ପରିବାରର କେହି ଉଚ୍ଚ ରକ୍ତଚାପ ବା ବିପି, ମଧୁମେହ ବା ଡାଇବେଟିସ୍, ହୃଦରୋଗ, ଏଚ୍‌ଆଇଭି କିମ୍ବା ଆଖି ସଂକ୍ରମଣ ଭଳି ଗମ୍ଭୀର ରୋଗ ପାଇଁ ୩୯ଟି ନୂତନ ଔଷଧର ମୂଲ୍ୟ ସ୍ଥିର କଲେ କେନ୍ଦ୍ର ସରକାର। ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନ୍‌ପିପିଏ) ଏହି ଔଷଧ ଗୁଡିକର ନୂତନ ମୂଲ୍ୟ ଜାରି କରିଛନ୍ତି।

ପ୍ରାଧିକରଣ ଔଷଧ ମୂଲ୍ୟ ନିୟନ୍ତ୍ରଣ ଅର୍ଡର ଅନୁଯାୟୀ ୩୯ଟି ନୂତନ ଔଷଧର ଖୁଚୁରା ମୂଲ୍ୟ ସ୍ଥିର କରିଛନ୍ତି। ସରକାରଙ୍କ



କଟକଣା ପରେ ଏହି ସବୁ ଔଷଧ ଗୁଡିକର ମନଇଚ୍ଛା ଦର ବୃଦ୍ଧି ହୋଇପାରିବ ନାହିଁ। ଏଥିରେ ରହିଛି ଉଚ୍ଚ ରକ୍ତଚାପ, ଡାୟାବେଟିସ୍, ହୃଦ୍‌ରୋଗ, ଏଚ୍‌ଆଇଭି ଏବଂ ଆଖିର ସଂକ୍ରମଣ ପାଇଁ ବ୍ୟବହୃତ ଔଷଧ। ରୋଗୀଙ୍କ ପାଇଁ ଏହି ଔଷଧଗୁଡ଼ିକର ଦର କମ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ଏନ୍‌ପିପିଏ ଦ୍ୱାରା ପ୍ରକାଶିତ ତାଲିକାରେ ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ବ୍ୟବହୃତ ଆମ୍ଲୋଡିପାଇନ, ବାଇସୋପ୍ରୋଲୋ ଓ ଟେଲମିସାର୍ଟାନ ପ୍ରତି ଟାବଲେଟର ଖୁଚୁରା ମୂଲ୍ୟ ୧୪ ଟଙ୍କା ୭୪ ପଇସା ସ୍ଥିର କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସମସ୍ତ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଏହି ନୂଆ ଦାମ୍‌କୁ ତୁରନ୍ତ ଲାଗୁ କରିବେ। ବଜାରକୁ *(ପୃଷ୍ଠା ୭ରେ)*

## ଭାରତକୁ ପୁଣି ଫେରିଲା କୋଭିଡ୍-୧୯ : ବଢ଼ିଲା ସତର୍କତା

ଅମରାବତୀ, ୧୨।୭

ଆନ୍ଧ୍ରପ୍ରଦେଶର କଡ଼ପା ଜିଲ୍ଲାରେ କରୋନା ସଂକ୍ରମଣକୁ ନେଇ ପୁଣିଥରେ ସତର୍କତା ଜାରି କରାଯାଇଛି। ଜିଲ୍ଲାରେ କରୋନାରେ ସଂକ୍ରମିତ ୨ ଜଣଙ୍କ ମୃତ୍ୟୁ ଘଟିବା ପରେ ସ୍ୱାସ୍ଥ୍ୟ ବିଭାଗ ସଜାଗ ହୋଇଛି। ବର୍ତ୍ତମାନ ସେଠାରେ ୮ ଜଣ ସକ୍ରିୟ କରୋନା ଆକ୍ରାନ୍ତ ଥିବା ସୂଚନା ମିଳିଛି। ସଂକ୍ରମଣ ବୃଦ୍ଧିକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ନଜର ରଖିବା ସହ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

## ଏକାଳ ପଖାଳ



ଯୁଦ୍ଧ ଚାଲିଛି ସେପଟେ ଭାଇନା
ପକେଟରେ ଚାଲେ ଗୋଟେ
ନିତିଦିନିଆ ଖରଚ ଉଠେଇ
ପୈତୃକ ପ୍ରାଣଟା କାଟେ
ମହଙ୍ଗା ବୋମାଟା ଫୁଟେ
ସେଇ ବିସ୍ଫୋରଣେ ହାଣ୍ଡିଶାଳଟାରେ
ଘରଣୀ ଗାଳିଟା ଛୁଟେ।

## ୩୦ ଦିନ ଜେଲ୍‌ରେ ରହିଲେ ପିଏମ୍-ସିଏମ୍‌ଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ



ନୂଆଦିଲ୍ଲୀ, ୧୨।୭

ବିରୋଧୀ ଦଳଗୁଡ଼ିକ ଦ୍ୱାରା ଉଠାଯାଇଥିବା ଚିନ୍ତା ମଧ୍ୟରେ, ସଂସଦୀୟ କମିଟି ଏକ ସୁପାରିଶ କରିଛି ଯେ ଯଦି କୌଣସି ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ଏକ ଗୁରୁତର ଅପରାଧ ଅଭିଯୋଗରେ ଲଗାତାର ୩୦ ଦିନ ପାଇଁ ହାଜତରେ ରଖାଯାଏ, ତେବେ ସେମାନଙ୍କୁ ପଦରୁ ହଟାଇବା ପରିବର୍ତ୍ତେ ନିଲମ୍ବିତ କରାଯିବା ଉଚିତ । କମିଟି ଏକ ବ୍ୟବସ୍ଥା ମଧ୍ୟ ପ୍ରସ୍ତାବ ଦେଇଛି ଯାହା ଦ୍ୱାରା ଯଦି ଏପରି ବ୍ୟକ୍ତିମାନଙ୍କୁ ଅଭିଯୋଗରୁ ମୁକ୍ତ କରାଯାଏ କିମ୍ବା ବିଚାର ପ୍ରକ୍ରିୟା ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଗ୍ରଗତି ନ କରେ, ତେବେ ନିଲମ୍ବନ ସ୍ୱୟଂଚାଳିତ ଭାବରେ ସମାପ୍ତ ହୋଇଯିବ ।

ସଂସଦୀୟ କମିଟିର ରିପୋର୍ଟ ଖୁବ୍ ଶୀଘ୍ର ଅନୁମୋଦନ ପାଇବାର ସମ୍ଭାବନା ରହିଛି। କମିଟି ଏହାର ରିପୋର୍ଟରେ ପଦରୁ ବହିଷ୍କାର' ଶବ୍ଦକୁ 'ନିଲମ୍ବନ' ସହିତ ବଦଳାଇବାକୁ ପ୍ରସ୍ତାବ ଦେଇଛି । ଯାହା ବୁଝାଏ ଯେ ଗୁରୁତର ଅପରାଧିକ ଅଭିଯୋଗର ସମ୍ମୁଖୀନ ହେଉଥିବା ମନ୍ତ୍ରୀମାନଙ୍କୁ ଆଇନଗତ ପ୍ରକ୍ରିୟାର ଫଳାଫଳ ପର୍ଯ୍ୟନ୍ତ ସ୍ଥାୟୀ ଭାବରେ ପଦରୁ ବହିଷ୍କାର କରିବା ପରିବର୍ତ୍ତେ ନିଲମ୍ବିତ କରାଯିବା ଉଚିତ। ସଂସଦୀୟ କମିଟି କହିଛି ଯେ ଏହି ସୁରକ୍ଷା ବ୍ୟକ୍ତିବିଶେଷଙ୍କ *(ପୃଷ୍ଠା ୭ରେ)*

## ଆସନ୍ତା ବର୍ଷ ଚାଲିବ ଭାରତର ପ୍ରଥମ ବୁଲେଟ ଟ୍ରେନ



ନୂଆଦିଲ୍ଲୀ, ୧୨।୭

ଭାରତରେ ଖୁବଶୀଘ୍ର ବୁଲେଟ ଟ୍ରେନ ଟ୍ରାକରେ ଦୌଡିବ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି ଯେ ମୁମ୍ବାଇ ଏବଂ ଅହମଦାବାଦ ମଧ୍ୟରେ ପ୍ରଥମ ବୁଲେଟ ଟ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି। ସେ କହିଛନ୍ତି ଯେ ବୁଲେଟ ଟ୍ରେନ ଲାଇନର ପ୍ରଥମ ସେକ୍ସନ ଆସନ୍ତା ବର୍ଷ କାର୍ଯ୍ୟକ୍ଷମ ହେବ।

ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ପରବର୍ତ୍ତୀ ବର୍ଷ, ଆମେ ସୁରତ ଏବଂ ବିଲିମୋରା ମଧ୍ୟରେ ମୁମ୍ବାଇ-ଅହମଦାବାଦ ରୁଟରେ ବୁଲେଟ ଟ୍ରେନର ପ୍ରଥମ ସେକ୍ସନ ଆରମ୍ଭ କରିବୁ। ଏହା ପରେ, ଆମେ ପର୍ଯ୍ୟାୟକ୍ରମେ କାର୍ଯ୍ୟ ସମାପ୍ତ କରିବୁ। ଭାପିରୁ ସୁରତ, ତା'ପରେ ଭାପିରୁ ଅହମଦାବାଦ, ଅହମଦାବାଦରୁ ଥାନେ ଏବଂ ଶେଷରେ ଅହମଦାବାଦରୁ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜୁଲାଇ ୨୦୨୬ ସୋମବାର





# ଦେୟଯୁକ୍ତ ହେବ ଶୌଚାଳୟ ଓ ପରିସ୍ରାଗାର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କୋଭିଡ୍ ପରଠୁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସବୁ ଶୌଚାଳୟ ଦେୟମୁକ୍ତ କରାଯାଇଥିଲା। ଲୋକେ ମାଗଣାରେ ଶୌଚାଳୟ ବ୍ୟବହାର କରିଆସୁଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଚିଠି ପରେ ସବୁ ଶୌଚାଳୟକୁ ଦେୟଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି ବିଏମ୍‌ସି। ମୁଣ୍ଡପିଛା ୫ ଟଙ୍କା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। କର୍ପୋରେସନ୍ ବି ଏଥିରେ ମୋହର ମାରିଛି। ସୂଚନା ମୁତାବକ, ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ମାସେ ଏହି ବ୍ୟବସ୍ଥା ଲାଗୁ ହେବ। ସଫଳ ହେଲେ, ଏହାର ସମୟସୀମା ବୃଦ୍ଧି କରାଯିବ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବର୍ତ୍ତମାନ ୧୦୯ଟି ସୁଲଭ ଶୌଚାଳୟ ଓ ୫୬ଟି ଗୋଷ୍ଠୀ ଶୌଚାଳୟ ରହିଛି। ବାକି ୧୮ଟି ଇ-ଶୌଚାଳୟ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଓ ୭ଟି ଇ-ଶୌଚାଳୟ ବିଡିଏ ଅଧୀନ ପାର୍କରେ ରହିଛି। ହିସାବକୁ ନେଲେ ସୁଲଭ ଶୌଚାଳୟକୁ ଏକକାଳୀନ ୭୧୦ଜଣ (୭୧୦ଟି ସିଟ୍) ଶୌଚ ପାଇଁ ବ୍ୟବହାର କରିପାରିବେ। ସେହିଭଳି ଗୋଷ୍ଠୀ ଶୌଚାଳୟକୁ ଏକକାଳୀନ ୧୦୫୫ଜଣ (୧୦୫୫ଟି ସିଟ୍) ଏକକାଳୀନ ବ୍ୟବହାର କରିପାରିବେ। ସେହିଭଳି ୧୫୨ଟି ପରିସ୍ରାଗାର(ଲୁ) ନିର୍ମାଣ ଯୋଜନା କରାଯାଇଛି। ଏଠାରେ କେବଳ ପରିସ୍ରା ବ୍ୟବସ୍ଥା କରାଯାଉଛି। ପ୍ରତି ପରିସ୍ରାଗାରକୁ ଏକକାଳୀନ ଦୁଇଜଣ ବ୍ୟବହାର କରିପାରିବାର ବ୍ୟବସ୍ଥା କରାଯାଉଛି। ଏ ଭିତରେ ୯୩ଟି ପରିସ୍ରାଗାର ସଂପୂର୍ଣ୍ଣ ହୋଇସାରିଛି। ୧୦ରୁ ଅଧିକ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲି ସାରିଛି। ବାକି ପରିସ୍ରାଗାର ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି। ଆହୁରି ୬୯ଟି ପରିସ୍ରାଗାର ନିର୍ମାଣାଧୀନ ଅଛି। ସେହିଭଳି ୬ଟି ପବ୍ଲିକ ଟଏଲେଟ୍ ନିର୍ମାଣାଧୀନ ଅଛି। ୨୦୨୯ରେ କୋଭିଡ୍‌ଜନିତ କଟକଣା ପରେ ମୁଦ୍ରା ବିନିମୟ ଜରିଆରେ ସଂକ୍ରମଣକୁ ରୋକିବା, ଧାଡ଼ି ନ କରି ସୁବିଧାରେ ଶୌଚାଳୟ ବ୍ୟବହାର କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉଭୟ ପବ୍ଲିକ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ, ପରିସ୍ରାଗାରକୁ ଦେୟମୁକ୍ତ କରାଯାଇଥିଲା। ୨୦୧୯ ପରଠୁ ଲୋକେ ବିନା କୌଣସି ଦେୟରେ ଶୌଚାଳୟ ଓ ପରିସ୍ରାଗାର ବ୍ୟବହାର କରି ଆସୁଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଗତ ଜୁନ୍ ୮ ତାରିଖରେ ବିଏମ୍‌ସିକୁ ଏକ ଚିଠି(୧୫୭୦୨) କରିଥିଲେ। ଯେଉଁଥିରେ ଏହି ସାର୍ବଜନୀନ ସେବାକୁ ସ୍ୱାଭାବିକ କରିବା ସହ ?ଶୌ?ଚାଳୟ ଓ ପରିସ୍ରାଗାରର ରକ୍ଷଣାବେକ୍ଷଣ ଓ ସ୍ଥାୟୀ ପରିଚାଳନା ପାଇଁ ବ୍ୟବହାରକାରୀଙ୍କଠାରୁ ବ୍ୟବହାର ଶୁଳ୍କ ଆଦାୟ କରିଥିଲେ। ଅତିବେଶିରେ ମୁଣ୍ଡପିଛା ୧୦ ଟଙ୍କା ଆଦାୟ କରିବାକୁ କହିଥିଲେ। ଏହାଠାରୁ କେହି ବି ଅଧିକ ଟଙ୍କା ଆଦାୟ କରିପାରିବେନି ବୋଲି ସ୍ପଷ୍ଟ କରିଥିଲେ। ଏ ସଂପର୍କରେ କର୍ପୋରେସନରେ ବିସ୍ତୃତ ଆଲୋଚନା ହୋଇଥିଲା। ବ୍ୟବହାରକାରୀଙ୍କଠାରୁ ଶୁଳ୍କ ସଂଗ୍ରହ, ଶୁଳ୍କ ଦର ଉପରେ ଆଲୋଚନା କରାଯାଇଥିଲା। କର୍ପୋରେଟର ଅଜିତ ବେହେରା କହିଛନ୍ତି, ରାଜ୍ୟ ସରକାର ଶୌଚାଳୟ ଦେୟ ୧୦ ଟଙ୍କା କହିଥିଲେ। କର୍ପୋରେସନ୍ ୫ ଟଙ୍କା ଆଦାୟ କରିବାକୁ ନିଷ୍ପତ୍ତି ନେଇଛି। ଶିକ୍ଷା, ରିକ୍ରିଏସନ୍ ଓ କଲଚରାଲ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରାମଚନ୍ଦ୍ର ରଣସିଂହ କହିଛନ୍ତି, ଶୌଚାଳୟଗୁଡ଼ିକରୁ ପରୀକ୍ଷାମୂଳକ ଭାବେ ବ୍ୟବହାରକାରୀଙ୍କ ପିଛା ୫ ଟଙ୍କା ବ୍ୟବହାର ଶୁଳ୍କ ଆଦାୟ କରାଯିବ। ଲୋକେ ଗ୍ରହଣ କଲେ, ଦେୟଯୁକ୍ତ ସମୟ ଅବଧି ବଢ଼ାଯିବ। କିନ୍ତୁ ପରିସ୍ରାଗାର ପାଇଁ ଏହି ଦର ଆଦାୟ ହେବନି। ପରିସ୍ରାଗାର ଦେୟମୁକ୍ତ ରହିବ। ଏହି ଦର ଶୌଚାଳୟ ଆଗରେ ସ୍ପଷ୍ଟ ଦୃଶ୍ୟମାନ ହେଲା ଭଳି ପ୍ରଦର୍ଶିତ ହେବ ବୋଲି ରଣସିଂହ କହିଛନ୍ତି।

# ଆଗାମୀ ପିଢ଼ି ପାଇଁ ସୁସ୍ଥ ପରିବେଶ ସୃଷ୍ଟି ନିମନ୍ତେ ଆହ୍ୱାନ

**ପାଟଣାଗଡ, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ବନ ମହୋତ୍ସବ ସପ୍ତାହ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଆଗାମୀ ପିଢ଼ି ପାଇଁ ସୁସ୍ଥ ପରିବେଶ ଗଢ଼ି ତୋଳିବା ଲକ୍ଷ୍ୟରେ ବ୍ଲକ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, 'ବୃକ୍ଷ କେବଳ ପରିବେଶର ସନ୍ତୁଳନ ରକ୍ଷା କରେନାହିଁ, ଏହା ମାନବ ଜୀବନର ଅସ୍ତିତ୍ୱ ସହ ସିଧାସଳଖ ଭାବେ ଜଡ଼ିତ। ପ୍ରତ୍ୟେକ ବ୍ୟକ୍ତି ଅତିକମରେ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେଲେ ଏକ ସବୁଜ, ସୁନ୍ଦର ଓ ସୁରକ୍ଷିତ ଭବିଷ୍ୟତ ଗଢ଼ି ତୋଳିବା ସମ୍ଭବ। ସେ ସମସ୍ତଙ୍କୁ ବୃକ୍ଷରୋପଣକୁ ଏକ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ଓ ଖପ୍ରାଖୋଲ ବନପାଳ ସୁଧିର କୁମାର ଜେନା ଯୋଗଦେଇ ବନ ସଂରକ୍ଷଣ ଏବଂ ପରିବେଶ ସଚେତନତା ଉପରେ ମତ ରଖିଥିଲେ। ସେହିପରି ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଧ୍ୟ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ବଳଭଦ୍ର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ମୁଖ୍ୟ ଅତିଥି, ପରିବେଶବିତ୍ ଡ଼. ଅଭୟ ତ୍ରିପାଠୀ ମୁଖ୍ୟ ବକ୍ତା ଏବଂ ଶିକ୍ଷାବିତ୍ ଲିଙ୍ଗରାଜ ବେହେରା ଓ ପୂର୍ବତନ ସରପଞ୍ଚ କପିଳ ବୁଡେକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣ ସହ ବୃକ୍ଷର ସୁରକ୍ଷା ଓ ନିୟମିତ ଯତ୍ନ ନେବାକୁ ଆହ୍ୱାନ ଜଣାଇଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ସମସ୍ତଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ବନ ମହୋତ୍ସବ ପାଳନ ମାଧ୍ୟମରେ ପରିବେଶ ସୁରକ୍ଷା ଓ ସବୁଜ ଓଡ଼ିଶା ଗଠନ ପାଇଁ ପ୍ରଶାସନିକ ଅଧିକାରୀ ମାନେ ସମସ୍ତେ ସାମୂହିକ ସଂକଳ୍ପ ନେଇଥିଲେ।

# କଟକ ଜିଲ୍ଲାରେ ନୂତନ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଯୋଗଦାନ



**କଟକ, ନ୍ୟୁଜ୍ ବ୍ୟୁରୋ**

ସୁଗୁତା ମୁର୍ମୁ,କଟକ ଜିଲାର ମୁଖ୍ୟ ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଉଛନ୍ତି।ଏହି ଅବସରରେ କଟକ କଲେକ୍ଟରେଟ ଷ୍ଟାଫ କମିଟିର ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଉପ-ସଭାପତି ଅଜୟ କୁମାର ମୁଦୁଲି, ସାଧାରଣ ସମ୍ପାଦକ ସୁବ୍ରତ କୁମାର ସାହୁ, ସମ୍ପାଦକ ସଞ୍ଜୟ କୁମାର ସାହୁ ଏବଂ କଟକ ଜିଲ୍ଲା ରାଜସ୍ୱ ଅମଲା ସଂଘ ସଭାପତି ସୁଧାଂଶୁ ଭୂଷଣ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ. ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଷ୍ଟାଫ କମିଟିର କର୍ମକର୍ତ୍ତା, ସମସ୍ତ କର୍ମଚାରୀଙ୍କ ସହ ସମନ୍ୱୟ ରକ୍ଷା କରି ଜନ-ସାଧାରଣଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ. ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଯୋଗାଣ ଅଧିକାରୀ କେ. ଚନ୍ଦ୍ର ଶେଖର ରାଓ, ଅତିରିକ୍ତ ଯୋଗାଣ ଅଧିକାରୀ ଦୀପକ ବେହେରା, ମଧୁସ୍ମିତା ମହାପାତ୍ର, ସହାୟକ ଯୋଗାଣ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର, ବିଷ୍ଣୁ ପରିଡାଙ୍କ ସହ ମହାନଗର ନିଗମ ନିରୀକ୍ଷକ, ଦେବୀ ପ୍ରସାଦ ଦାସ, ଇତିଶ୍ରୀ ଜେନା, ସହାୟକ ନିବନ୍ଧକ ଯୋଗାଣ ନିଗମ,ରୋଜାଲିନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ରୁ ରାଜସ୍ୱ ଅଭିଯୋଗ ଶୁଣାଣି ଆରମ୍ଭ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ତହସିଲ ସ୍ତରରେ ରାଜସ୍ୱ ସମ୍ପର୍କିତ ଅଭିଯୋଗ ମାମଲାର ଶୀଘ୍ର ସମାଧାନ ଓ ସାଧାରଣ ଜନତାଙ୍କୁ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଜୁଲାଇ-୨୦୨୬ ମାସ ପାଇଁ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତହସିଲ ସ୍ତରୀୟ ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ୧୪ ଜୁଲାଇ ୨୦୨୬ ତାରିଖରେ ପୂର୍ବାହ୍ନ ୧୦.୩୦ ଘଟିକାରେ ଗରଦପୁର ତହସିଲରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ରଘୁରାମ ଆୟର ଅଭିଯୋଗ ଶୁଣାଣି କରିବେ। ସେହିପରି ୧୫ ଜୁଲାଇ ୨୦୨୬ ତାରିଖରେ ପୂର୍ବାହ୍ନ ୧୦.୩୦ ଘଟିକାରେ ମାର୍ଶାଘାଇ ତହସିଲରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ଅଭିଯୋଗ ଶୁଣାଣି କରିବେ। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ୦୮ ଜୁଲାଇ ୨୦୨୬ ତାରିଖରେ ଆଳି ତହସିଲରେ ଏବଂ ୨୨ ଜୁଲାଇ ୨୦୨୬ ତାରିଖରେ କେନ୍ଦ୍ରାପଡ଼ା ତହସିଲରେ ପୂର୍ବାହ୍ନ ୧୦.୩୦ ଘଟିକାରେ ଅଭିଯୋଗ ଶୁଣାଣି କରିବେ। ସେହିଭଳି ୨୩ ଜୁଲାଇ ୨୦୨୬ ତାରିଖରେ ପୂର୍ବାହ୍ନ ୧୦.୩୦ ଘଟିକାରେ ଡେରାବିଶ ତହସିଲରେ ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଅରୁଣ କୁମାର ନାୟକ ଅଭିଯୋଗ ଶୁଣାଣି କରିବେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ତହସିଲଦାରଙ୍କୁ ଅଭିଯୋଗ ଶୁଣାଣି ସମ୍ପର୍କରେ ବ୍ୟାପକ ପ୍ରଚାର-ପ୍ରସାର କରିବା, ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ପୂର୍ବରୁ ସୂଚନା ପ୍ରଦାନ କରିବା ଏବଂ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ରାଜସ୍ୱ ସମ୍ପର୍କିତ ଅଭିଯୋଗକାରୀଙ୍କୁ ନିର୍ଦ୍ଧାରିତ ତାରିଖ ଓ ସ୍ଥାନରେ ଉପସ୍ଥିତ ରହି ନିଜ ଅଭିଯୋଗ ଉପସ୍ଥାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଆସଖେଳିବା, ଆସଶିଖିବା କାର୍ଯ୍ୟକ୍ରମ



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁବିକାଶ ବିଭାଗ ଏବଂ ରକେଟ୍‌ଲର୍ଣ୍ଣିଙ୍ଗ୍ ଅନୁଷ୍ଠାନର ମିଳିତ ପ୍ରୟାସରେ ଆସଖେଳିବା, ଆସଶିଖିବା ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୦ରୁ ୬ ବର୍ଷର ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନୂତନ ପ୍ରାରମ୍ଭିକ ଶିକ୍ଷା ପଦକ୍ଷେପ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସୁଷମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଜୟ ପାତ୍ର, ସୁନିତା ବେହେରା, ମମତା ମନୋରଞ୍ଜନ ଦାସ, ମମତା, ଶୁଭେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ସୁଦୃଢ଼ କରିବା, ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ଆସଖେଳିବା ଆସ ଶିଖିବା କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାୟନ ସମ୍ମୁଖରେ ବିସ୍ତୃତଭାବେ ଆଲୋଚନାକରି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ ସୁପରଭାଇଜର, ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ।

# ଅପପୁଷ୍ଟିର ଶିକାର ଶିଶୁଙ୍କ ଖାଦ୍ୟମାନ ବଦଳିବ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ (ମହିଳା ଓ ଶିଶୁ ବିକାଶ ବିଭାଗ) ପକ୍ଷରୁକମ୍ ଓଜନ ଥିବାଶିଶୁମାନଙ୍କ ପାଇଁ ସକାଳ ଜଳଖିଆ ଏବଂ ଅତ୍ୟନ୍ତ କମ୍ ଓଜନ ଶିଶୁମାନଙ୍କ ପାଇଁବ୍ୟୟମାନଦଣ୍ଡ ଓ ଖାଦ୍ୟ ତାଲିକାସଂପର୍କିତ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣକାର୍ଯ୍ୟକ୍ରମକେନ୍ଦ୍ରାପଡାର ଅତିରିକ୍ତଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତହୋଇଯାଇଛି। ଜିଲ୍ଲାସମାଜମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତସିଡିପିଓ, ସୁପରଭାଇଜର, ବ୍ଲକ ସଂଯୋଜକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ୍ ନେଇଥିଲେ।

# ଜନତାଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ନିଶ୍ଚିନ୍ତକୋଇଲି ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୦ ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୪୯ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ୨୮ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅଭିଯୋଗ ଶୁଣାଣି ସ୍ଥଳରେ , ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଜୁଲାଇ ୧୩ ତାରିଖରେ ବଡ଼ମ୍ବା ବ୍ଲକ୍ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ୩୫ତମ ଶ୍ରାଦ୍ଧଦିବସ ପାଳିତ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଅଲଣାହାଟ ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ଆଚାର୍ଯ୍ୟଙ୍କ ୩୫ତମ ଶ୍ରାଦ୍ଧଦିବସ ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ରାୟଙ୍କ ଅଧକ୍ଷତରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସମସ୍ତ ସଭ୍ୟ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମିଶି ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ପରେ ପରେ ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସଭ୍ୟ ପ୍ରଶାନ୍ତ ମିଶ୍ରଙ୍କ କବିତା, ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ର, ଉପସଭାପତି ଦେବେନ୍ଦ୍ର ଆଚାର୍ଯ୍ୟ, ଉପଦେଷ୍ଟା ଡ଼ ରାଖାଲ ରାୟ,ବଂଶୀଧର ଆଚାର୍ଯ୍ୟ, ରାଜକିଶୋର ମହାନ୍ତି, ବଂଶୀଧର ବେହେରା, ନବକିଶୋର ମହାନ୍ତିଙ୍କ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକଙ୍କ ତ୍ୟାଗପୂତ ଜୀବନଦର୍ଶନକୁ ଉପସ୍ଥାପନ କରିଥିଲେ । ଏହାପରେ ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରୀତିଜିଜ୍ଞାସା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଇକୋ ଶିକ୍ଷକ ଅମ୍ବିକା ପ୍ରସାଦ ସାହୁଙ୍କ ପରିଚାଳନାରେ ଆଲମୁନିର ସମସ୍ତ ସଭ୍ୟ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କଙ୍କ ମିଳିତ ସହଯୋଗରେ ବୃକ୍ଷ ରୋପଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# କେନ୍ଦୁଝରରେ ୧୭୫ ଅଭିଯୋଗ ପଞ୍ଜିକୃତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଆଜିର ଏହି ଶିବିରରେ ମୋଟ ୧୭୫ ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୪୭ ଟି, ସାମୁହିକ ଅଭିଯୋଗ ୨୮ଟି, ରେଡକ୍ରସ ସହାୟତା ପାଇଁ ଗୋଟିଏ ଆବେଦନ ଗ୍ରହଣ କରାଯାଇଛି। ୪୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ. ଡି, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ।

# ବ୍ୟାସନଗର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିଲେ ପୁରାତନ ଛାତ୍ରପରିଷଦ

**ବ୍ୟାସନଗର , ନ୍ୟୁଜ୍ ବ୍ୟୁରୋ**



ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ୬୧ ତମ ପ୍ରତିଷ୍ଠାଦିବସ ଉପଲକ୍ଷେ ବ୍ୟାସନଗର ମହାବିଦ୍ୟାଳୟ ର ପୁରାତନଛାତ୍ର ପରିଷଦ ପକ୍ଷରୁ ବ୍ୟାସଦେବ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେବା ସହିତ ସେଠାରେ ଆଲମୁନି ସଭାପତି ବିଦ୍ୟାଧର ମହାନ୍ତି ଙ୍କ ସଭାପତିତ୍ୱ ରେ ଏକ ସଭା ଆୟୋଜନ ହୋଇଥିଲା। ଏହି ସମାବେଶ ରେ ପ୍ରଥମେ କଲେଜ ର ପ୍ରାକ୍ତନ ଅଧକ୍ଷ ଓ ଛାତ୍ରପରିଷଦ ର ଆବାସିକ ସମ୍ପାଦକ ଡ଼ କୁଶ ଚନ୍ଦ୍ର ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ମହାବିଦ୍ୟାଳୟ ରେ ଦେଖାଯାଇଥିବା ବ୍ୟାପକ ଅବ୍ୟବସ୍ଥା ସମ୍ପର୍କ ରେ ଆଲମୁନି ପକ୍ଷରୁ ଅତିରିକ୍ତଜିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିବାକୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲମୁନିର ସମ୍ପାଦକ ନିତ୍ୟାନନ୍ଦ ମହାଳିକ, ଉପସଭାପତି ପ୍ରଫୁଲ ନାୟକ, ଶିକ୍ଷାବିତ୍ ଡ଼ ଦେବସ୍ମିତା ସାହୁ, ଆଇନଜୀବି ଲୋକନାଥ ରାଉତ କାଉନସିଲର ଶିବାନନ୍ଦ ନାୟକ,ପ୍ରମୁଖ ନିଜନିଜର ଅଭିଭାଷଣ ରେ ୬୧ ବର୍ଷରେ ପହଞ୍ଚିଥିବା ଏହି ମହାବିଦ୍ୟାଳୟର ପରିଚାଳନାଗତ ତ୍ରୁଟି ସହିତ ପରିବେଶ କୁ ନଷ୍ଟ କରାଯାଇଛି ବୋଲି ପୁରାତନ ଛାତ୍ରନେତା ମାନେ ଅଭିଯୋଗକରିବା କହିଲେ। ଏହି କଲେଜର ମାନ୍ୟତା ରଖିବା ଓ ଗୁଣାତ୍ମକଶିକ୍ଷା ଉପରେ ଆଲୋକପାତକରିଥିଲେ। ଶେଷରେ ସୁଦୀପ୍ତ ମିଶ୍ର ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

# ଇନର ହୁଇଲ କ୍ଲବ୍‌ର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**




ଇନର ହୁଇଲ କ୍ଲବ୍ ଅଫ୍ ରାଉରକେଲା ରିଭରସାଇଡ ତରଫରୁ ଅଷ୍ଟମ ପ୍ରତିଷ୍ଠା ଦିବସ ଆମ୍ବାଗାନ ନିକଟସ୍ଥ ସରୋବର ଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବା ଅଞ୍ଜଳି ହୋତା ଙ୍କ ଆବାହକତ୍ୱ ଓ ପିପି ଅଜିତା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେପି ହସ୍ପିଟାଲର ବରିଷ୍ଠ ଡ଼ାକ୍ତର ସ୍ତୁତି ଖାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ମହିଳା ମାନଙ୍କ ଗର୍ଭାବସ୍ଥାରେ ନିଜକୁ ତଥା ଶିଶୁ ର କିପରି ଯତ୍ନ ନେବ ଓ କ୍ୟାନସର ର ଲକ୍ଷଣ ଓ ତାହାର ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥବା ଦୁଇ ଜଣ ଛାତ୍ରୀ ତଥା ଆବଶ୍ୟକତା ଥିବା ୫୧ ଜଣ ଫୁଟପାଥ ବ୍ୟବସାୟୀଙ୍କୁ ଛତା ବଣ୍ଟନ କରାଯାଇଥିଲା। ସେହିପରି ଏହି ଅବସରରେ ୪ ଜଣ ନୂତନ ସଦସ୍ୟା ଭାରତୀ କର, ସୁଚିତ୍ରା ଦାସ, ମମତା ଦାସ, ସୁଜାତା ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ମାର୍ଗାରେଟ ଗୋଲଡିଂ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଅବସରରେ ବିଗତ ବର୍ଷର ସମ୍ପାଦିକା ସୁପ୍ରିୟା ମହାନ୍ତି ଗତବର୍ଷ ନିଆଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ତଥା ପ୍ରାକ୍ତନ ସଭାପତି ସିମରନଜିତ ଶେଖନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସନ୍ଧ୍ୟାରାଣୀ ବରାଳ ଅତିଥି ଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଚାର୍ଟର ସଭାପତି ପ୍ରତିମା ମହାପାତ୍ର ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ ମୀନତି ପଣ୍ଡା ଅତିଥିଙ୍କୁ ସମ୍ମାନିତ ଓ ମୀନା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ମଞ୍ଜୁଳା ପାତ୍ର, ସବିତା ମହାନ୍ତି, ମମତା ପାଠୀ,ଡିମ୍ପଲ ସାହୁ, ବିଜୟଲକ୍ଷ୍ମୀ ମିଶ୍ର, କ୍ରିଷ୍ଣା ସାହୁ,ମୀନା ଶତପଥୀ, ବିଣାପାଣି ରାୟ,ଅମ୍ରିତା ତ୍ରିପାଠୀ, ଅନିତା ନାୟକ, ମଞ୍ଜୁବାଳା ପାଢ଼ୀ,ଡ ସଂଯୁକ୍ତା ପତି, ସୁଚିତ୍ରା ଦାସ, ମଞ୍ଜୁ ମହାପାତ୍ର, ନିବେଦିତା ପଟ୍ଟନାୟକ,ଡ କିଶୋରୀ ଦାଶ, ସନ୍ଧ୍ୟାରାଣୀ ପ୍ରଧାନ, ଝରଣା ଦାସ, ସୁଜାତା ମହାନ୍ତି ପ୍ରଭୃତି ସହଯୋଗ କରିଥିଲେ ।

# ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଙ୍କ ଆଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି ଓ ଏହି ଅବସରରେ ସ୍ଥାନୀୟ ଜୁଡ଼ିସିଆଲ ଅଫିସର କଲୋନୀ, ସୋନପୁର ଠାରେ ଏକ ସମୂହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଓ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ଅଧକ୍ଷ ତଥା ଜିଲ୍ଲା ଜଜ ଗିରିଜା ପ୍ରସାଦ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ଓ ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଦିଲ୍ଲୀପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଶ୍ୱ ବିଶୃତ କର, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପାରମିତା ପ୍ରତିହାରୀ, ବରିଷ୍ଠ ଦେୱାନୀ ଜଜ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ନାୟକ, ଜ଼ିଲ୍ଲା ଓକିଲ ସଂଘ ର ସଭାପତି ପ୍ରତାପ କୁମାର ପୁରୋହିତ, ଉପସଭାପତି ଶମ୍ଭୁ ପ୍ରସାଦ ବିଶି, ସମ୍ପାଦକ ପ୍ରିୟଜିତ ମିଶ୍ର, ଆଇନ ଗତ ସହାୟତା ପ୍ରତିରକ୍ଷା ଓକିଲ ଚମ୍ପେଶ୍ୱର ଥନାପତି, ଗୋପାଳ କୃଷ୍ଣ ମିଶ୍ର, ସମ୍ମୁଖ କାର୍ଯ୍ୟାଳୟ ର ଓକିଲ ପ୍ରବୋଧ କୁମାର ଦାଶ ଏବଂ ଓକିଲ ସଂଘର ସଦସ୍ୟ ସନ୍ତୋଷ କୁମାର ମେହେର, ବାବୁଲାଲ ଦାଶ, ପ୍ରଫୁଲ୍ଲ ସାହୁ ଯୋଗ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗ ଅଧିକାରୀ ସୁଜ୍ଞାନୀ ମିଶ୍ର ସହଯୋଗ କରିଥିଲେ ଓ ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।



# ବାଲେଶ୍ୱରରେ ୨୧୫ ଜଣଙ୍କ ଅଭିଯୋଗ ଫର୍ଦ୍ଦ ଦାଖଲ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୧୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୭୪ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩୯ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶିରୀୟାଲ ଶୁଭ୍ର ପଟେଲଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜୁଲାଇ ୨୦୨୬ ସୋମବାର





### ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରା

# ଭାରତୀୟ ଦୂତାବାସ କର୍ମଚାରୀ ସାମିଲ ନହେବାକୁ ଅନୁରୋଧ କଲେ ପଦ୍ମଶ୍ରୀ ସୁଦର୍ଶନ



**ପୁରୀ, ନ୍ୟୁଜ ବ୍ୟୁରୋ**

ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରାରେ ଭାରତୀୟ ଦୂତାବାସ କର୍ମଚାରୀ ସାମିଲ ନେହେବାକୁ ବୈଦେଶିକ ମନ୍ତ୍ରୀଙ୍କୁ ଏକ୍ସ ଯୋଗେ ଅନୁରୋଧ କରିଛନ୍ତି, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ବିଦେଶରେ ଇସ୍କନ ଅଦିନିଆ ରଥଯାତ୍ରା ଉପରେ ରୋକ୍ ଲଗାଇବାକୁ ବୈଦେଶିକ ବିଭାଗ ପଦକ୍ଷେପ ନେବାକୁ ସୁଦର୍ଶନ ଅନୁରୋଧ କରିଛନ୍ତି । ଇସ୍କନ ବିଦେଶରେ ଅଦିନିଆ ରଥଯାତ୍ରା କରୁଥିବା ବେଳେ ଏହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଉଛି । ହେଲେ ଇସ୍କନର ଅଦିନିଆ ରଥଯାତ୍ରାରେ ବିଦେଶରେ ଭାରତୀୟ ଦୂତାବାସ କର୍ମଚାରୀ ଯୋଗ ଦେଉଛନ୍ତି । ଏହା ଦ୍ୱାରା ଅଦିନିଆ ରଥଯାତ୍ରା ଆୟୋଜନ କରିବାରେ ଇସ୍କନକୁ ସାହାସ ମିଳୁଛି । ଏଣୁ ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରାରେ ଭାରତର ଦୂତାବାସ କର୍ମଚାରୀ ସାମିଲ ନେବାକୁ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତର ସବୁ ଦୂତାବାସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି, ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ସୁଦର୍ଶନ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଏନେଇ ଅନୁରୋଧ କରିଛନ୍ତି । କେନିଆରେ ଅଦିନିଆ ରଥଯାତ୍ରାରେ ଭରତୀୟ ଦୂତାବାସର ହାଇକମିଶନର ସାମିଲ ହୋଇଥିବା ଏକ ଫୋଟୋକୁ ସୁଦର୍ଶନ, ଏସ ଜୟଶଙ୍କରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଦିନିଆ ରଥଯାତ୍ରା ଆୟୋଜନ ଜଗନ୍ନାଥ ସଂସ୍କୃତି ପ୍ରତି ଅପମାନ । ଏହିଭଳି ସଂସ୍କୃତି ବିରୋଧୀ କାର୍ଯ୍ୟରୁ ଇସ୍କନ ନିବୃତ୍ତ ରଖିବା ପାଇଁ ବୈଦେଶିକ ମନ୍ତ୍ରୀ ପଦକ୍ଷେପ ନେବାକୁ ସୁଦର୍ଶନ ତାଙ୍କ ଏକ୍ସ ପୋଷ୍ଟରେ ସୂଚନା ଦେଇଛନ୍ତି । ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, 'ଗଜପତି ମହାରାଜାଙ୍କ ବାରମ୍ବାର ଅନୁରୋଧ ପରେ ବି ବିଦେଶରେ ଅତିଥିରେ ଇସ୍କନ ବାରମ୍ବାର ରଥଯାତ୍ରା ଅୟୋଜନ କରିବା ଅତ୍ୟନ୍ତ ନିନ୍ଦନୀୟ। ଅଦିନିଆ ରଥଯାତ୍ରା ରୋକ୍ ଲଗାଇବା ନେଇ ଗଜପତି ମହାରାଜାଙ୍କ ଚିଠିକୁ ଇସ୍କନ ପ୍ରତ୍ୟାଖାନ କରିବା ଅତ୍ୟନ୍ତ ନିନ୍ଦନୀୟ । ଇସ୍କନ ଏବେ ମହାପ୍ରଭୁଙ୍କୁ ଏକ ବ୍ୟବସାୟରେ ପରିଣତ କରିଦେଇଛି । ତେବେ ବିଦେଶରେ ଅଦିନିଆ ରଥଯାତ୍ରାରେ ଭାରତର ଦୂତାବାସ ସାମିଲ ହେବା ଅତି ଉଦବେଗଜନକ କଥା । ଏହା ଦ୍ୱାରା ଇସ୍କନ ଅଦିନିଆ ରଥଯାତ୍ରା ଅୟୋଜନ ନେଇ ଆହୁରି ଅଧିକ ପ୍ରୋସାହନ ପାଉଛି। ଏଣୁ ଇସ୍କନ ଅଦିନିଆ ରଥଯାତ୍ରାରେ ଭାରତର ଦୂତାବାସ ସାମିଲ ନ ହେବାକୁ ମୁଁ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ଏକ୍ସ ଯୋଗେ ଅନୁରୋଧ କରିଛି। ବିଦେଶରେ ଇସ୍କନ ଅଦିନିଆ ରଥଯାତ୍ରା ଉପରେ ରୋକ୍ ଲଗାଇବା ନେଇ ମୁଁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଅନୁରୋଧ କରିଛି ।'

### ରାଜସ୍ୱ ମନ୍ତ୍ରୀଙ୍କ ଦିନିକିଆ ବରଗଡ଼ ଗସ୍ତ

# ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ନବନିର୍ମିତ ଭିତ୍ତିଭୂମି ଉଦ୍‌ଘାଟନ ସହ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା

**ବରଗଡ, ନ୍ୟୁଜ ବ୍ୟୁରୋ**

ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ଦିନିକିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ସିଏସ୍‌ଆର ପାଣ୍ଠିରେ ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା କନିଷ୍ଠ ମହାବିଦ୍ୟାଳୟ ଠାରେ ସମୁଦାୟ ୪୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଅଡିଟୋରିୟମ୍ ଏବଂ ବାଳିକା କମନ୍ ରୁମ୍ ସହ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଠାରେ ୪୯,୫୩,୨୦୦ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଶ୍ରେଣୀ କୋଠରୀ ନିର୍ମାଣର ଶୁଭ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ସହ ସୁଦୃଢ଼ ଶିକ୍ଷା ଭିତ୍ତିଭୂମି ଗଠନକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ନବନିର୍ମିତ ସୁବିଧାର



ସଦୁପଯୋଗ କରି ଅଧ୍ୟବସାୟ, ଶୃଙ୍ଖଳା ଓ ନିଷ୍ଠାର ସହିତ ସମସ୍ତେ ଅଧ୍ୟୟନ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାରୀ ହେବା । ଏତଦବ୍ୟତୀତ ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶରେ ଏମ୍‌ସିଏଲ୍‌ର ସିଏସ୍‌ଆର ପଦକ୍ଷେପକୁ ସେ ପ୍ରଶଂସା କରିବା ସହ ନବନିର୍ମିତ ଭିତ୍ତିଭୂମି ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପରିବେଶକୁ ଅଧିକ ସୁଦୃଢ଼ କରିବ ବୋଲି ଆଶାବ୍ୟକ୍ତ କରିଥିଲେ ଏବଂ ସରକାରୀ ଉଦ୍ୟୋଗ ସଂସ୍ଥାମାନଙ୍କର ମିଳିତ ପ୍ରୟାସ ସାମାଜିକ ଓ ଶିକ୍ଷାଗତ ବିକାଶରେ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ, ମାନ୍ୟବର ସାଂସଦ ପ୍ରଦୀପ ପୁରୋହିତ ଏବଂ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଭୟ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନ ପାଇଁ ସଚେତନତାର ବାର୍ତ୍ତା ଦେବା ସହ ଏମ୍‌ସିଏଲ୍‌ର ସିଏସ୍‌ଆର କାର୍ଯ୍ୟକ୍ରମକୁ ପ୍ରଶଂସା କରି ଉନ୍ନତ ଶିକ୍ଷା ଭିତ୍ତିଭୂମି ନିର୍ମାଣ ଭବିଷ୍ୟତ ପିଢ଼ି ପାଇଁ ଏକ ମୂଲ୍ୟବାନ ବିନିଯୋଗ ବୋଲି ମତ ପ୍ରକାଶ କରିଥିଲେ ।

ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରିମତୀ ମାନିନୀ ଭୋଇ, ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ କଲ୍ପନା ମାଝୀ ଏବଂ ବରଗଡ଼ ଉପଜିଲ୍ଲାପାଳ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ବରଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବର୍ଷୀୟସ ଡୁଙ୍ଗ ଡୁଙ୍ଗ, ଏମ୍‌ସିଏଲ୍‌ର ଜିଏମ୍ (ସିଏସ୍‌ଆର) ଜ୍ୟୋତିର୍ମୟ ସିହ୍ନା, ମହାବିଦ୍ୟାଳୟ ଓ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ, ଅଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ଏହାପରେ ଅମ୍ବାପାଲି ସର୍କିଟ ହାଉସ ଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାର ରାଜସ୍ୱ ପ୍ରଶାସନ, ଜମି ଅଧିଗ୍ରହଣ ଏବଂ ସ୍ୱତ୍ୱଲିପି (ଜକ୍ଲଜ) ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ଅସମ୍ପୂର୍ଣ ମାମଲାଗୁଡ଼ିକର ଶୀଘ୍ର ନିଷ୍ପତ୍ତି, ଜନସ୍ୱାର୍ଥମୂଳକ ପ୍ରକଳ୍ପଗୁଡ଼ିକ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟର ତ୍ୱରାନ୍ୱିତ ସମ୍ପାଦନ ଏବଂ ସ୍ୱତ୍ୱଲିପି ସମ୍ବନ୍ଧୀୟ ସମସ୍ୟା ଗୁଡିକର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱର ସହ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ମାଟ୍ରିକ୍ ମାର୍କସିଟ୍ ପାଇଁ ଖୋଲୁନି ବୋର୍ଡ ସାଇଟ୍: ସମସ୍ୟାରେ ଛାତ୍ରଛାତ୍ରୀ

**କଟକ, ନ୍ୟୁଜ ବ୍ୟୁରୋ**

ଏବେ +୨ରେ ନାମଲେଖା ପ୍ରକ୍ରିୟା ଚାଲିଥିବା ବେଳେ ଏଥିପାଇଁ ଆବଶ୍ୟକ ହେଉଥିବା ମାଟ୍ରିକ୍ ମାର୍କସିଟ୍ ପାଇଁ ଛାତ୍ରଛାତ୍ରୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ଛାତ୍ରଛାତ୍ରୀଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ପକ୍ଷରୁ ମାର୍କସିଟ୍ ମିଳିନଥିବା ବେଳେ ବୋର୍ଡ ଦ୍ୱାରା ଏକ ୱେବ୍‌ସାଇଟ୍‌ରେ ମାର୍କସିଟ୍ ଉପଲବ୍ଧ କରାଯାଇଛି । କିନ୍ତୁ ଆଜି ଏହି ୱେବ୍‌ସାଇଟ୍ ଖୋଲୁ ନଥିବା ଦେଖିବାକୁ ମିଳିଛି । ଫଳରେ ଛାତ୍ରଛାତ୍ରୀମାନେ ମାର୍କସିଟ୍ ଡାଉନ୍‌ଲୋଡ୍ କରିନପାରି ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି । ଛାତ୍ରଛାତ୍ରୀମାନେ ବାରମ୍ବାର ସାଇଟ୍ ଖୋଲିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି । ୯ ତାରିଖରୁ + ୨ରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବା ମାର୍କସିଟ୍ ଡାଉନ୍‌ଲୋଡ୍ ପାଇଁ ସାଇଟ୍ ଖୋଲୁନ ଥିବାରୁ ବହୁ ଛାତ୍ରଛାତ୍ରୀ ନାମଲେଖାଇ ପାରିନାହାନ୍ତି । ତେବେ ୱେବ୍‌ସାଇଟ୍‌ରେ ହୋଇଥିବା ସମସ୍ୟା ସମ୍ପର୍କରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।




# ଜିଲ୍ଲା ପୋଲିସ ଓ ପ୍ରଶାସନକୁ ମନ୍ଦିର ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ

**ଆଠଗଡ, ନ୍ୟୁଜ ବ୍ୟୁରୋ**

ଦୀର୍ଘ ଦୀନ ଧରି ଆଠଗଡ଼ ପୋଲିସ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ଲୁଟ କରି ଚାଲିଛନ୍ତି ମଠ ଓ ମନ୍ଦିରର ହୁଣ୍ଡୀ ଠାକୁରଙ୍କ ପୁଜାର୍ଚ୍ଚନା ସାମଗ୍ରୀ, ଠାକୁରଙ୍କ ସୁନା ଓ ରୂପା ମୂର୍ତି, ଗହଣା ଓ ହୁଣ୍ଡିର ଦାନ ଅର୍ଥ ସହିତ ମୂଲ୍ୟବାନ ସାମଗ୍ରୀ। ସୂଚନା ଥାଉକି ଲୁଟେରାମାନେ ବାରମ୍ବାର ଆଠଗଡ ଥାନା ସମ୍ମୁଖରେ ଥିବା ମା'ବାଉତିଙ୍କ ମନ୍ଦିରରୁ ବାରମ୍ବାର ଲୁଟ୍ କରି ଖସି ଯାଉଥିବା ବେଳେ ଅଭିନବ ଉପାୟରେ ଆଠଗଡ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଚାନ୍ଦବାଲି ଛକ ହନୁମାନ ମନ୍ଦିର ହୁଣ୍ଡିରେ ଥିବା ଅର୍ଥ ଓ ସାମଗ୍ରୀ ଲୁଟେରା ଲୁଟ କରିବା ପାଇଁ ହୁଣ୍ଡୀ ଭାଙ୍ଗି ଟଙ୍କା ନେଇଥିବା ଯୁବକକୁ ଜନସାଧାରଣ ଧରି ପୋଲିସକୁ ଜିମା ଦେଇଛନ୍ତି। ଅଭିଯୁକ୍ତ ତିଗିରିଆ ଥାନା ଅନ୍ତର୍ଗତ ଗୋଡିଝରିଆ ଗ୍ରାମ ଗଡପଡା ଶବର ସାହିର ସ୍ୱର୍ଗତ ବିକଳ ଦେହୁରୀଙ୍କ ପୁଅ ପବିତ୍ର ଦେହୁରୀ ଓରଫ ମୂଳିଆ (୨୫) ଜଣାପଡ଼ିଛି। ପୋଲିସ ଥାନା କେଶନଂ ୨୮୭/୨୬ର ମାମଲା ରୁଜୁ



କରି ତଦନ୍ତ ଆରମ୍ଭ କରିଛି। ଆଠଗଡ ସହର ଦେଇ ଯାଇଥିବା କଟକ-ସମ୍ବଲପୁର ରାସ୍ତା ଚାନ୍ଦବାଲି ଛକ ପାଖ ଏକ କବାଡି ଦୋକାନ ନିକଟରେ ଥିବା ବାଲି ଗଦା ତଳେ ଅଭିଯୁକ୍ତ ଲୁଚାଇ ରଖିଥିବା ୧୦ହଜାର୨ଶହ ଟଙ୍କାକୁ ଜବତ କରିଛି, ପୋଲିସ ଅଭିଯୁକ୍ତ ନାମରେ ଆଠଗଡ ଥାନା ସମେତ ତିଗିରିଆ, ବାଙ୍କୀ, ବାରଙ୍ଗ ଆଦି ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ରହିଛି। ଏଣୁ ଖବର ପାଇ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀମାନେ ପହଞ୍ଚି ପଚରାଉଚରା କରୁଛନ୍ତି ବୋଲି ଥାନା ଅଧିକାରୀଣି ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶ ଶନିବାର ସକାଳେ ପୂଜାରୀ ମନ୍ଦିରରେ ହୁଣ୍ଡି ଭାଙ୍ଗି ପଡିଥିବା ନେଇ କମିଟି ସଦସ୍ୟଙ୍କୁ ଜଣାଇଲା ପରେ ଘଟଣା ପ୍ରଘଟ ହୋଇଥିଲା। ସଂଗେ ସଂଗେ ସ୍ଥାନୀୟ ଜନ ସାଧାରଣ ଖୋଜାଖୋଜି କରୁଥିବା ବେଳେ ଲୁଟେରାକୁ ନିଶାସକ୍ତ ଅବସ୍ଥାରେ ଧରି ପୋଲିସରେ ଜିମା ଦେଇଥିଲେ । କିନ୍ତୁ ଏହି ମନ୍ଦିର ଲୁଟେରାମାନେ ବାରମ୍ବାର ପୋଲିସ ପ୍ରଶାସନକୁ ଚକମା ଦେଇ ପୋଲିସକୁ ଖାତିର ନ କରି ବାରମ୍ବାର ଆଠଗଡ ସହରରୁ ଗାଁ ଗହଳିରେ ଥିବା ମନ୍ଦିରମାନଙ୍କରୁ ବାରମ୍ବାର ଠାକୁର ଠାକୁରାଣୀଙ୍କ ଅର୍ଥ ଓ ମନ୍ଦିର ସାମଗ୍ରୀ ଲୁଟ କରି ଚାଲିଛନ୍ତି। ଏହା ପଛରେ ଏକ ମନ୍ଦିର ଲୁଟେରା ର୍‍ୟାକେଟ କାମ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଆଠଗଡର କିଛି କବାଡିଆ ଦୋକାନୀ ମାନଙ୍କ ପାଇଁ ଆଠଗଡରେ ଥିବା ସରକାରୀ କାର୍ଯ୍ୟାଳୟ ଠାରୁ ଧରି ବିଭିନ୍ନ କଳକାରଖାନାର ବିଭିନ୍ନ ସାମଗ୍ରୀ ବାରମ୍ବାର ଲୁଟ୍ କରି ସାଗମାଛ ଦରରେ ଆଣି କବାଡି ବାଲାଙ୍କୁ ବିକୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଏଥିରେ କିଛି ଅସାଧୁ ପୋଲିସ କର୍ମଚାରୀଙ୍କ ହାତ ଥିବା ଅଭିଯୋଗ ହେଉଛି। କିଛି ଅସାଧୁ ପୋଲିସମାନେ ମାସିକ ଅର୍ଥ ନେଇ ଏହି ବେଆଇନ କାର୍ଯ୍ୟ ଚଳାଇବାକୁ ପ୍ରଶୟ ଦେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଅଛି । ଏଭଳି ପରିସ୍ଥିତରେ ସାଧାରଣ ଲୋକ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ହାଇୱା ଧକ୍କାରେ ଆରଆଇଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଧର୍ମଶାଳାଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ଆରୁହା ଛକ ନିକଟରେ ହାଇୱା ଧକ୍କାରେ ଜଣେ ବାଇକ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଅପରାହ୍ନରେ ଏହି ଥାନା ଆରୁହା ଗ୍ରାମର ଶରତଚନ୍ଦ୍ର ବଳଙ୍କ ପୁଅ ଶଶୀକାନ୍ତ (୩୧) ନିଜ ବାଇକରେ ସୁକିନ୍ଦା ତହସିଲ ଅଫିସରୁ ଫେରୁଥିବା ବେଳେ ତାଙ୍କୁ ଏକ ଅଜଣା ହାଇୱା ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟଲୋକ ଉତ୍ତେଜିତହୋଇ ରାସ୍ତାଅବରୋଧ କରିଥିଲେ। ଧର୍ମଶାଳା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକରିବା ସହ ଘଟଣାର ତଦନ୍ତଜାରି ରଖିଛି। ଅଧୁନା ଶଶୀକାନ୍ତ ସୁକିନ୍ଦା ତହସିଲ ଆରଆଇ ଭାବେ କାର୍ଯ୍ୟ କରୁଥିଲେ।



### ............ ଯାତ୍ରା ଆଗରେ ଫିକା ଓଡ଼ିଆ ସିନେମା ! ............

# ସୁପରଷ୍ଟାରଙ୍କ ମାର୍କେଟ୍ ଖାଇଗଲେ ଭାଇରାଲ୍ ଷ୍ଟାର : ରୋଜଗାରରେ ବି ଭାଙ୍ଗିଲେ ରେକର୍ଡ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉଠୁଛି ଯଲିଉଡ୍, ଖସୁଛି ଓଲିଉଡ୍ ! ଯାତ୍ରା ଆଗରେ ଫିକା ଓଡ଼ିଆ ସିନେମା । ମେଗାଷ୍ଟାର, ସୁପରଷ୍ଟାରଙ୍କ ମାର୍କେଟ୍ ଖାଇଗଲେ ଭାଇରାଲ୍ ଷ୍ଟାର୍ । କ୍ରେଜ୍‌ରେ, ବେପାରରେ ସିନେମାକୁ ଟପିଲା ଯାତ୍ରା । ରଚିଲା ଇତିହାସ । କୋଟି କୋଟିର ରୋଜଗାର କରି ଯାତ୍ରା ଭାଙ୍ଗିଲା ଓଡ଼ିଆ ସିନେମା ରେକର୍ଡ । ଯାହାକୁ ନେଇ ସୋସିଆଲ୍ ମିଡ଼ିଆରେ ଖୁବ୍ ଚର୍ଚ୍ଚା । ଯାତ୍ରା ସିନେମାର ବେପାରକୁ ନେଇ ଘୂରି ବୁଲୁଛି ତଥ୍ୟ । ପରେ ଏହାକୁ ନେଇ ଆରମ୍ଭ ହୋଇଛି ତୁଳନାତ୍ମକ ଆଲୋଚନା । ମନୋରଞ୍ଜନ ଦୁନିଆରେ ଏବେ ଯାତ୍ରାର ରାଜ୍ । ବହି ଜାଲୁଛି ଯାତ୍ରାପାର୍ଟି । କ୍ଷାହକାଷ୍ଟ ହେଉ କି ସଂଳାପ, ସଙ୍ଗୀତ ହେଉ କି ମେଲୋଡି । ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଚମତ୍କାର ମଞ୍ଚ ପରିଚାଳନା କେବଳ ଦର୍ଶକଙ୍କ ମନ ଛୁଉଁନି, ବରଂ କୋଟି କୋଟିର ରୋଜଗାର ଦେଉଛି । ରାତିକୁ ରାତି ଲକ୍ଷ ଲକ୍ଷ ବେପାର। ହାଉସ୍ ଫୁଲ୍ ସାଙ୍ଗକୁ ଟିକଟ୍ ବ୍ଲାକ୍ । ଗତ ଯାତ୍ରା ସିଜିନ୍‌ରେ ବହୁଳ ଲୋକପ୍ରିୟତା ସାଉଁଟିଛି ଯାତ୍ରା ସିଂହବାହିନୀର ନାଟକ "ତୁ ମୋ ବଜରଙ୍ଗୀ' ଏବଂ କୋଣାର୍କ ଗଣନାଟ୍ୟର "ତୁ ବୋଧେ ମୋ ଭାଗ୍ୟରେ ନାହୁଁ" । ୨ଟି ନାଟକ ୫ରୁ ୮ କୋଟି ବେପାର କରିଛନ୍ତି । ହାଇପେଡ୍ ଆର୍ଟିଷ୍ଟ ପୀୟୁଷ ତ୍ରିପାଠୀଙ୍କ ଅଭିନୀତ "ତୁ ମୋ ବଜରଙ୍ଗୀ' ୧୨୪ ରାତି ମଞ୍ଚସ୍ଥ ହୋଇ ଆୟ କରିଛି ୫ କୋଟି ୫୮ ଲକ୍ଷ । ଗୋଟିଏ ରାତି ପିଛା ବେପାର ସାଢ଼େ ୪ ଲକ୍ଷ । ସେହିପରି ଯାତ୍ରା କିମ୍ବଦନ୍ତୀ ଦୈତାରୀ ପଣ୍ଡାଙ୍କ ସହ ପୂଜା, ଜିତୁ, ବସନ୍ତ ଏବଂ ନଳିନୀଙ୍କୁ ନେଇ ପ୍ରସ୍ତୁତ ନାଟକ "ତୁ ବୋଧ ମୋ ଭାଗ୍ୟରେ ନାହୁଁ' ୨୩୩ ରାତିରେ ମଞ୍ଚସ୍ଥ କରି ୮ କୋଟି ୧୫ ଲକ୍ଷ ୫୦ ହଜାର ଟଙ୍କା ରୋଜଗାର କରିଛି । ରାତି ପିଛା ବେପାର ସାଢ଼େ ୩ ଲକ୍ଷ । ସିନେମା କଥା ଦେଖିଲେ, ଚଳିତ ବର୍ଷ ମୁକ୍ତିଲାଭ କରିଥିବା କିଛି ପ୍ରମୁଖ ସିନେମାର ଆୟକୁ ମିଶାଇଲେ ୧୫ କୋଟି ଭିତରେ ରହୁଛି । ୨-୪ଟି ସିନେମାକୁ ଛାଡ଼ିଲେ ବାକିରେ ହଲ୍ ଫାଙ୍କା । କିଏ କେତେବେଳେ ଆସୁଛନ୍ତି, ଯାଉଛନ୍ତି ଜଣାପଡୁନି । ସକାଳେ ପ୍ରିମିୟର୍ ହେଲେ ସନ୍ଧ୍ୟାକୁ ଉଠିଯାଉଛି । ବିଶେଷ ଚର୍ଚ୍ଚା ସାଉଁଟିଥିବା 'ରକ୍ତ ଗୋଲାପ', 'ଚକ୍ରାନ୍ତ', 'ଆଫା', 'ବିନ୍ଦୁ ସାଗର', 'ମେମ୍‌ସାହେବ', 'ମେହେରମୁଣ୍ଡା', 'ଡାଏରୀ', 'ବର ବଧୂ', 'କାଙ୍ଗୁଲା', 'ମୁରବି', 'ମନ୍ତ୍ରମୁଗ୍ଧ', 'ଶିକାର' ଏବଂ 'ଛକିଶୂନ' ଭଳି ୧୩ଟି ସିନେମାର ବେପାର ୧୨.୫୮ କୋଟି ଉପରେ ରହିଥିବା ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚା ହେଉଛି । ତେବେ ଉଭୟ ଯାତ୍ରା ଓ ସିନେମାକୁ ନେଇ ସୋସିଆଲ୍ ମିଡ଼ିଆର ଟ୍ରେଣ୍ଡ ସହ ରୋଜଗାରର ତୁଳନାତ୍ମକ ଛବିକୁ ଯଦି ଦେଖିବା, ତାହେଲେ ଓଡ଼ିଆ ଚଳଚ୍ଚିତ୍ର ପଛରେ ପଡ଼ିଛି ନିଶ୍ଚୟ । ସେଥିପାଇଁ ଯାତ୍ରାରେ ହାଇପେଡ୍ ଆର୍ଟିଷ୍ଟଙ୍କ ଜବରଦସ୍ତ ଆକ୍ଟିଂ ଏବଂ ଅନୁଭବୀ କଳାକାରଙ୍କ ଜୀବନ୍ତ ଅଭିନୟ ଦାୟୀ । ଯେଉଁଥି ପାଇଁ ନାଟକ ହାଟ ବଜାରରେ ଚହଳ ପକାଉଛି । ଅନେକ ବାଦ, ବିବାଦ ଓ ଲାଭ କ୍ଷତି ସତ୍ତ୍ୱେ ଯାତ୍ରା ଶୀର୍ଷରେ ରହିଛି । ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଥିବା ଏହି ହିସାବ ହିଁ ପ୍ରମାଣିତ କରୁଛି ଯାତ୍ରାର ଲୋକପ୍ରିୟତା ଆକାଶ ଛୁଆଁ । ସେପଟେ ଯାତ୍ରାକୁ ସିନେମା ସହ ତୁଳନା ନକରାଯାଉ । ଆୟବ୍ୟୟ ଦେଖି ତୁଳନା ନହେଉ ବୋଲି ମତ ଦେଉଛନ୍ତି କଳା ସମୀକ୍ଷକ ଏବଂ ସିନେମା ପ୍ରଯୋଜକ ।

# ରାଇଘରରେ ସାମ୍ବାଦିକ ପରିଚୟ ଦେଇ ଚାନ୍ଦା ଆଦାୟ ଅଭିଯୋଗ

### ପ୍ରକୃତ ସାମ୍ବାଦିକଙ୍କ ଛବି ଉପରେ ପଡୁଛି ପ୍ରଭାବ : ପ୍ରଶାସନୀୟ ତଦନ୍ତ ଦାବି

**ରାଇଘର, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ କିଛି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଇ ବିଭିନ୍ନ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି । ଏହି ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବାବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ମଧ୍ୟ ପ୍ରକାଶ ପାଉଛି । ସ୍ଥାନୀୟ ମହଲର କହିବା ଅନୁସାରେ, କିଛି ଅସାମାଜିକ ବ୍ୟକ୍ତି ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଭୟଭୀତ କରିବା ସହ ଟଙ୍କା ଦେବା ପାଇଁ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି । କେତେକ କ୍ଷେତ୍ରରେ ସେମାନେ ଖବର ପ୍ରକାଶ କରିବାର ଭୟ ଦେଖାଇ ଅର୍ଥ ଆଦାୟ କରିବାକୁ ଚେଷ୍ଟା କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଭାବେ ପୁଷ୍ଟି ହୋଇନାହିଁ। ପ୍ରକୃତ ସାମ୍ବାଦିକମାନେ ସମାଜର ସମସ୍ୟାକୁ ଲୋକଲୋଚନକୁ ଆଣିବା ଓ ଜନସାଧାରଣଙ୍କ ସ୍ୱରକୁ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କାମ କରୁଥିବାବେଳେ, କିଛି ଅସାଧୁ ବ୍ୟକ୍ତିଙ୍କ ଏପରି ଆଚରଣ ଯୋଗୁଁ ସମଗ୍ର ସାମ୍ବାଦିକ ସମାଜ ବଦନାମ ହେଉଥିବା ବୋଲି ଅନେକ ପ୍ରକୃତ ସାମ୍ବାଦିକ ମତ ପ୍ରକାଶ କରୁଛନ୍ତି । ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ କହିବା ଅନୁସାରେ, ଯେଉଁ ବ୍ୟକ୍ତି ପ୍ରକୃତରେ କୌଣସି ଗଣମାଧ୍ୟମ ସହିତ ଜଡ଼ିତ ନୁହନ୍ତି, ସେମାନେ ସାମ୍ବାଦିକ ପରିଚୟ ଦେଇ ସମାଜରେ ଭ୍ରମ ସୃଷ୍ଟି କରୁଥିବା ବ୍ୟକ୍ତି କ୍ଷ୍ୟାସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏପରି ଘଟଣା ଉପରେ ଅଙ୍କୁଶ ନ ଲାଗିଲେ ସାଧାରଣ ଲୋକଙ୍କ ବିଶ୍ୱାସ ଗଣମାଧ୍ୟମ ଉପରୁ କମିଯିବାର ଆଶଙ୍କା ରହିଛି। ଅନେକ ସଚେତନ ନାଗରିକ ପ୍ରଶାସନଙ୍କୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହିତ, ପ୍ରକୃତ ଦୋଷୀ ଚିହ୍ନଟ ହେଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି ସାଧାରଣ ଲୋକଙ୍କୁ ମଧ୍ୟ କୌଣସି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଲେ, ସେମାନଙ୍କ ପରିଚୟପତ୍ର ଯାଞ୍ଚ କରିବା ଏବଂ କୌଣସି ପ୍ରକାରର ଅବୈଧ ଅର୍ଥ ଦାବି ହେଲେ ତୁରନ୍ତ ସ୍ଥାନୀୟ ପୁଲିସ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଅନୁରୋଧ କରାଯାଉଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ମଙ୍ଗ / ଲାରକେତୁ | ୧୧ | ଶ୍ର୧୦ / ୯ରା |
| ୨ବୃ | ୫ / ୩ | ୮ |
| ୩ଶୁକ୍ରେ / ୪ | ୫ | ୭ / ୬ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୦୭।୨୦୨୬, ଆଷାଢ଼ ଦ୨୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୧୭।୨୮ ଚନ୍ଦ୍ରୋଦୟ- ନିଘ ୪।୫୦।୨୧**

ଚତୁର୍ଦ୍ଦଶୀ ସଂଘ ୬।୫୧ ପର୍ଯ୍ୟନ୍ତ । ମୃଗଶିରା ନକ୍ଷତ୍ର ପ୍ରାଘ ୫।୪୩ ଗତେ ଆର୍ଦ୍ରା ନକ୍ଷତ୍ର କ୍ଷୟ । ମିଥୁନ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ସଂଘ ୬।୫୧ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୯ ଗତେ ଦିଘ ୧୦।୩୫ ମଧ୍ୟେ। **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଅଣସର ଚତୁର୍ଦ୍ଦଶୀ, ଶ୍ରୀଜୀଉଙ୍କର ପଣା ଲାଗି ।



**ମେଷ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ଶତ୍ରୁ ନାଶ ହେବେ। କେଚରୀ ମାମଲାରେ ସୁଫଳ ପାଇବେ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବୃଷ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେଲେ ମଧ୍ୟ ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ରୋଜଗାର ଭଲ ହେବ । ଗୃହେ କଳହ



**ମିଥୁନ:** ଶରୀର ସୁସ୍ଥ ରହିବ । ଅଟକି ରହିଥିବା କାର୍ଯ୍ୟଟି ଶେଷ ପର୍ଯ୍ୟାୟରେ ପହଞ୍ଚିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମାଲିମୋକଦ୍ଦମାରେ ଶୁଣାଣୀ ସାପେକ୍ଷ ଜନିତ ହେବ ।



**ସିଂହ:** ପରୋପକାରୀ ହେବେ । ଦେହ ଓ ମନ ଭଲ ରହିବ। ସାଧନାରେ ସିଦ୍ଧି ଲାଭ କରିବେ । ଦେବ ଦର୍ଶନ ମଧ୍ୟ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଶାନ୍ତିର ବାତାବରଣ ରହିବ ।



**କନ୍ୟା:** ଯଶ ଖ୍ୟାତି ଲାଭ ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ପରେ ଆନ୍ଦ ଦେଖାଦେବ ।



**ତୁଳା:** ଦୂରଯାତ୍ରା କରି ସଫଳତା ହାସଲ କରିବେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ କରି ଉପକୃତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଘରେ ଅଶାନ୍ତି ଦେଖାଦେବ ।



**ବିଛା:** ବ୍ୟବସାୟରେ ଲାଭର ଆଶା କମ୍ । ବ୍ୟୟର ମାତ୍ରା ବଢ଼ିବ । ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ । ଶତ୍ରୁଙ୍କ ଠାରୁ ସତର୍କ ରହିବେ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ।



**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଖୁସି ଦେଖାଦେବ । ଶୁଭ ଖବର ମଧ୍ୟ ପାଇପାରନ୍ତି ।



**ମକର:** ବ୍ୟବସାୟରେ ଲାଭବାନ ହେବେ । ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ। ଦେହ ଓ ମନ ଭଲ ରହିବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାରନ୍ତି ।



**ମୀନ:** ବ୍ୟବସାୟରେ କ୍ଷତି ଘଟିପାରେ । ଘରେ ଅଶାନ୍ତି ଦେଖାଦେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ବ୍ୟୟ ପରିମାଣ ବଢ଼ିବ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ପିଲାମାନେ ଅସ୍ଥିରମନା ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୪।୦୭।୨୦୨୬, ଆଷାଢଦି୧୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୭।୪୯ ଚନ୍ଦ୍ରୋଦୟ-ପ୍ରାଘ୫।୦୩।୩୬**

**ଅମାବାସ୍ୟା-**ଦିଘ୩।୧୫ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର ରାଘ ୧୨।୧୨**ପର୍ଯ୍ୟନ୍ତ । ମିଥୁନ ଚନ୍ଦ୍ର-ସଂଘ ୬।୫୦ପର୍ଯ୍ୟନ୍ତ **ଚନ୍ଦ୍ରଶୁଦ୍ଧି-**ମେଷ,ମିଥୁନ,କର୍କଟ,ସିଂହ,ଧନୁ ,ମକର,ମୀନ ରାଶିର ସଂଘ୬।୫୦ଗତେ ବୃଷ,ମିଥୁନ,କର୍କଟ,କନ୍ୟା,ତୁଳା,ବିଛା,ମକର,କୁମ୍ଭ,ମୀନ ରାଶୀର **ଘାତ ଚନ୍ଦ୍ର- କନ୍ୟା ରାଶିର ସଂଘ ୬।୫୦ଗତେ ନାହିଁ । ଶ୍ରାଦ୍ଧନିର୍ଣ୍ଣୟ-**ଅମାବାସ୍ୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-**ଆମିଷ ଦିଘ୩।୦୫ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-**ପ୍ରାଘ ୫।୨୦ ଗତେ ଦିଘ ୬।୫୯ମଧ୍ୟେ । ଦିଘ ୯।୧୩ ଗତେ ଦିଘ ୧୨।୨୦ ମଧ୍ୟେ । ପର୍ବୋତ୍ସବ-ଶ୍ରୀ ଜିଉମାନଙ୍କର ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ।

32 YEARS
ସମ୍ବାଦ କଳିକା

# ୧୫% ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ମୋବାଇଲ୍ ପ୍ଲାନର ମୂଲ୍ୟ

ପୁଣି ମହଙ୍ଗା ହେବ ମୋବାଇଲ୍ ରିଚାର୍ଜ ! ଆଗାମୀ ୩-୪ ମାସ ମଧ୍ୟରେ ପ୍ଲାନର ମୂଲ୍ୟ ୧୫% ପର୍ଯ୍ୟନ୍ତ ହୋଇପାରେ ବୃଦ୍ଧି। ଏଏନ୍ଆଇ ରିପୋର୍ଟ ଅନୁସାରେ, ନୂଆ ରିସର୍ଚ୍ଚ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ଅନୁସାରେ, ଭାରତରେ ମୋବାଇଲ ଟାରିଫ ପ୍ଲାନର ଦାମ୍ ପୁଣିଥରେ ବଢିବାର ସମ୍ଭବନା ରହିଛି। ଅନୁମାନ କରାଯାଉଛି ଯେ, ଆଗାମୀ ତିନିରୁ ୪ ମାସ ଯେଉଁ ଟେଲିକମ୍ କମ୍ପାନୀ ନିଜ ରିଚାର୍ଜ ପ୍ଲାନ୍ ୧୨ ରୁ ୧୫ ପ୍ରତିଶତ ମହଙ୍ଗା କରିପାରନ୍ତି। ଯଦି ଆପଣ ପ୍ରତି ମାସ ମୋବାଇଲ ରିଚାର୍ଜ କରୁଛନ୍ତି, ତେବେ ଆଗାମୀ ମାସରେ ଆପଣଙ୍କ ପକେଟ୍ ଉପରେ ଅଧିକ ବୋଝ ପଡିପାରେ। ଦେଶର କୋଟି କୋଟି ମୋବାଇଲ୍ ବ୍ୟବହାରକାରୀଙ୍କୁ ଖୁବ୍ ଶୀଘ୍ର ଆଉ ଏକ ଝଟକା ଲାଗିପାରେ। ଯଦି ଆପଣ ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍ କିମ୍ବା ଭୋଡାଫୋନ୍ ଆଇଡିଆ ସିମ୍ ବ୍ୟବହାର କରନ୍ତି, ତେବେ ଆଗାମୀ ମାସଗୁଡ଼ିକରେ ଆପଣଙ୍କୁ ମୋବାଇଲ୍ ରିଚାର୍ଜ ପାଇଁ ଅଧିକ ଦେୟ ଦେବାକୁ ପଡ଼ିପାରେ। ଏଏନ୍ଆଇ ରିପୋର୍ଟ ଅନୁସାରେ, ନୂଆ ରିସର୍ଚ୍ଚ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ଅନୁସାରେ, ଭାରତରେ ମୋବାଇଲ ଟାରିଫ ପ୍ଲାନର ଦାମ୍ ପୁଣିଥରେ ବଢିବାର ସମ୍ଭବନା ରହିଛି। ଅନୁମାନ କରାଯାଉଛି ଯେ, ଆଗାମୀ ତିନିରୁ ୪ ମାସ ଯେଉଁ ଟେଲିକମ୍ କମ୍ପାନୀ ନିଜ ରିଚାର୍ଜ ପ୍ଲାନ୍ ୧୨ ରୁ ୧୫ ପ୍ରତିଶତ ମହଙ୍ଗା କରିପାରନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି ଟେଲିକମ୍ କମ୍ପାନୀ ଏନେଇ ଔପଚାରିକ ଘୋଷଣା କରିନାହାନ୍ତି। ସେଟ୍ରାମ୍ ଇନଷ୍ଟିଚ୍ୟୁସନାଲ୍ ରିସର୍ଚ୍ଚର ପ୍ରଥମ ଆର୍ଥିକ ବର୍ଷ ବା ଟେଲିକମ୍ ଏବଂ Q1FY27 ଇଣ୍ଟରନେଟ୍ ସେକ୍ଟର ପ୍ରିଭ୍ୟୁ ରିପୋର୍ଟ ଅନୁଯାୟୀ, ବଜାର ଏକତ୍ରୀକରଣ ପରେ ମୂଲ୍ୟ ନିର୍ଦ୍ଧାରଣ ପରିବେଶ ଅଧିକ ଅନୁକୂଳ ହେବା ସହିତ ଆଗାମୀ ତିନିରୁ ଚାରି ମାସରେ ଭାରତର ଟେଲିକମ୍ କ୍ଷେତ୍ରରେ ଶୁଳ୍କ ଆହୁରି ୧୨-୧୫ ପ୍ରତିଶତ ବୃଦ୍ଧି ପାଇପାରେ। ଟେଲିକମ୍ ବଜାରରେ ପ୍ରତିଯୋଗିତା ହ୍ରାସ ଏବଂ ୪ଏ-୫ଏ ସେବାର ଚାହିଦା ବୃଦ୍ଧି ହେତୁ, କମ୍ପାନୀଗୁଡ଼ିକ ପାଇଁ ମୂଲ୍ୟ ବୃଦ୍ଧି କରିବା ସହଜ ହୋଇଯାଇଛି। ରିପୋର୍ଟ ଅନୁଯାୟୀ, ଟେଲିକମ୍ କ୍ଷେତ୍ରରେ ମୂଲ୍ୟ ନିର୍ଦ୍ଧାରଣ ପରିବେଶ ବର୍ତ୍ତମାନ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼, ଯାହା କମ୍ପାନୀଗୁଡ଼ିକ ପାଇଁ ଶୁଳ୍କ ବୃଦ୍ଧି କରିବା ସହଜ କରିଛି। ରିପୋର୍ଟରେ କୁହାଯାଇଛି ଯେ ବଜାରରେ ବର୍ତ୍ତମାନ ପ୍ରଭାବଶାଳୀ ଭାବରେ ତିନୋଟି ପ୍ରମୁଖ ଘରୋଇ ଅପରେଟର ଏବଂ ଗୋଟିଏ ସରକାରୀ କମ୍ପାନୀ ରହିଛି। ଫଳସ୍ୱରୂପ, ପୂର୍ବ ତୁଳନାରେ ପ୍ରତିଯୋଗିତା ହ୍ରାସ ପାଇଛି, ଯାହା କମ୍ପାନୀଗୁଡ଼ିକୁ ମୂଲ୍ୟ ବୃଦ୍ଧି କରିବାକୁ ଅନୁମତି ଦେଇଛି। ରିପୋର୍ଟ ଅନୁଯାୟୀ, ଭାରତୀ ଏୟାରଟେଲ୍ ଏବଂ ରିଲାଏନ୍ସ ଜିଓ ବଜାର ଅଂଶ ବୃଦ୍ଧି କରିବା ଜାରି ରଖିବେ, ସେଭଳି ଭୋଡାଫୋନ୍ ଆଇଡିଆ ଚାପରେ ରହିପାରେ। ଜୁନ୍ ତ୍ରୈମାସିକରେ ରିଲାଏନ୍ସ ଜିଓ ପ୍ରାୟ ୭୦ ଲକ୍ଷ ନୂତନ ଗ୍ରାହକ ଯୋଡ଼ିବ ବୋଲି ଆକଳନ କରାଯାଇଛି, ସେଭଳି ଭାରତୀ ଏୟାରଟେଲ୍ ପ୍ରାୟ ୫୦ ଲକ୍ଷ ନୂତନ ଉପଭୋକ୍ତା ଯୋଡ଼ିପାରେ। ଏହି ସମୟରେ, ଭୋଡାଫୋନ୍ ଆଇଡିଆ ପ୍ରାୟ କେବଳ ମାତ୍ର ୨ ଲକ୍ଷ ନୂତନ ଗ୍ରାହକ ଯୋଡ଼ିବ ବୋଲି ଆଶା କରାଯାଉଛି।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମୋକ୍ଷ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏଇଠି ଗୋଟେ କଥା ମନକୁ ଆସୁଛି, ଯିଏ ଆସୁଛି ସେ କହୁଛି ପ୍ରଭୁଙ୍କୁ ମୋତେ ମୁକ୍ତି ଦିଅ ମୁକ୍ତି ଦିଅ ବା ମୋତେ ଏ ମାନବ ଜନ୍ମରୁ ମୋକ୍ଷ କରାଇଦିଅ। କିନ୍ତୁ ଏ ମୋକ୍ଷର ଅର୍ଥ କଣ ? ଏହାର ତାତ୍ପର୍ଯ୍ୟ କଣ ? ଏହାର ଉତ୍ପତି ସ୍ଥିତି କେଉଁଠି । ନବୁଝି ନସୁଝି ମୋତେ ମୋକ୍ଷ୍ୟ ଦିଅ ବୋଲି ଚିତ୍କାର କଲେ କଣ ମୋକ୍ଷ୍ୟ ମିଳିଯିବ । ସନାତନ ଧର୍ମର ମୂଳ ମନ୍ତ୍ର ହେଲା ତିନଟି ମାର୍ଗ ସେ ମାର୍ଗ ହେଉଛି ଜିବ, ବ୍ରହ୍ମ,ମାୟା ଜୀବ ସହିତ ବ୍ରହ୍ମ ଲାଗିକରିଅଛି । କିନ୍ତୁ ତାକୁ ମାୟା ମୋହର ପିଞ୍ଜରାରେ ଆବଦ୍ଧ କରି ରଖିଛି। ସେ ଆବଦ୍ଧକୁ ଯଦି ତୁମେ ଭାଙ୍ଗି ନଦେଉଛ ଛିଣ୍ଡାଇ ନପକାଇଛ ତୁମକୁ ମୋକ୍ଷ କିଏ କରାଇବ । (ମୋହକୁ ତ୍ୟାଗ କଲେ ସିନା ମୋକ୍ଷ) ହେବ । ମୋହକୁ ତ ତୁମେ ଜାବୁଡି ଧରିଛ ତୁମକୁ କିଏ ମୋକ୍ଷ ଦେବ । ତୁମକୁ କିଏ ସତ୍ୟର ସନ୍ଧାନ ଦେଖାଇବ । ତୁମକୁ କିଏ ଧର୍ମର ବାଣୀ ଶୁଣାଇବ । ତୁମେତ ଏକ ପ୍ରକାର କାଳ, ତୁମେତ ଏକପ୍ରକାର ମୋହାନ୍ଧ ତୁମେତ ଧର୍ମାନ୍ଧ । ତୁମେତ ତୁମର ନୁହଁ ତୁମେ ଅନ୍ୟର କିପରି ହେବ । ଈଶ୍ୱର ତୁମକୁ ଧରିଛନ୍ତି ସତ କିନ୍ତୁ ତୁମେ ଈଶ୍ୱରଙ୍କୁ ପ୍ରକୃତରେ ଧରିନାହଁ । ତୁମେ ଥରେ ତୁମ ହୃଦୟର ସ୍ପନ୍ଦନକୁ ଶୁଣିବାକୁ ଚେଷ୍ଟା କରିଛ। କେଭେ ଭାବିଛ ଏତେ ସୁନ୍ଦର ହୃଦୟ ପ୍ରଭୁ ଆମକୁ ଦେଇଛନ୍ତି ପ୍ରକୃତରେ କାହାପାଇଁ କଣ କେବଳ ତୁମରି ପାଇଁ ହେ ଭକ୍ତ ମାନବ ଜନ୍ମ ପାଇ ଥରୁଟିଏ ବୁଝିବାକୁ ଚେଷ୍ଟାକର ତୁମେ କିଏ ? ଆପେ ଆପେ ତୁମେ ସବୁ ବନ୍ଧନରୁ ମୁକ୍ତ ହୋଇ ମୁକ୍ତାର ପଥପାଇଯିବ । ହରି ଓଁ । ◆◆

# ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯



କୋଟିବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ। ଓଡ଼ିଶା ଭୂମିକୁ ନିଜର ବାସସ୍ଥାନ ରୂପେ ଗ୍ରହଣ କରିଛନ୍ତି; ଅନୁଗୃହୀତ କରିଛନ୍ତି ଓଡ଼ିଆ ଜାତିକୁ; ପୂତ ପବିତ୍ର ହୋଇଯାଇଛି ଏ ଦେଶ-ମାଟି, ପାଣି, ପବନ। ସେ ଯେ ଓଡ଼ିଶାର, ଏକଥା କହିବାରେ ଦ୍ୱିଧାବୋଧ କରାଯାଇ ନପାରେ। କିନ୍ତୁ ସାରା ବିଶ୍ୱ ତାଙ୍କ ପାଦପଦ୍ମାଶ୍ରୟୀ। ମହାବାହୁ, ଭକ୍ତଜନ-ପ୍ରାଣ-ବଲ୍ଲଭ, ଦୀନବନ୍ଧୁ, ଦଇତାରି, କରୁଣାସାର, କୃପାସିନ୍ଧୁ, ମହାପ୍ରଭୁ- ଏମିତି ଶ୍ରଦ୍ଧାଳୁମାନେ ତାଙ୍କୁ ଡ଼ାକନ୍ତି ସହସ୍ର ନାମରେ; ଆପଣାଙ୍କୁ ସମର୍ପି ଦିଅନ୍ତି ସେଇ ଦର୍ପଦଳନ, ବଇରୀ ଗଞ୍ଜନଙ୍କ ନିକଟରେ। ଓଡ଼ିଆର ସେ ଗେହ୍ଲାପୁଅ କାଳିଆ, କାଳିଆଦିଅଁ, କାଳିଆସାଆନ୍ତ। ଏମିତି ସମ୍ବୋଧନରେ ଭରି ରହିଛି ଶ୍ରଦ୍ଧା, ଭକ୍ତି, ପ୍ରେମ; ଅକଳନୀୟ ଆନ୍ତରିକତା, ଆତ୍ମୀୟତା। ଶ୍ରୀମନ୍ଦିର ରତ୍ନ ସିଂହାସନରେ ବିଜେ କାଳିଆରାଜା, ଛତିଶ ପଉଟି ଭୋଗ, ସଜମଲ୍ଲିଫୁଲ ଗଜରା, ଦେବଦାସୀ ନାଚ, ଗଜମୋତି ଚୂନପାନ, ପାଟପତନୀ, ତୁଳୀତଳ୍ପଶେଯ- ଏସବୁ ନିତି ଖଞ୍ଜା ତାଙ୍କ ପାଇଁ। ସବୁ ବିଳାସପୂର୍ଣ୍ଣ ବ୍ୟବସ୍ଥା ସତ୍ତ୍ୱେ, ସାଧାରଣ ଓଡ଼ିଆଟିଏ ପରି ତାଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା। ନୀତି-କାନ୍ତି, ନୈବେଦ୍ୟ, ସେବା, ପର୍ବପର୍ବାଣି, ଯାନି ଯାତ୍ରା- ପ୍ରତିଟିରେ ରହିଛି ଓଡ଼ିଆ-ଜୀବନ କଥା, ପ୍ରଥା, ପରମ୍ପରା। ଗୋଟେ କଥାରେ କହିଲେ, ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଶା ସଂସ୍କୃତି। ସ୍ୱୟଂ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଧର୍ମ, ଧନ, ଗୌରବ, ଐତିହ୍ୟ, ସାହିତ୍ୟ, ସଂସ୍କାର, ଜାତୀୟତା- ସବୁକିଛି। ଓଡ଼ିଶା ଜଗନ୍ନାଥଙ୍କୁ ନେଇ ମହିମାନ୍ୱିତା, ବିଶ୍ୱବିନ୍ଦିତା। ଠାକୁରଦେଶ କହିଲେ ଓଡ଼ିଶାକୁ ହିଁ ବୁଝାଏ। ଏହା ଜଗନ୍ନାଥ ଦେଶର ସ୍ୱତନ୍ତ୍ର ପରିଚୟ।

ଶ୍ରୀ ଜଗନ୍ନାଥଙ୍କ ମର୍ତ୍ତ୍ୟଲୀଳା, ଅଲୌକିକ ବିଭୂତି; ସବୁ ବିଶ୍ୱକଲ୍ୟାଣ ପାଇଁ ଉଦ୍ଦିଷ୍ଟ। ତାଙ୍କୁ ଶ୍ରୀମନ୍ଦିରରେ ଦର୍ଶନକଲେ ଅଶେଷ ପୁଣ୍ୟ ମିଳେ; ଏପରିକି ଜଗନ୍ନାଥଙ୍କ ତୀର୍ଥ ସ୍ମରଣରେ କୈବଲ୍ୟ ପ୍ରାପ୍ତ ହୁଏ। ଭକ୍ତି ରଜ୍ଜୁରେ ସେ ଆବଦ୍ଧ। ଶ୍ରୀକ୍ଷେତ୍ରରେ ନାହିଁ ଭେଦାଭେଦ, ଆଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏକ, ଅଭିନ୍ନ। ରତ୍ନବେଦୀରେ ତାଙ୍କୁ ସବୁ ସଂପ୍ରଦାୟର ଭକ୍ତଗଣ ଦର୍ଶନ କରିବା ସମ୍ଭବ ହୋଇନଥାଏ। ସେଇଥିପାଇଁ କାଳିଆ ସାଆନ୍ତେ ବରଷକେ ଥରୁଟିଏ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ, ରଥାରୂଢ଼ ହୋଇ ଯାଆନ୍ତି ଗୁଣ୍ଡିଚା ମନ୍ଦିର। ତାଙ୍କ ଦର୍ଶନରେ ଭକ୍ତଜନ ମନ-ଚାତକ ତୃଷ୍ଣା ମେଣ୍ଟେ । ଯଥାର୍ଥରେ ସେ ପତିତଜନ ପରିତ୍ରାତା ପତିତପାବନ। ନୀଳାଚଳ ନାଥ ଜଗନ୍ନାଥ ଜଗତର ଆନନ୍ଦ କନ୍ଦ, ଭକ୍ତଜନ ଦୁଃଖହାରୀ। ତାଙ୍କୁ ଭକ୍ତିପୂତ ପ୍ରଣତି ବାଢ଼େ ସାରାବିଶ୍ୱ। ଭକ୍ତଟିଏ ଗଦ୍‌ଗଦ୍ ହୋଇ ଗାଇଥାଏ, "ନୀଳାଚାଳ ନିବାସାୟ ନିତ୍ୟାୟ ପରମାତ୍ମନେ/ ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ/ ଜଗଦାନନ୍ଦ କନ୍ଦାୟ ପ୍ରାଣତାର୍ତ୍ତି ହରାୟ ଚ/ ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ।" ଏଣୁ କଥିତ ଅଛି- "ଭାରତେ ଚୋତ୍କଳ ଦେଶେ ଭୂସ୍ୱର୍ଗ ପୁରୁଷୋତ୍ତମ/ ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ।" ଉତ୍କଳାଧିଶ୍ୱରଙ୍କ ଏହି ଯାତ୍ରାକୁ ନବଦିନଯାତ୍ରା, ଗୁଣ୍ଡିଚଯାତ୍ରା, ରଥଯାତ୍ରା, ଅନ୍ତର୍ବେଦୀ ମହୋତ୍ସବ, ଆଡ଼ପମଣ୍ଡପ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ଦକ୍ଷିଣାଭିମୁଖୀ ଯାତ୍ରା, ଘୋଷଯାତ୍ରା, ମହାବେଦୀ ଉତ୍ସବ ଭାବେ ନାମିତ କରାଯାଇଛି। ଗୁଣ୍ଡିଚା, ବାହୁଡ଼ା - ଏ ଦୁଇ ଉତ୍ସବ; ଏକ ରଥୋତ୍ସବ। ଏହା ତ୍ରିଅବୟନା ଯାତ୍ରା (ଶ୍ରୀଗୁଣ୍ଡିଚା ଯାତ୍ରା, ମହାବେଦୀରେ ସାତଦିନ ଅବସ୍ଥାନ, ବାହୁଡ଼ା ଯାତ୍ରା) ଭାବେ ପ୍ରସିଦ୍ଧ। ଧୂଳି ଧୂସରିତ ବଡ଼ ଦାଣ୍ଡରେ ଭକ୍ତଙ୍କ ଗହଣରେ ହଲି ହଲି, ଝୁଲି ଝୁଲି ଆସନ୍ତି ଶ୍ରୀଜଗନ୍ନାଥ। ତାଙ୍କୁ ଦେଖିଲେ ସ୍ୱତଃ ପ୍ରତୀୟମାନ ହୁଏ; ସେ କେବଳ କୋଟିବ୍ରହ୍ମାଣ୍ଡ ପ୍ରଭୁ ନୁହନ୍ତି; ପତିତ ପାବନ। ଏଣୁ ଶ୍ରୀଗୁଣ୍ଡିଚା ଯାତ୍ରାର ଅନ୍ୟ ନାମ ପତିତପାବନ- ଯାତ୍ରା। ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରେ ସ୍ନାନ, ଗୁଣ୍ଡିଚଯାତ୍ରା ଅତୀବ ଗୁରୁତ୍ୱପୂର୍ଣ୍ଣ। ତାହା ନୀଳାଦ୍ରୀମହୋଦୟ -ଦ୍ୱିତୀୟ ଛାନ୍ଦରେ ବର୍ଣ୍ଣିତ, "ସ୍ନାନ ଗୁଣ୍ଡିଚା ଶୟନଯାତ୍ରା ଅନ୍ତେ ଅୟନ / ପାରୁଶ ପରିବର୍ତ୍ତନ ଉତ୍‌ଥାନ ଓଢ଼ଣ / ମକର ଅଭିଷେକ ଦୋଳ ଦମନକ ଚନ୍ଦନ / ଯେ ରୂପେ ଦ୍ୱାଦଶ ଉତ୍ସବ ଯେକୋ ଯେକେ ସଘନ।"

ଆଷାଢ଼ ମାସ, ପୁଷ୍ୟାନକ୍ଷତ୍ରଯୁକ୍ତ ଶୁକ୍ଳ ଦ୍ୱିତୀୟା। ପ୍ରଭୁ ପହଣ୍ଡି ବଜେ କରନ୍ତି 'ନନ୍ଦିଘୋଷ'କୁ। ବଡ଼ଭାଇ ଶ୍ରୀ ବଳଭଦ୍ର ତାଳଧ୍ୱଜ ରଥାରୂଢ଼, ଦେବୀ ସୁଭଦ୍ରା 'ଦେବୀଦଳନ' ରଥରେ, ତାଙ୍କ ସୁରକ୍ଷା ପାଇଁ ଆୟୁଧ ସୁଦର୍ଶନ ମଧ୍ୟ ବିଜେ କରନ୍ତି ତାଙ୍କ ରଥରେ। ଗହଗହ ନାଦରେ ଫାଟିପଡେ ବଡ଼ଦାଣ୍ଡ। କୋଟି କୋଟି ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ଚଉଦିଗ। ଇନ୍ଦ୍ର ପୁଷ୍ପବୃଷ୍ଟି କରନ୍ତି, ସବୁ ଦେବାଦେବୀ ଓହ୍ଲାଇ ଆସନ୍ତି ବଡ଼ ଦାଣ୍ଡକୁ, ଦର୍ଶନ କରନ୍ତି ମହାପ୍ରଭୁଙ୍କ ଏଇ ଅନନ୍ୟ ଲୀଳାକୁ। ଉତ୍କଳର ଗଜପତି ଠାକୁର ରାଜା ହାତରେ ସୁବର୍ଣ୍ଣ ସମାର୍ଜନୀ ଧରି ରଥରେ ଛେରା ପହଁରା କରନ୍ତି। ସାରା ବିଶ୍ୱ ଦେଖେ ଏ ବିରଳ ଦୃଶ୍ୟ। ମହାପ୍ରଭୁଙ୍କ ଅଶେଷ ଦୟା, ଅନୁକମ୍ପାରୁ ତାଙ୍କର ପାର୍ଥିବ ପଦମର୍ଯ୍ୟାଦା, ଉଲ୍ଲେଖନୀୟ ସଫଳତା, ସୁଖ ସମୃଦ୍ଧି- ସବୁ ସମ୍ଭବ ହୋଇଛି। କିନ୍ତୁ ରାଜା ସାଧାରଣ ପ୍ରଜାଠାରୁ ମଧ୍ୟ ବଡ଼ ନୁହନ୍ତି। ଛେରା ପହଁରା ପରଂପରାରେ ସୂଚିତ ହୋଇଛି ଜଗନ୍ନାଥ ସଂସ୍କୃତିର ସାମ୍ୟବାଦୀ ଚେତନା। ଅନୁରୂପ ଭାବଟି ରଥଟଣାରେ ପ୍ରକଟିତ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁମାନେ ରଥ ଦଉଡ଼ି ଭିଡି ନିଅନ୍ତି ଗୁଣ୍ଡିଚା ମନ୍ଦିର। ବାହୁଡା ଦଶମୀରେ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ ପରେ, ପୁନଶ୍ଚ ରଥ ଟାଣି ଟାଣି ଆଣନ୍ତି। ଏହି ମନୋରମ ଦୃଶ୍ୟ; ଦେଖିଲେ ପତିତପାବନ ଯାତ୍ରାର ସାର୍ଥକତା ସ୍ୱତଃ ଉପଲବ୍ଧ ହୋଇଥାଏ। ଏହାର ପବିତ୍ରତା, ମହାନତା, ତଥା ପ୍ରାସଙ୍ଗିକତା ସମ୍ପର୍କରେ ଦେବୀ ଭାଗବତରେ ବର୍ଣ୍ଣିତ ଅଛି, "ଆଷାଢ଼ସ୍ୟ ସିତେ ପକ୍ଷେ ଦ୍ୱିତୀୟାୟାଂ ଶୁଭଦିନେ/ ଶ୍ରୀଜଗନ୍ନାଥ ଦେବସ୍ୟ ଗୁଣ୍ଡିଚା ଭବତି ଧ୍ରୁବ/ ରଥସ୍ଥଂଚ ଜଗନ୍ନାଥଂ ପ୍ରାୟତଂ ଗୁଣ୍ଡିଚା ଗୃହଂ / ଯେ ପଶ୍ୟନ୍ତି ନରଶ୍ରେଷ୍ଠା - ସ୍ତେ ଧନ୍ୟା ଭୁବନ ତ୍ରୟେ।"

ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହିଁ ଗଣଦେବତା। ହିନ୍ଦୁଧର୍ମର ଅନ୍ୟ କୌଣସି ଦେବତା ଗଣ ଦେବତା ନୁହନ୍ତି। ସାଧାରଣ ଜନତାଙ୍କ ଆଧ୍ୟାତ୍ମିକ ଅଭିଳାଷରୁ ଜଗନ୍ନାଥ ଉଦ୍ଭୂତ। ଯେତେବେଳେ ଋକ୍ ବେଦର ପ୍ରାଚୀନତମ ମନ୍ତ୍ରାବଳୀ ଅଜ୍ଞାତ ଥିଲା, ସେ ସମୟରେ ମଧ୍ୟ ଓଡ଼ିଶାର ସରଳ ବିଶ୍ୱାସୀ ଶବରମାନେ ତାଙ୍କୁ ଦାରୁଦେବତା ରୂପେ ପୂଜାରାଧନା କରୁଥିଲେ; ନିଜର ଭୋଜନ ପାଇଁ ଉଦ୍ଦିଷ୍ଟ ଖାଦ୍ୟକୁ ନୈବେଦ୍ୟରୂପେ ସମର୍ପଣ କରୁଥିଲେ। ପରବର୍ତ୍ତୀ କାଳରେ ଶତାବ୍ଦୀ ଶତାବ୍ଦୀ ଧରି ରାଜକୀୟ ବିଳାସ ଢ଼ଙ୍ଗରେ ତାଙ୍କର ପୂଜାର୍ଚ୍ଚନା ଚଳିଆସିଛି। ବ୍ରାହ୍ମଣ, ଶବର ସେବାୟତମାନେ ମହାପ୍ରଭୁଙ୍କ ନୀତି ସହ ଘନିଷ୍ଠ ଭାବେ ସଂଶ୍ଳିଷ୍ଟ। ଶ୍ରୀ ଜୀଉମାନଙ୍କର ସ୍ନାନଯାତ୍ରାଠାରୁ ଅଣସରବିଧି; ଘୋଷଯାତ୍ରା ସମାପନ ହେବାଯାଏ ଦଇତା ସେବକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆର୍ଯ୍ୟ ଅନାର୍ଯ୍ୟ ସଂସ୍କୃତିର ମହାମିଳନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନୁରୂପ ଭାବରେ ମହାପ୍ରଭୁଙ୍କ ନବକଳେବର ବିଧି ସମ୍ପନ୍ନ କରିବାରେ ଦଇତାପତିମାନଙ୍କର ମଧ୍ୟ ମୁଖ୍ୟ ଭୂମିକା ରହିଥାଏ।

ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତୀକାତ୍ମକ। ଏଣୁ ବିଭିନ୍ନ ଧର୍ମାବଲମ୍ବୀମାନେ ତାଙ୍କୁ ନିଜ ନିଜର ଇଷ୍ଟ ଦେବତା ଭାବେ ଆପଣେଇ ନେବାରେ କୌଣସି ଅସୁବିଧା ହୁଏନି। ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ପାଇଁ ସେ ତଥାଗତ ବୁଦ୍ଧ, ଜୈନଙ୍କ ପାଇଁ ମହାବୀର ଜୀନ, ବୈଷ୍ଣବମାନଙ୍କର ସେ ଶ୍ରୀ ବିଷ୍ଣୁ; ଗୌଡୀମାନଙ୍କ କଳାକାହ୍ନୁ। ଶାକ୍ତମାନେ ତାଙ୍କୁ ମହାଭୈରବ, ଗାଣପତ୍ୟମାନେ ଗଣପତି ରୂପେ ଗ୍ରହଣ କରିଛନ୍ତି। ଏଣୁ ଶ୍ରୀଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ସଂପ୍ରଦାୟର ନୁହେଁ। ଜଗନ୍ନାଥ ଧର୍ମ ଅସାମ୍ପ୍ରଦାୟିକ ଧର୍ମ। ଏହାର ଚକ୍ଷୁସ ପ୍ରମାଣ ଶ୍ରୀଜୀଉଙ୍କ ଘୋଷଯାତ୍ରା।

ପତିତପାବନ ଯାତ୍ରାରେ ପତିତଜନ ଉଦ୍ଧାର ଆଦର୍ଶଟି ପ୍ରକଟିତ। ମହାଯାନ ବୌଦ୍ଧଧର୍ମାଲମ୍ବୀଙ୍କ ଦ୍ୱାରା ଏହି ଆଦର୍ଶ ପ୍ରବର୍ତ୍ତିତ ହୋଇଥିଲା। ରଥାରୂଢ଼ ଶ୍ରୀଜଗନ୍ନାଥ ଗୁଣ୍ଡିଚଯାତ୍ରାରେ ଉଭା ହୁଅନ୍ତି ଭକ୍ତଙ୍କ ଗହଣରେ। ଭକ୍ତ ଭଗବାନ ଏକ, ଏକାକାର ହୋଇଯାନ୍ତି। ବହୁ ବର୍ଷ ଧରି ଓଡ଼ିଶାର ଠାକୁରରାଜାମାନେ ଗମ୍ଭୀରାରେ ରଖି ସମସ୍ତ ପ୍ରକାର ଭୋଗବିଳାସ ଖଞ୍ଜା କରିଥିଲେ ମଧ; ରଥଯାତ୍ରାରେ ମହାପ୍ରଭୁ ସାଧାରଣ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ତାହା ସ୍ମରଣ କରାଇଦିଏ ଅତୀତକୁ। ଏକଦା ସେ ସରଳ, ନିଷ୍କପଟ ଶବରମାନଙ୍କ ସଂସ୍ପର୍ଶରେ ଆସୁଥିଲେ; ଅଧୁନା ମଧ ସହସ୍ର ସହସ୍ର ଭକ୍ତଜନଙ୍କୁ ସାକ୍ଷାତ ଦର୍ଶନ ଦେଉଛନ୍ତି, କୃପାବାରି ବର୍ଷଣ କରୁଛନ୍ତି। ସତରେ ଏମିତି ଠାକୁର ବ୍ରହ୍ମାଣ୍ଡରେ ନାହାନ୍ତି, ଯିଏ ସ୍ୱୟଂ ଆସନ୍ତି ପତିତଜନଙ୍କ ପାଖକୁ। ମର୍ତ୍ତ୍ୟ ପରିଣତ ହୋଇଯାଏ ଭୂସ୍ୱର୍ଗରେ।

ଶ୍ରୀ ଜଗନ୍ନାଥଙ୍କୁ ସାମ୍ୟର ପ୍ରତୀକରୂପେ ଗ୍ରହଣ କରାଯାଇଛି। ରତ୍ନ ସିଂହାସନ ରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ବର୍ଣ୍ଣରୁ ମାନବ ସମାଜରେ ଥିବା ସମତାର ସୂଚନା ମିଳିଥାଏ। ବଳଭଦ୍ରଙ୍କ ଶୁକ୍ଳ ବର୍ଣ୍ଣ ପ୍ରତିମାକୁ ଶ୍ୱେତକାୟ କକେସୀୟ; ସୁଭଦ୍ରାଙ୍କ ହରିଦ୍ରାବର୍ଣ୍ଣ ମଙ୍ଗୋଲୀୟ, ଜଗନ୍ନାଥଙ୍କ କୃଷ୍ଣବର୍ଣ୍ଣ କୃଷ୍ଣକାୟ ନିଗ୍ରୋ, ରକ୍ତବର୍ଣ୍ଣ ସୁଦର୍ଶନଙ୍କୁ ଲୋହିତ ଭାରତୀୟଙ୍କ ପ୍ରତୀକଭାବେ ଗ୍ରହଣ କରାଯାଏ। ହିନ୍ଦୁଶାସ୍ତ୍ରାନୁଯାୟୀ ଶ୍ୱେତବର୍ଣ୍ଣକୁ ବ୍ରାହ୍ମଣ, ରକ୍ତବର୍ଣ୍ଣକୁ କ୍ଷତ୍ରିୟ, ହରିଦ୍ରାବର୍ଣ୍ଣକୁ ବୈଶ୍ୟ, କୃଷ୍ଣବର୍ଣ୍ଣକୁ ଶୂଦ୍ରମାନଙ୍କ ସହିତ ସଂଯୁକ୍ତ କରାଯାଇଛି। ଏହି ବର୍ଣ୍ଣଗୁଡ଼ିକ ଜାତିର ପ୍ରତୀକ। ଫଳତଃ ଶ୍ରୀମନ୍ଦିରରେ ଅବା ପତିତପାବନ ଯାତ୍ରାରେ ବର୍ଣ୍ଣଭେଦର ବିଚାରନାହିଁ।

ଶ୍ରୀଜଗନ୍ନାଥ ସାର୍ବଜନୀନ ଦେବତା। ଯିଏ ତାଙ୍କୁ ଯେଉଁଠି ଡାକିଲା, ଯେଭଳି ନିଜକୁ ସମର୍ପଣ କଲା, ସେହିପ୍ରକାର ଫଳ ପ୍ରାପ୍ତହେଲା। ଯବନ କବି ସାଲବେଗ ନନ୍ଦିଘୋଷ ରଥରେ ପରଂବ୍ରହ୍ମ ଜଗନ୍ନାଥଙ୍କୁ ଦେଖିବାକୁ ବ୍ୟାକୁଳ ହୋଇପଡ଼ିଛନ୍ତି। ନିଜକୁ ହୀନ, ଯବନ କହି ସମର୍ପଣ କରି ଦେଇଛନ୍ତି ତାଙ୍କରି ପଦାରବିନ୍ଦରେ। ରଚନା କରିଛନ୍ତି ରାଶି ରାଶି ଭଜନ। ବିହ୍ୱଳ ହୋଇ ଗାଇଛନ୍ତି, "ଜଗବନ୍ଧୁ ହେ ଗୋସାଇଁ/ ତୁମ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ/ ସାତଶ ପଂଚଶ କୋଶ ଚଲି ନପାରଇ/ ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି/×××/ ଆଗେ ଚଳେ ବଳଭଦ୍ର ମଧ୍ୟେ ଚନ୍ଦ୍ରମୁହିଁରେ/ ଆସୁଛି କାଳିଆ ପଛେ ଗହଣ ଲଗାଇରେ।" ଭକ୍ତକବି ମନ-ପ୍ରାଣ- ଆତ୍ମା ତୃପ୍ତ । ଭକ୍ତ ଦାସିଆ ବାଉରିଙ୍କ ଶ୍ରାଶ୍ରୁନୟନ, ଆପଣାର ହୃଦ-ଭକ୍ତି ଅର୍ଘ୍ୟ, ନିବେଦନ କରିଛନ୍ତି ବାଡି ନଡ଼ିଆଟିଏ ଧରି। ଭାବବିନୋଦିଆ ହରି ହାତ ବଢ଼ାଇ ନେଇ ଯାଇଛନ୍ତି ତା' ହାତରୁ ନଡ଼ିଆଟି। ମ ବଳରାମ ଦାସଙ୍କ ମାନ ରକ୍ଷା ପାଇଁ ବାଙ୍କି ମୁହାଣୀରେ ବିଜେ କରିଛନ୍ତି ବାଲିରଥରେ। ଗର୍ବ ମ ଠାକୁରରାଜା, ଅହଂକାରୀ ପୂଜାରୀଙ୍କ ଗର୍ବଗଞ୍ଜନ କରିଛନ୍ତି ମହାପ୍ରଭୁ, ଭକ୍ତର ଟେକ ରଖିଛନ୍ତି। ଏସବୁ କିମ୍ବଦନ୍ତୀର ଅଂଶବିଶେଷ; ମାତ୍ର ଘୋଷଯାତ୍ରାରେ ବିଶ୍ୱର ସବୁ ଧର୍ମାବଲମ୍ବୀ ଭକ୍ତଙ୍କ ଏକତ୍ର ସମାବେଶ, ଏହାକୁ ଗଣଯାତ୍ରାରେ ପରିଣତ କରିଛି।

ମହାପ୍ରଭୁଙ୍କ ଘୋଷଯାତ୍ରାର ଆଉ ଗୋଟିଏ ବିଶେଷତ୍ୱ ପରିଲକ୍ଷିତ। ପତିତଜନଙ୍କ ପାଇଁ ପ୍ରଭୁ ଏହି ସମୟରେ ଦଶାବତାର ରୂପ ଧାରଣ କରନ୍ତି। କୁସୁମଲାଗି ବେଳେ ମୀନ ଅବତାର, ସେନାପଟା ବାହୁଟି ଲାଗି ବେଳେ ନରସିଂହ, ରଥାରୂଢ଼ ବେଳେ ବାମନ, ଆଡ଼ପ ଡୋଲଲାଗି ସମୟରେ ପରଶୁରାମ, ଆଡ଼ପରୀଖାରେ ରାଘବଚନ୍ଦ୍ର ଅବତାର, ହେରାପଞ୍ଚମୀରେ ବ୍ରଜେନ୍ଦ୍ର ନନ୍ଦନ, ଅନ୍ତର୍ବେଦୀ ମହୋତ୍ସବ ବେଳେ ବୌଦ୍ଧ ଅବତାର ଧାରଣ କରି ଭକ୍ତଜନ ମନ ମୋହି ନିଅନ୍ତି। କାଳିଆର ଏ ଲୀଳା ଭକ୍ତଙ୍କ ପାଇଁ। ଏହା ଅବ୍ୟକ୍ତ, ଅସାଧାରଣ ନିଶ୍ଚୟ।

ବଡ଼ ଦାଣ୍ଡରେ ଗଡୁଛି ନନ୍ଦିଘୋଷ। ମହାପ୍ରଭୁ ଯାଇଥିଲେ ଉ ରାଭିମୁଖୀ ହୋଇ ଗୁଣ୍ଡିଚାମନ୍ଦିର, ଦକ୍ଷିଣାଭିମୁଖୀ ହୋଇ ବାହୁଡୁଛନ୍ତି ନୀଳକନ୍ଦର। ପାପୀ, ତପି, ଯୋଗୀ, ଭୋଗୀ, ରୋଗୀ, ରାଜା, ରଙ୍କ - ସଭିଏଁ ଦେଖୁଛନ୍ତି ଚକାନୟନଙ୍କୁ। ଭାଗ୍ୟଦେବୀ ଅନୁକୂଳ; ଏମନ୍ତ ଦୁର୍ଲ୍ଲଭ ଦୃଶ୍ୟ ଦେଖିବାର ଅପୂର୍ବ ସୁଯୋଗ ପ୍ରାପ୍ତ ହୁଏ। ମିଳିଯାଏ ପ୍ରତିପଦରେ ଅଶ୍ୱମେଧ ଯଜ୍ଞାନୁଷ୍ଠାନର ପୁଣ୍ୟଫଳ। ଯଥାର୍ଥରେ ନୀଳାଦ୍ରୀମହୋଦୟ ଷୋଳଶ ଅଧ୍ୟାୟରେ ଉଲ୍ଲେଖ ଅଛି, "ଉ ରାଭି ମୁଖେ ଜାତେ ତଥା ଦକ୍ଷିଣାଦିଙ୍ମୁଖେ/ ରଥ ତ୍ରୟେ ଜନୋଯସ୍ତୁ ଭକ୍ତି ଶ୍ରଦ୍ଧାନ୍ୱିତଃ ପରମ୍/ ରାମକୃଷ୍ଣଂ ସୁଭଦ୍ରାଂ ଚ ପଶ୍ୟେନ୍ମାର୍ଗେ ରଥେ ସ୍ଥିତମ୍/ ପଦେ ପଦେଽଶ୍ୱମେଧାନାଂ ଫଳଂ ପ୍ରାପ୍ୟ ମହୀତଳେ।" ବଡଦେଉଳ ଚୂଡ଼ାରେ ଫରଫର ଉଡୁଛି ନେତ। ଭକ୍ତଟିଏ ଅଧିର ହୋଇ ଗାଉଛି, "ନୀଳଚକ୍ରେ ହୋ ଦେଖ ଉଡୁଛି ବାନା, ପତିତ ପାବନ ନାମଟି ଯା' ନାଁ / ଆସ ଆସ ବୋଲି ପାତକିମାନଙ୍କୁ ଡ଼ାକୁଅଛି ପରା ସଂଗାତ ! ଅନା / ନେତ ଧ୍ୱଜାବର ଉଡି ଫର ଫର / ଉଡ଼ାଇ ଦେଉଛି ଭବଯାତନା।" ଜଗତ ଜନ-ଉଦ୍ଧାରଣ ପାଇଁ ତ ଦାରୁବ୍ରହ୍ମଙ୍କ ଏ ଘୋଷଯାତ୍ରା। ଭକ୍ତିଟିଏ କରୁଣା ସାଗରରୁ ବିନ୍ଦୁଟିଏ ପାଇବା ପାଇଁ ବର୍ଷବର୍ଷ ଚାତକ ନୟନରେ ଚହିଁରହେ। କିନ୍ତୁ ସ୍ୱୟଂ ଶ୍ରୀଜଗନ୍ନାଥ ତା ପାଇଁ ଓହ୍ଲାଇ ଆସନ୍ତି ରତ୍ନବେଦୀରୁ। ନବଦିନ ବ୍ୟାପୀ ଏହି ପତିତପାବନ ଯାତ୍ରା। ସାରା ବିଶ୍ୱବାସୀ ସନ୍ଦର୍ଶନ କରି କୈବଲ୍ୟ ପ୍ରାପ୍ତ ହୁଅନ୍ତି। ସତରେ ଏମିତି ଠାକୁର ଆଉ କାହିଁ ଅଛନ୍ତି ! ଯଥାର୍ଥରେ,

"ଦୋଳେନ ଦୋଳଗୋବିନ୍ଦଂ ଚାପେସ୍ଥ ମଧୁସୂଦନଂ
ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।"

ଜୟ ଜଗନ୍ନାଥ !

# ଜୈବ- ସ୍ୱତ୍ତ୍ୱ ଡକାଏତି: ପରମ୍ପରାର ଲୁଟ୍



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ଜୈବ- ସ୍ୱତ୍ତ୍ୱ ଡକାଏତି ଅର୍ଥ ହେଉଛି ଅନୁମତି କିମ୍ବା ସ୍ୱୀକୃତି ବିନା ବାଣିଜ୍ୟିକ ଲାଭ ପାଇଁ କୌଣସି ଦେଶ କିମ୍ବା ସମ୍ପ୍ରଦାୟର ପାରମ୍ପରିକ ଜ୍ଞାନ ବ୍ୟବସ୍ଥା ଏବଂ ପ୍ରାକୃତିକ ସମ୍ପଦର ବ୍ୟବହାର। ୧୯୯୦ ଦଶକରେ, ଯୁକ୍ତରାଷ୍ଟ୍ର ହଳଦୀର କ୍ଷତ-ନିରାକରଣ ଗୁଣର ପେଟେଣ୍ଟ(ସ୍ୱତନ୍ତ୍ର ଅଧିକାର) କରି ଭାରତର ଶତାବ୍ଦୀ ପୁରୁଣା ପରମ୍ପରାକୁ ହଡ଼ପ କରିବାକୁ ଚେଷ୍ଟା କରିଥିଲା। ଭାରତ ଏହାକୁ ଚ୍ୟାଲେଞ୍ଜ କରିଥିଲା ଏବଂ ଶେଷରେ କେବଳ ହଳଦୀ ପେଟେଣ୍ଟ ନୁହେଁ ବରଂ ପ୍ରାୟ ୫୦ ଟି ଏପରି ଅନ୍ୟ ପେଟେଣ୍ଟକୁ ମଧ୍ୟ ପ୍ରତ୍ୟାହାର କରାଯାଇଥିଲା।

ଜୈବ- ସ୍ୱତ୍ତ୍ୱ ଡକାଏତି ସେହି ପ୍ରକ୍ରିୟାକୁ ବୁଝାଏ ଯାହା ଦ୍ୱାରା ବହୁରାଷ୍ଟ୍ରୀୟ କମ୍ପାନୀ କିମ୍ବା ବିଦେଶୀ ସଂସ୍ଥା ବିକାଶଶୀଳ ଦେଶଗୁଡ଼ିକରୁ ପାରମ୍ପରିକ ଜ୍ଞାନ, ଔଷଧୀୟ ଉଦ୍ଭିଦ, ବିହନ ଏବଂ ଜୈବିକ ସମ୍ପଦର ପେଟେଣ୍ଟ କରନ୍ତି। ଏହା ସାଂସ୍କୃତିକ ଏବଂ ଆର୍ଥିକ ଶୋଷଣ ଗଠନ କରେ, କାରଣ ପିଢ଼ି ପରେ ପିଢ଼ି ଏହି ଜ୍ଞାନ ବିକଶିତ କରିଥିବା ସମ୍ପ୍ରଦାୟଗୁଡ଼ିକ କୌଣସି ସ୍ୱୀକୃତି କିମ୍ବା ଲାଭ ପାଆନ୍ତି ନାହିଁ। ଭାରତ ଭଳି ଦେଶରେ, ଆୟୁର୍ବେଦ, ୟୁନାନୀ ଏବଂ ଲୋକ ଔଷଧର ପରମ୍ପରା ହଜାର ହଜାର ବର୍ଷ ଧରି ରହିଛି। ତଥାପି, ପାଶ୍ଚାତ୍ୟ ଦେଶଗୁଡ଼ିକର ପେଟେଣ୍ଟ ବ୍ୟବସ୍ଥା ଏଗୁଡ଼ିକୁ 'ନୂତନ ଆବିଷ୍କାର' ଭାବରେ ବ୍ୟବହାର କରେ ଏବଂ ସେଗୁଡ଼ିକୁ ନିଜ ନାମରେ ନିଯୁକ୍ତ କରେ। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଜୈବ- ସ୍ୱତ୍ତ୍ୱ ଡକାଏତି ଦକ୍ଷତାର ଧାରା ବୁଝିବା ପାଇଁ, ଆମକୁ ସେମାନଙ୍କର ଅର୍ଥନୈତିକ ଏବଂ ବୈଜ୍ଞାନିକ ଗଠନ ପରୀକ୍ଷା କରିବାକୁ ପଡିବ। ଏହି ଦେଶଗୁଡ଼ିକର ଏକ ଅତ୍ୟନ୍ତ ଦୃଢ଼ ପେଟେଣ୍ଟ ବ୍ୟବସ୍ଥା ଅଛି, ଏବଂ କମ୍ପାନୀଗୁଡ଼ିକ ଯେକୌଣସି 'ନୂତନ ଆବିଷ୍କାର'କୁ ସେମାନଙ୍କ ନାମରେ ପଞ୍ଜୀକରଣ କରି ବାଣିଜ୍ୟିକ ଅଧିକାର ପାଇପାରିବେ। ତଥାପି, ଯେତେବେଳେ ସେମାନେ ବିକାଶଶୀଳ ଦେଶଗୁଡ଼ିକରୁ ପାରମ୍ପରିକ ଜ୍ଞାନ ଏବଂ ଔଷଧୀୟ ଉଦ୍ଭିଦକୁ ପେଟେଣ୍ଟ କରନ୍ତି, ଏହା ମୂଳତଃ ସେହି ଜ୍ଞାନର ଚୋରି। ପାଶ୍ଚାତ୍ୟ ଦେଶଗୁଡ଼ିକର ବୈଜ୍ଞାନିକ ଏବଂ ଶିଳ୍ପ ମାନସିକତା ଲାଭ-କେନ୍ଦ୍ରିତ। ସେମାନେ ବିଶ୍ୱାସ କରନ୍ତି ଯେ ଯଦି ଜ୍ଞାନକୁ ଆଧୁନିକ ବୈଜ୍ଞାନିକ ଭାଷାରେ ଲିଖିତ ଭାବରେ ଉପସ୍ଥାପନ କରାଯାଇ ନାହିଁ, ତେବେ ଏହା 'ନୂତନ' ଏବଂ ପେଟେଣ୍ଟ କରାଯାଇପାରିବ। ଭାରତ ଭଳି ଦେଶରେ, ଆୟୁର୍ବେଦ, ସିଦ୍ଧ, ୟୁନାନୀ ଏବଂ ଲୋକ ଔଷଧର ପରମ୍ପରା ପିଢ଼ି ପରେ ପିଢ଼ି ପାଇଁ ମୌଖିକ ଏବଂ ସାଂସ୍କୃତିକ ଭାବରେ ଚାଲି ଆସିଛି। ଏଗୁଡ଼ିକୁ ପାଶ୍ଚାତ୍ୟ ମାନଦଣ୍ଡ ଦ୍ୱାରା 'ବୈଜ୍ଞାନିକ ଦଲିଲ୍' ଭାବରେ ବିବେଚନା କରାଯାଉନଥିଲା। ଏହି ଦୁର୍ବଳତାର ସୁଯୋଗ ନେଇ, ପାଶ୍ଚାତ୍ୟ କମ୍ପାନୀଗୁଡ଼ିକ ହଳଦୀ, ନିମ ଏବଂ ବାସମତୀ ଚାଉଳ ଭଳି ସମ୍ବଳକୁ ପେଟେଣ୍ଟ କରିବା ଆରମ୍ଭ କଲେ। ଏହା ପଛରେ ଏକ ଗଭୀର ଆର୍ଥିକ ରାଜନୀତି ରହିଛି। ଔଷଧ ଏବଂ କୃଷି ଶିଳ୍ପଗୁଡ଼ିକ କୋଟି କୋଟି ଡଲାର ବ୍ୟବସାୟ କରନ୍ତି। ଯଦି ସେମାନେ ପାରମ୍ପରିକ ଉଦ୍ଭିଦ କିମ୍ବା ରେସିପି ଉପରେ ପେଟେଣ୍ଟ ପାଆନ୍ତି, ତେବେ ବିକାଶଶୀଳ ଦେଶଗୁଡ଼ିକୁ ଉତ୍ପାଦ ବ୍ୟବହାର କରିବା ପାଇଁ ରୟାଲ୍ଟି ଦେବାକୁ ପଡିବ। ତେଣୁ, ପାଶ୍ଚାତ୍ୟ କମ୍ପାନୀଗୁଡ଼ିକ କେବଳ ଜ୍ଞାନ ଚୋରି କରନ୍ତି ନାହିଁ ବରଂ ଏହା ଉପରେ ଆର୍ଥିକ ନିୟନ୍ତ୍ରଣ ମଧ୍ୟ ସ୍ଥାପନ କରନ୍ତି। ଏହା 'ନବ-ଉପନିବେଶିକ ଶୋଷଣ'ର ଏକ ରୂପ, ଯେଉଁଠାରେ ଜ୍ଞାନ ଏବଂ ସମ୍ପଦଗୁଡ଼ିକୁ ଗରିବ ଦେଶଗୁଡ଼ିକୁ ନିର୍ଭରଶୀଳ କରିବା ପାଇଁ ଅସ୍ତ୍ର କରାଯାଏ। ପାଶ୍ଚାତ୍ୟ ଦେଶଗୁଡ଼ିକର ଏହି ପ୍ରବୃତ୍ତି ସେମାନଙ୍କର ବୈଜ୍ଞାନିକ ଅହଂକାର ସହିତ ମଧ୍ୟ ଜଡିତ। ସେମାନେ ବିଶ୍ୱାସ କରନ୍ତି ଯେ କେବଳ ସେମାନଙ୍କ ପ୍ରୟୋଗଶାଳାରୁ ଆସୁଥିବା ଜ୍ଞାନ ବୈଧ। ଯେତେବେଳେ, ଭାରତ ଭଳି ଦେଶରେ, ଏହି ଜ୍ଞାନ ହଜାର ହଜାର ବର୍ଷ ଧରି ଜୀବନର ଏକ ଅଂଶ ହୋଇ ରହିଛି। ହଳଦୀର କ୍ଷତ-ନିରାମୟ ଗୁଣ, ନିମର କୀଟନାଶକ ପ୍ରଭାବ, କିମ୍ବା ବାସମତୀର ଅନନ୍ୟତା ଭାରତୀୟ ସମାଜରେ ସୁପରିଚିତ ଥିଲା। କିନ୍ତୁ ଯେତେବେଳେ ଏଗୁଡ଼ିକ ପାଶ୍ଚାତ୍ୟ ଭାଷାରେ ଲେଖାଯାଉଥିଲା, ସେମାନେ ସେଗୁଡ଼ିକୁ ସେମାନଙ୍କର ଆବିଷ୍କାର ବୋଲି ଦାବି କରିଥିଲେ।

ତେଣୁ, ପାଶ୍ଚାତ୍ୟ ଦେଶମାନଙ୍କ ଦ୍ୱାରା ଜୈବ- ସ୍ୱତ୍ତ୍ୱ ଡକାଏତି କେବଳ ଆର୍ଥିକ ଲାଭର ଏକ ମାଧ୍ୟମ ନୁହେଁ ବରଂ ସାଂସ୍କୃତିକ ପ୍ରାଧାନ୍ୟ ପାଇଁ ଏକ ପ୍ରୟାସ। ସେମାନେ ଦେଖାଇବାକୁ ଚାହାଁନ୍ତି ଯେ ସେମାନେ ବିଶ୍ୱର ଜ୍ଞାନକୁ ନିୟନ୍ତ୍ରଣ କରନ୍ତି। ଯେତେବେଳେ ଭାରତ ଏହି ପେଟେଣ୍ଟଗୁଡ଼ିକୁ ଚ୍ୟାଲେଞ୍ଜ କରିଥିଲା ଏବଂ ପ୍ରତ୍ୟାହାର କରିଥିଲା, ଏହା କେବଳ ଏକ ଆଇନଗତ ବିଜୟ ନୁହେଁ ବରଂ ସାଂସ୍କୃତିକ ଆତ୍ମସମ୍ମାନର ପୁନରୁଦ୍ଧାର ମଧ୍ୟ ଥିଲା। ସାମଗ୍ରିକ ଭାବରେ, ପାଶ୍ଚାତ୍ୟ ଦେଶଗୁଡ଼ିକ ଜୈବ- ସ୍ୱତ୍ତ୍ୱ ଡକାଏତି ଲିପ୍ତ କାରଣ ଏହା ସେମାନଙ୍କୁ ଆର୍ଥିକ ଲାଭ, ବୈଜ୍ଞାନିକ ପ୍ରତିଷ୍ଠା ଏବଂ ବିଶ୍ୱ ନିୟନ୍ତ୍ରଣ ପ୍ରଦାନ କରେ। କିନ୍ତୁ ଭାରତ ଭଳି ଦେଶର ସତର୍କତା ପ୍ରମାଣ କରିଛି ଯେ ପରମ୍ପରା ଏବଂ ସାମୂହିକ ଜ୍ଞାନ ଯେକୌଣସି ପେଟେଣ୍ଟ ଅପେକ୍ଷା ଅଧିକ। ହଳଦୀ ଉପରେ ଆମେରିକୀୟ ପେଟେଣ୍ଟ - ୧୯୯୫ ମସିହାରେ, ଆମେରିକାର ମିସିସିପି ମେଡିକାଲ ସେଣ୍ଟର ବିଶ୍ୱବିଦ୍ୟାଳୟକୁ ହଳଦୀର କ୍ଷତ-ଉପଚାର ଗୁଣ ଉପରେ ଏକ ପେଟେଣ୍ଟ ଦିଆଯାଇଥିଲା। ଦାବି କରାଯାଇଥିଲା ଯେ କ୍ଷତ ଉପରେ ହଳଦୀ ପେଷ୍ଟ ଲଗାଇଲେ ସୁସ୍ଥତା ତ୍ୱରାନ୍ୱିତ ହୁଏ। ତଥାପି, ଏହି ଜ୍ଞାନ ହଜାର ହଜାର ବର୍ଷ ଧରି ଭାରତରେ ପ୍ରଚଳିତ ଥିଲା। ଆୟୁର୍ବେଦିକ ଗ୍ରନ୍ଥଠାରୁ ଘରୋଇ ଉପଚାର ପର୍ଯ୍ୟନ୍ତ, ପ୍ରତ୍ୟେକ ଭାରତୀୟ ପରିବାର ହଳଦୀକୁ ଔଷଧ ଭାବରେ ଜାଣିଥିଲେ। ଯଦି ଏହି ପେଟେଣ୍ଟ ବୈଧ ହୋଇଥାନ୍ତା, ତେବେ ଭାରତକୁ ହଳଦୀର ପ୍ରତ୍ୟେକ ଔଷଧୀୟ ବ୍ୟବହାର ପାଇଁ ଆମେରିକାକୁ ରୟାଲ୍ଟି ଦେବାକୁ ପଡ଼ିଥାନ୍ତା। ସେତେବେଳେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସଂସଦରେ ଏହି ପ୍ରସଙ୍ଗ ଉଠାଇ ଏହାକୁ ଭାରତର ସାଂସ୍କୃତିକ ଐତିହ୍ୟ ଉପରେ ଆକ୍ରମଣ ବୋଲି କହିଥିଲେ। ସେ କହିଥିଲେ ଯେ ଏହା କେବଳ ହଳଦୀର ବିଷୟ ନୁହେଁ, ବରଂ ଭାରତର ପାରମ୍ପରିକ ଜ୍ଞାନକୁ ଲୁଟିବାର ଏକ ପ୍ରୟାସ ଥିଲା। ଏହା ବୈଜ୍ଞାନିକ ସମ୍ପ୍ରଦାୟକୁ ଉତ୍ସାହିତ କରିଥିଲା। ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ (CSIR) ଆମେରିକା ପେଟେଣ୍ଟ କାର୍ଯ୍ୟାଳୟ (USPTO) ରେ ଏକ ଚ୍ୟାଲେଞ୍ଜ ଦାଖଲ କରିଥିଲା। ସେମାନେ ସଂସ୍କୃତ ଗ୍ରନ୍ଥ, ଆୟୁର୍ବେଦିକ ପ୍ରେସକ୍ରିପସନ ଏବଂ ପ୍ରକାଶିତ ଗବେଷଣାରୁ ପ୍ରମାଣ ଉପସ୍ଥାପନ କରିଥିଲେ ଯେ ହଳଦୀ ପ୍ରାଚୀନ କାଳରୁ କ୍ଷତ ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। ଶେଷରେ, ୧୯୯୭ ମସିହାରେ, USPTO ପେଟେଣ୍ଟକୁ ପ୍ରତ୍ୟାହାର କରିନେଇଥିଲା। ୫୦ ପେଟେଣ୍ଟ ପାଇଁ ପ୍ରତ୍ୟାହାର ପ୍ରକ୍ରିୟା - ହଳଦୀ ମାମଲା ଜିତିବା ପରେ, ଭାରତ ପାରମ୍ପରିକ ଜ୍ଞାନକୁ ବଡ଼ ପରିମାଣରେ ସୁରକ୍ଷା ଦେବା ପାଇଁ ଏକ ଅଭିଯାନ ଆରମ୍ଭ କରିଥିଲା। ଡକ୍ଟର ରଘୁନାଥ ମାସେଲକର ଏବଂ ତାଙ୍କ ଦଳ ଜାଣିବାକୁ ପାଇଲେ ଯେ ପ୍ରତିବର୍ଷ ପାରମ୍ପରିକ ଜ୍ଞାନ ସହିତ ଜଡିତ ପ୍ରାୟ ୨,୦୦୦ ପେଟେଣ୍ଟ ଦାଖଲ କରାଯାଏ। ଭାରତ ପାରମ୍ପରିକ ଜ୍ଞାନ ଡିଜିଟାଲ୍ ଲାଇବ୍ରେରୀ (TKDL) ପ୍ରତିଷ୍ଠା କରିଥିଲା, ଯାହା ଆୟୁର୍ବେଦିକ, ୟୁନାନୀ, ସିଦ୍ଧ ଏବଂ ଘରୋଇ ଔଷଧୀୟ ପ୍ରଣାଳୀକୁ ଡକ୍ୟୁମେଣ୍ଟେସନ୍ କରିଥିଲା। ଏହି ଡିଜିଟାଲ୍ ଲାଇବ୍ରେରୀକୁ ଆମେରିକା, ୟୁରୋପ ଏବଂ ଅନ୍ୟାନ୍ୟ ଦେଶର ପେଟେଣ୍ଟ କାର୍ଯ୍ୟାଳୟ ସହିତ ସେୟାର କରାଯାଇଥିଲା। ଏହା ଉପରେ ଆଧାର କରି, ଭାରତ ନିମ, ବାସମତୀ ଚାଉଳ, ଅଦା, କଞ୍ଚା ଏବଂ ଅନ୍ୟାନ୍ୟ ଔଷଧୀୟ ଗଛ ଉପରେ ପ୍ରାୟ ୫୦ ପେଟେଣ୍ଟକୁ ଚ୍ୟାଲେଞ୍ଜ କରିଥିଲା ଏବଂ ପ୍ରତ୍ୟାହାର କରିଥିଲା। ଗୁରୁତ୍ୱ ଏବଂ ପ୍ରଭାବ - ଏହି ସଂଘର୍ଷ ବିଶ୍ୱକୁ ଏକ ବାର୍ତ୍ତା ପଠାଇଲା ଯେ ପାରମ୍ପରିକ ଜ୍ଞାନ କୌଣସି ଏକ ବ୍ୟକ୍ତି କିମ୍ବା ସଂଗଠନର ଉଦ୍ଭାବନ ନୁହେଁ, ବରଂ ଏକ ସାମୂହିକ ଐତିହ୍ୟ। ଭାରତ ପ୍ରମାଣିତ କଲା ଯେ ପେଟେଣ୍ଟ କେବଳ ବୈଧ ହୋଇପାରିବ ଯଦି ଏଥିରେ ପ୍ରକୃତ ଉଦ୍ଭାବନ ଥାଏ। ହଳଦୀ ମାମଲା ଜୈବ-ସ୍ୱତ୍ତ୍ୱ ଡକାଏତି ବିରୁଦ୍ଧରେ ବିଶ୍ୱ ଆନ୍ଦୋଳନର ପ୍ରତୀକ ପାଲଟିଲା। ଏହା ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନ (WIPO) ରେ ପାରମ୍ପରିକ ଜ୍ଞାନର ସୁରକ୍ଷା ଉପରେ ଆଲୋଚନା ଆରମ୍ଭ କଲା। ଭାରତ ଆନ୍ତର୍ଜାତୀୟ ସ୍ତରରେ ନିଶ୍ଚିତ କଲା ଯେ ବିକାଶଶୀଳ ଦେଶଗୁଡ଼ିକର ସାଂସ୍କୃତିକ ଐତିହ୍ୟ କର୍ପୋରେଟ୍ ଲୋଭରୁ ସୁରକ୍ଷିତ। ହଳଦୀ ପେଟେଣ୍ଟ ବିବାଦ କେବଳ ଏକ ଆଇନଗତ ଲଢ଼େଇ ନଥିଲା, ବରଂ ଭାରତର ସଭ୍ୟତା ଏବଂ ଜ୍ଞାନ ପରମ୍ପରାକୁ ସୁରକ୍ଷା ଦେବାର ଏକ ପ୍ରଶ୍ନ ଥିଲା। ଅଟଳ ବିହାରୀ ବାଜପେୟୀଙ୍କ ରାଜନୈତିକ ସଂକଳ୍ପ ଏବଂ ଭାରତୀୟ ବୈଜ୍ଞାନିକଙ୍କ କଠିନ ପରିଶ୍ରମ ଦର୍ଶାଇଥିଲା ଯେ ଯେଉଁ ଦେଶ ନିଜ ଐତିହ୍ୟ ପ୍ରତି ସଚେତନ, ସେ ବିଶ୍ୱ ସ୍ତରରେ ମଧ୍ୟ ନ୍ୟାୟ ପାଇପାରିବ। ଆଜି, TKDL ଏବଂ ଅନ୍ୟାନ୍ୟ ପ୍ରୟାସ ପାଇଁ ଧନ୍ୟବାଦ, ଭାରତ ଜୈବ-ଜଳଦୌଡ଼ ବିରୁଦ୍ଧରେ ଏକ ଦୃଢ଼ ଢାଲ ସୃଷ୍ଟି କରିଛି। ଏହି ସଂଘର୍ଷ ଆମକୁ ମନେ ପକାଇ ଦିଏ ଯେ ଆମର ପରମ୍ପରା କେବଳ ଅତୀତର ଐତିହ୍ୟ ନୁହେଁ ବରଂ ଭବିଷ୍ୟତର ବୈଜ୍ଞାନିକ ଏବଂ ଆର୍ଥିକ ଶକ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜୁଲାଇ ୨୦୨୬ ସୋମବାର





# ଖାଦ୍ୟସଂସ୍କୃତିକୁ ବଳଦେବ ଷ୍ଟ୍ରିଟ୍‌ଫୁଡ୍ ହବ୍:୪କୋଟି ଖର୍ଚ୍ଚ କରିବ ବିଡ଼ିଏ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପାଟ ପାଇଁ ବ୍ରହ୍ମପୁର ସହର ରେଶମ ନଗରର ସ୍ୱତନ୍ତ୍ର ପରିଚୟ ପାଇଛି । ହେଲେ ସୁସ୍ୱାଦୁ ଜଳଖିଆ, ବିଭିନ୍ନ ପାରମ୍ପରିକ ଖାଦ୍ୟ ଓ ଆଧୁନିକ ଖାଦ୍ୟ ଏହି ସହରର ଆଉ ଏକ ସ୍ୱତନ୍ତ୍ରତା । ବିଶେଷ କରି ପୁରୀ ଉପମାର ସ୍ୱାଦ ଯିଏ ଥରେ ଚାଖିଛି ସେ କେବେବି ଭୁଲିପାରିନି । ଫଳରେ ବ୍ରହ୍ମପୁର ରାଜ୍ୟର ଫୁଡ୍ କ୍ୟାପିଟାଲ୍ ଭାବେ ପରିଚିତ । ଖାସ୍ ପାଞ୍ଚସାହି, ଗିରିରୋଡ୍, ରାମଲିଙ୍ଗେଶ୍ୱର ବନ୍ଧ ରାସ୍ତା, ସିଟି ହାଇସ୍କୁଲ ରୋଡ୍, କର୍ପୋରେସନ୍ ରୋଡ୍ ଓ ସେଣ୍ଟଭିନ୍ ସେଣ୍ଟକନ୍‌ଭେଣ୍ଟ ସ୍କୁଲ ରୋଡ୍ ସହରର ଖାଓଗଳି ଭାବେ ପରିଚିତ । ତେବେ ରାମଲିଙ୍ଗେଶ୍ୱର ବନ୍ଧ ରାସ୍ତା ଓ ପଲଉ ଗଳି ଭାବେ ପରିଚିତ ସିଟି ହାଇସ୍କୁଲ ରୋଡ୍ ଯୁବପିଢିଙ୍କ ପ୍ରଥମ ପସନ୍ଦ ପାଲଟିଛି । ଫଳରେ ବ୍ରହ୍ମପୁରର ଖାଦ୍ୟ ସଂସ୍କୃତିର ପ୍ରଚାର ପ୍ରସାର କରିବା ଏବଂ ବ୍ୟବସ୍ଥିତ ଢଙ୍ଗରେ ବ୍ୟବସାୟ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଏଠାରେ ଷ୍ଟ୍ରିଟ୍‌ଫୁଡ୍ ହବ୍ ପାଇଁ ଘୋଷଣା କରିଥିବାବେଳେ ଏଥିପାଇଁ ପ୍ରାରମ୍ଭିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଗତ ମାସରେ କେନ୍ଦ୍ର ଓ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ଟିମ୍ ବ୍ରହ୍ମପୁର ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଇଞ୍ଜିନିୟରିଂ ସ୍କୁଲ୍ ଛକ ରାଜସ୍ୱ ଡାକବଙ୍ଗଳା ଠାରୁ ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସ୍ଥାନରେ ଷ୍ଟ୍ରିଟ୍‌ଫୁଡ୍ ହବ୍ କରିବାପାଇଁ ଫିଜିବିଲିଟି ରିପୋର୍ଟ ସଂଗ୍ରହ କରାଯାଇଛି । ୪ କୋଟି ଟଙ୍କା ବ୍ୟୟରେ ଷ୍ଟ୍ରିଟ୍‌ଫୁଡ୍ ହବ୍ କରିବାକୁ ବିଡ଼ିଏ ପ୍ରସ୍ତାବ ଦାଖଲ କରିଛି । ୩୫୦ ମିଟର ଅଞ୍ଚଳରେ ହେବାକୁ ଥିବା ଫୁଡ୍ ଷ୍ଟ୍ରିଟ୍ ହବ୍‌ରେ ୬୦ଟି ଷ୍ଟଲ୍ ରହିବ । ବିଡ଼ିଏ ଦାଖଲ କରିଥିବା ପ୍ରସ୍ତାବକୁ ଯୁଗ୍ମ ଟିମ୍ ସମୀକ୍ଷା କରିଛନ୍ତି । ଏହାପରେ ବିଏମ୍‌ସି କମିଶନର ତଥା ବିଡ଼ିଏ ଉପାଧ୍ୟକ୍ଷ ଏ.ସସ୍ୟା ରେଡ୍ଡୀଙ୍କ ସହ ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା କରି ଫେରିଛନ୍ତି । ସେହିଭଳି ପୁରୁଣା ଆମ୍ବ ମାର୍କେଟ୍‌ରେ ଆଉ ଏକ ଫୁଡ୍ ହବ୍ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ତେବେ ରାମଲିଙ୍ଗେଶ୍ୱର ବନ୍ଧ ରାସ୍ତା ବର୍ତ୍ତମାନ ବିଭିନ୍ନ ଆଧୁନିକ ଖାଦ୍ୟ ପାଇଁ ସମସ୍ତଙ୍କ ପସନ୍ଦ ପାଲଟିଛି । ଇଟାଲିଆନ୍ ପିଜାଠୁ ଆରମ୍ଭ କରି ମୋମୋ, ଚଉମିନ୍, ଚିକେନ୍ ପପ୍‌କର୍ଣ୍ଣ, ତନ୍ଦୁରୀ, ରୋଲ୍, ସ୍ପ୍ରିଙ୍ଗରୋଲ୍, ସୁପ୍ ସମେତ ବିଭିନ୍ନ ଆମିଷ ଏବଂ ନିରାମିଷ ଫାଷ୍ଟଫୁଡ୍‌ର ଚାହିଦା ଏଠାରେ ଅଧିକ ରହିଛି । ପ୍ରତିଦିନ ଏଠାରେ ପିଲାଠୁ ଆରମ୍ଭ କରି ବୁଢ଼ା ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମିଥାଏ । ତେବେ ପର୍ବପର୍ବାଣୀ ଓ ଛୁଟିରେ ବ୍ୟବସାୟ ଭଲ ହୁଏ ବୋଲି ଜଣେ ବ୍ୟବସାୟୀ କହିଛନ୍ତି । ସେହିପରି ଏଠାରେ ମିଳୁଥିବା ଖାଦ୍ୟ ଅନ୍ୟସ୍ଥାନର ଫାଷ୍ଟଫୁଡ୍‌ରୁ ନିଆରା । ପ୍ରାୟ ଦୁଇ ବର୍ଷ ହେବ ସନ୍ଧ୍ୟା ହେଲେ ଏଠାକୁ ଖାଇବାକୁ ଆସିଥାଏ ବୋଲି ଜଣେ କଲେଜ ଛାତ୍ରୀ କହିଛନ୍ତି । ସେହିପରି ଆଉ ଏକ ଜନଗହଳିପୂର୍ଣ୍ଣ ଖାଓଗଳି ହେଉଛି ଗିରିରୋଡ୍ । ଏହା ଗତ କିଛି ବର୍ଷ ତଳେ ଆରମ୍ଭ ହୋଇଥିଲେ ବି ବର୍ତ୍ତମାନ ସନ୍ଧ୍ୟାରେ ଏଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ବିଶେଷ କରି ଏଠାରେ ମିଳୁଥିବା ବିଭିନ୍ନ କିସମର ମୋମୋ ଯୁବପିଢ଼ୀଙ୍କୁ ଆକର୍ଷିତ କରିଥାଏ । ପ୍ରତି ବ୍ୟବସାୟୀ ମାସକୁ ୨୦ ରୁ ୩୦ ହଜାର ଟଙ୍କା ରୋଜଗାର କରିଥାନ୍ତି ।

# ବିଲୁପ୍ତ ଅବସ୍ଥାରେ ପାଟପୋକ:ଜନତାଙ୍କ ମହଲରେ ଆଲୋଡ଼ନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଡିଜିଟାଲ୍ ଦୁନିଆରେ କଂକ୍ରିଟ୍ ଓ ଫେବର ରାସ୍ତା ଯୋଗୁ ପାଟପୋକ ଦେଖିବା ଅସମ୍ଭବ ହୋଇପଡିଛି । ପ୍ରତିବର୍ଷ ଆଷାଢ଼ ମାସ ତଥା ବର୍ଷାରେ ଆଗମନରେ ଧରା ପୃଷ୍ଠକୁ ପାଟପୋକ ଆଗମନ ହୋଇଥାଆନ୍ତି । ଏହି ଜୀବ ଦେଖିବା ପାଇଁ ଆବାଳ ଠାରୁ ବୃଦ୍ଧ ବନିତା ପର୍ଯ୍ୟନ୍ତ ତଥା ଚାଷୀଭାଇ ମାନଙ୍କ ମଧ୍ୟରେ ଖୁସିର ମାହୋଲ ଜମିଥାଏ । ପାଟ ପୋକ ଦେଖାଦେଲେ ଚାଷୀ ଭାଇମାନଙ୍କ ହୃଦୟରେ ଖୁସିର ଲହର ଜମିବା ସହ କୁଆଡେ ଫସଲ ଭଲ ହେବ ବୋଲି ଅନୁମାନ କରିଥାନ୍ତି । ଏହି କୀଟ ସାଧାରଣତଃ ବାଡ଼ି, ବଗିଚା, ଘାସ ପଡିଆ, ବିଲ ହିଡ଼ ଓ ଘାସ ହୋଇଥିବା ସ୍ଥାନମାନଙ୍କରେ ସାଲୁବାଲୁ ହୋଇଥାନ୍ତି । ଏହି ପାଟପୋକ ଯେପରି କୋମଳ ସେପରି ଘାସ ପଡିଆ ଓ ମାଟି ଉପରେ ଧୀର ଗତିରେ ଚାଲିଥାନ୍ତି । ଦେଖିବାକୁ ଯେପରି ସୁନ୍ଦର ଓ ମନୋରମ ହୋଇଥାନ୍ତି ସେପରି ସୁନ୍ଦର ଜୀବ ଜୀବଜଗତରୁ ବିଲୁପ୍ତ ହେବାକୁ ବସିଲାଣି । ଉପରୋକ୍ତ ଜୀବକୁ ନେଇ ଅନେକ କବି /କବୟିତ୍ରୀ ଓ ପ୍ରକୃତ ପ୍ରେମୀ କଲମ ଚାଳନାରେ ବ୍ୟସ୍ତ ରହିଥାନ୍ତି । ସାର, କୀଟନାଶକ, କଂକ୍ରିଟ୍, ଜଙ୍ଗଲ କାଟି ନଷ୍ଟ କରିବା, ଅସ୍ୱାଭାବିକ୍ ପରିବେଶ ପ୍ରଦୂଷଣ ଯୋଗୁ ଏମାନଙ୍କର ବଂଶ କୁଆଡେ ଲୋପ ପାଇବାକୁ ବୁଦ୍ଧିଜୀବୀ ଶିକ୍ଷାବିତ୍ ମହଲରେ ଆଲୋଡନ ସୃଷ୍ଟି କରିଛି । ଖାଲି ପାଟପୋକ ନୁହେଁ ଅନେକ କୀଟପତଙ୍ଗ ବର୍ଷା ଦିନରେ ଦେଖିବାକୁ ସପନ ହୋଇଗଲାଣି । ଏହା କିପରି ବଂଶ ବୃଦ୍ଧି ଘଟିବ ସରକାରଙ୍କ ପକ୍ଷରୁ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଚର୍ଚ୍ଚା ହେଉଛି ।

# ରାଜପଥ ପାଲଟିଛି ମରଣଯନ୍ତା, ଦୈନିକ ଘଟୁଛି ଦୁର୍ଘଟଣା

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଏବେ ସାଧାରଣ ଜନତାଙ୍କ ପାଇଁ ସ୍ପଷ୍ଟ ମରଣଯନ୍ତା ପାଲଟିଛି । ଦୀର୍ଘ ଦିନ ହେବ ରକ୍ଷଣାବେକ୍ଷଣ ଅଭାବରୁ ଏହି ବ୍ୟସ୍ତବହୁଳ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ରାସ୍ତାର ଠାଏ ଠାଏ ପିଚୁ ଉଠିଯାଇ ଆଣ୍ଠୁଏ ଆଣ୍ଠୁଏ ଗାତ ସୃଷ୍ଟି ହୋଇଛି । ଯାହାଫଳରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଉଛି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଭାରି ଲୁହା ପଥର ବୋଝେଇ ଟ୍ରକ୍ ଚଳାଚଳ କରୁଛି । କ୍ଷମତା ଠାରୁ ଅଧିକ ଓଜନର ଗାଡ଼ି ଯାତାୟାତ ଯୋଗୁ ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ସାଧାରଣ ବାଇକ ଚାଳକ ଏବଂ ପଥିକମାନେ ଏହି ବଡ଼ ବଡ଼ ଗାଡ଼ି ଓ ଖାଲଖମା ଭିତରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି । ଚମ୍ପୁଆ ଏକ ସୀମାନ୍ତ ସହର ଏବଂ ଉପଖଣ୍ଡ ସ୍ତରୀୟ ମୁଖ୍ୟାଳୟ । ତେଣୁ ସ୍ଥାନୀୟ ଅଞ୍ଚଳ ବ୍ୟତୀତ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଏବଂ ମୟୂରଭଞ୍ଜ ଜିଲ୍ଲାର ଶତାଧିକ ଲୋକ ନିଜର ଦୈନନ୍ଦିନ ଜୀବିକା, ବ୍ୟବସାୟ ଓ ଚିକିତ୍ସା ପାଇଁ ଏହି ସହର ଏବଂ ରାଜପଥ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି । ରାସ୍ତାର ଏଭଳି ଦୁର୍ଦ୍ଦଶା ଯୋଗୁ ରୋଗୀ ଓ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି । ରାସ୍ତାର ମରାମତି ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଜାତୀୟ ରାଜପଥ ପ୍ରାଧିକରଣ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ପ୍ରଶାସନର ଏହି ଆଖିବୁଜା ନୀତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବ୍ଲକରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ କାମ ସମୀକ୍ଷା କଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକ ଜିଲ୍ଲା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲାର ସମସ୍ତ ବିଡିଓ, ଏବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାର ବ୍ଲକ ଅଧିନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ସାରିବା ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି । ଏହି ପ୍ରକଳ୍ପଗୁଡିକ ମଧ୍ୟରୁ ମୁଖ୍ୟତଃ ବିଜିରାମ୍‌ଜି (ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର), ଆଜିବିକା ମିଶନ୍, (ଗ୍ରାମୀଣ) ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପଞ୍ଚାୟତରାଜ ବିଭାଗ, କାଡା ପ୍ରଭୃତି ବିଭାଗ ଗୁଡିକରେ ଶ୍ରମିକମାନଙ୍କୁ ନିଯୁକ୍ତିକରି ସେମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଛି । ଜିଲ୍ଲାକୁ ଆସୁଥିବା ଧାର୍ଯ୍ୟ ଲକ୍ଷ୍ୟ ଗୁଡିକୁ ପୂରଣ କରିବା, ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି । ମନରେଗା ଯୋଜନା ଓ ବିଜିରାମ୍‌ଜି ଯୋଜନାରେ ଥିବା ପାର୍ଥକ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଗ୍ରାମୀଣ ଗୃହ ଯୋଜନା ଓ ଅନ୍ତୋଦୟ ଯୋଜନାରେ ହିତାଧିକାରୀମାନେ ନେଇଥିବା ଘର ଗୁଡିକୁ ଯଥାଶୀଘ୍ର ଶେଷ କରିବା ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଛି । ବିକଶିତ ଗାଁ ବିକଶିତ ଓଡ଼ିଶା ୨୦୨୪-୨୫, ୨୦୨୫-୨୬, ୨୦୨୬-୨୭ ଆସିଥିବା ସମସ୍ତ ଟଙ୍କାର ବିନିଯୋଗ ଏବଂ ସମସ୍ତ ପ୍ରକଳ୍ପଗୁଡ଼ିକୁ ଠିକଣା ଦିଗରେ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଏହା ସହିତ ଓଡ଼ିଶା ଲାଇଭ୍ ହୁଡ୍ ମିଶନ୍, ସ୍ୱଚ୍ଛ ଭାରତ ମିଶନ, ସର୍ବଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ମଧ୍ୟ ଆଲୋଚନା କରାଯାଇଥିଲା । ପ୍ରକଳ୍ପଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ଯେଉଁ ଯେଉଁ ସ୍ଥାନରେ ଅସୁବିଧା ରହୁଛି ସେଗୁଡ଼ିକୁ ତୁରନ୍ତ ସମାଧାନ କରିବା, ଚାଲୁଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସାରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଚୋରା ଦେଶୀ ମଦର ବ୍ୟାପକତା:ହଜିଯାଇଛି ମହୁଲି ମଦର ବାସ୍ନା

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ମଦ ମୃତ୍ୟୁକୁ ରୋକିବା ସହିତ ବିଷାକ୍ତ ମଦ ପ୍ରସ୍ତୁତିକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଅବକାରୀ ଆଇନ୍‌ରେ ସଂଶୋଧନ ଆଣି କେତେକ ବଳିଷ୍ଠ ତଥା କଠୋର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଥାପି ଗାଁ ଗହଳିରେ ଚୋରା ଦେଶୀ ରନ୍ଧା ମଦର ପ୍ରସାରକୁ ଅବକାରୀ ବିଭାଗ ରୋକିବାରେ ସଫଳ ହୋଇପାରିନାହିଁ । ଲୋଇସିଂହା ଅବକାରୀ ଥାନା ଅଧୀନ ପ୍ରତି ଗ୍ରାମାଞ୍ଚଳରେ ପ୍ଲାଷ୍ଟିକ୍ ଥଳିରେ ଦେଶୀ ମଦ ବିକ୍ରି ହେଉଛି । ସରକାରୀ ଦେଶୀ ମଦ ଭାଟିରେ ମିଳୁଥିବା ପାଉଚ୍ ମଦ ଅପେକ୍ଷା ଏହି ମଦ ଅପେକ୍ଷାକୃତ ଶସ୍ତା ଓ ଅଧିକ ନିଶା ହେଉଥିବାରୁ ଲୋକେ ଏହାକୁ ଆଦରି ନେଉଛନ୍ତି । ଫଳସ୍ୱରୁପ ଅନେକ ନିରୀହ ଜୀବନ ଅକାଳରେ ଝଡି ଯିବା ସହିତ ଗୁଡ଼ାଏ ପରିବାର ବେସାହାରା ହୋଇଯାଉଥିବା ଦେଖିବାକୁ ମିଳୁଛି । ଅଧିକ ମୁନାଫା ହାତେଇବା ଲକ୍ଷ୍ୟରେ ଲୋଇସିଂହା ସମେତ କେତେକ ସରକାରୀ ଦେଶୀ ମଦ ଭାଟିରେ ମଧ୍ୟ ଏଭଳି ଖୋଲା ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଆଉ ଏଭଳି ଚୋରା କାରବାରରେ ଉପଲବ୍ଧ ହେଉଥିବା ଦେଶୀ ମହୁଲି ମଦରେ ଅସଲି ବାସ୍ନା ଆଉ ନାହିଁ ବୋଲି ଜଣାପଡିଛି । ମହୁଲର ଅଭାବ ଓ ଚଢ଼ା ଦର ଯୋଗୁ ମଦ ପ୍ରସ୍ତୁତକାରୀମାନେ ବର୍ତ୍ତମାନ ଗୁଡ଼, ଚିନି ତଥା ବିଭିନ୍ନ ରାସାୟନିକ ପଦାର୍ଥ ଦ୍ୱାରା ମଦ ପ୍ରସ୍ତୁତ କରି ବିକ୍ରୟ କରୁଛନ୍ତି । ଏହା ଅବକାରୀ ତଥା ପୋଲିସ ବିଭାଗର ଜ୍ଞାତସାରରେ ଚାଲିଥିବା ଅଭିଯୋଗ ହେଉଛି । ମଦଭାଟି ଗୁଡ଼ିକ ନିକଟରେ ଆଉ ମହୁଲ ପୋଚ ଦେଖିବାକୁ ମିଳୁନାହିଁ । ଅଥଚ ଦିନକୁ ହଜାର ହଜାର ଲିଟର ମଦ ପ୍ରସ୍ତୁତ ହୋଇ ବିକ୍ରି ଚାଲିଛି । ଅବକାରୀ ଧାର୍ଯ୍ୟ ନୀତି ଅନୁସାରେ ଜଣେ ଭାଟି ଠିକାଦାର ତାଙ୍କ ମଦଭାଟି ଅଧୀନରେ ଦୁଇରୁ ଅଧିକ ଶାଖା ଖୋଲି ମଦ ବିକ୍ରି କରିବାର କ୍ଷମତା ଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ଗୋଟିଏ ଗ୍ରାମରେ ଦୁଇ ବା ତତୋଧିକ ମଦ କୋଠୀ ଖୋଲି ବେନିୟମ ଭାବେ ଅବାଧରେ ମଦ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏପରିକି ପ୍ରାୟ ପ୍ରତି ଗ୍ରାମରେ କେତେକ ଚୋରାମଦ ବେପାରୀ ନିଜ ନିଜ ଘର ତଥା ସୁରକ୍ଷିତ ସ୍ଥାନମାନଙ୍କରେ ହାତରନ୍ଧା ମଦ ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଜ୍ଞାତସାରରେ ବିକ୍ରୟ କରୁଛନ୍ତି । ଏଭଳି ଅପମିଶ୍ରିତ ତଥା ବିଷାକ୍ତ ମଦ୍ୟପାନ ଯୋଗୁ ୧୭ ବର୍ଷ ତଳେ ଲୋଇସିଂହା ଅବକାରୀ ଥାନା ତଥା ଆଗଲପୁର ବ୍ଲକର ଗଣ୍ଡପାଲି ଗ୍ରାମରେ ୭ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା, ଯାହା ସମଗ୍ର ରାଜ୍ୟରେ ସେତେବେଳେ ଚାଞ୍ଚଲ୍ୟ ଖେଳାଇଦେଇଥିଲା । ଏଭଳି ଅପମିଶ୍ରିତ ତଥା ଚୋରା ଦେଶୀ ରନ୍ଧା ମଦର କାରବାରକୁ କର୍ତ୍ତୃପକ୍ଷ ବନ୍ଦ ନକଲେ ଆଗକୁ ପୁଣି ଗଣ୍ଡପାଲି ମଦ ମୃତ୍ୟୁ ଭଳି ଅଭାବନୀୟ ଘଟଣାର ପୁନରାବୃତ୍ତି ହେବାର ଆଶଙ୍କା ରହିଛି ।

# ବିଧାୟକ-ସାମ୍ବାଦିକ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ



**ଝରିଗାଁ, ନ୍ୟୁଜ୍ ବ୍ୟୁରୋ**

ଝରିଗାଁ ବ୍ଲକ ମାଆ ବିଡିରୀ ଠାକୁରାଣୀଙ୍କ ପୀଠରେ ଝରିଗାଁ ନିର୍ବାଚନ ମଣ୍ଡଳୀର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଏବଂ ବିଧାୟକ ନରସିଂହ ଭତ୍ରାଙ୍କ ମଧ୍ୟରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ସମୟ ଧରି ଚର୍ଚ୍ଚା ମଧ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରୁ ନଳିନୀକାନ୍ତ ମିଶ୍ର, ହରିହର ଶତପଥୀ, ତ୍ରିନାଥ ଧରୁଆ ଏବଂ ବିଧାୟକ ମିଡ଼ିଆ ସଂଯୋଜକ ଗିରି ମାଝୀ ଖବର ପ୍ରସାରଣ ଲାଗି ଜଣେ ପ୍ରତିନିଧି ନିଜର ଭୂମିକା ତୁଲେଇବା ସମୟରେ କିଭଳି ବିଭିନ୍ନ ସମସ୍ୟାର ସମୁଖୀନ ହେବାକୁ ପଡିଥାଏ ସେକଥା ବିଧାୟକଙ୍କ ନଜରକୁ ଆଣିଥିଲେ । ଲୋକଙ୍କ ସମସ୍ୟା ହେଉ କି ଅଞ୍ଚଳର ବିକାଶ କଥା, ଯେତେବେଳେ ଯାହା ସାମ୍ନାକୁ ଆସେ ସେତେବେଳେ ପ୍ରଶାସନର ପାରିବାପଣିଆକୁ ଲୋକଙ୍କ ସାମ୍ନାକୁ ଆଣିବାର ଭୂମିକା ନିଭାଇଥାଏ, ଭୁଲ୍‌କୁ ଭୁଲ୍ ଏବଂ ଠିକ୍‌କୁ ଠିକ୍ ଦର୍ଶେଇଥାଏ ହେଲେ ଏଭଳି କ୍ଷେତ୍ରରେ ଜଣେ ପ୍ରତିନିଧିଙ୍କୁ ଅନେକ ସମସ୍ୟାର ସମୁଖୀନ ହେବାକୁ ପଡିଥାଏ । ଯଦି ଅଞ୍ଚଳର ସମସ୍ୟାକୁ ଲୋକଲୋଚନକୁ ଆଣିଥିବା ପ୍ରତିନିଧିର ବାର୍ତ୍ତାକୁ ପ୍ରାଧାନ୍ୟ ଦିଆଯାଇ ଏହାର ସମାଧାନର ବ୍ୟବସ୍ଥା କରାଗଲେ ଏହା ଶାସକ ଦଳ ପାଇଁ ଏକ ସଫଳତା ହୋଇପାରନ୍ତା ଯାହାକୁ ନେଇ ବିଧାୟକ ମଧ୍ୟ ଗଣମାଧ୍ୟମର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ, ତୃଣମୂଳ ସ୍ତରକୁ ଯାଇ ତୃଣମୂଳ ସ୍ତରରୁ ଖବର ସଂଗ୍ରହ କରୁଥିବାରୁ ଏହା ବିକାଶ କ୍ଷେତ୍ରରେ ଅନେକ ସହାୟତା ହେଉଥିବା ଏବଂ ଅଞ୍ଚଳର ବିକାଶ କ୍ଷେତ୍ରରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା କହିଥିଲେ । ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଧାୟକ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ । ବିଧାୟକଙ୍କ ଏଭଳି ପ୍ରୟାସକୁ ଗଣମାଧ୍ୟମ ପକ୍ଷରୁ ମଧ୍ୟ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ପେନ୍‌ସନ୍ ମାମଲାର ତୁରନ୍ତ ସମାଧାନ ପାଇଁ ଭର୍ଚ୍ୟୁଆଲ୍ ସମୀକ୍ଷା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**




ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମାନେ ଯେପରି ସମୟୋପଯୋଗୀ ଭାବେ ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପାଇପାରିବେ, ସେଥିପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଭର୍ଚ୍ୟୁଆଲ୍ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଆକାଉଣ୍ଟାଣ୍ଟ ଜେନେରାଲ୍ ଓଡ଼ିଶା ଏବଂ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍, ଓଡ଼ିଶାଙ୍କ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଯୋଗ ଦେଇଥିଲେ । ବୌଦ୍ଧ ଜିଲ୍ଲାର ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଡେପୁଟି କଲେକ୍ଟର ଏଷ୍ଟାବ୍ଲିସ୍‌ମେଣ୍ଟ ପରିପୂର୍ଣ୍ଣା ଦେବୀ ପରିଚାଳନା କରିଥିଲେ । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଭର୍ଚ୍ୟୁଆଲ୍ ବୈଠକରେ ଯୋଗଦେଇ ଜିଲ୍ଲାରେ ବାକିରହିଥିବା ପେନ୍‌ସନ୍, ଗ୍ରାଚୁଇଟି ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ସମ୍ବନ୍ଧୀୟ ମାମଲାର ଅଗ୍ରଗତି ଉପସ୍ଥାପନ କରିଥିଲେ । ସମୀକ୍ଷାରୁ ଜଣାପଡ଼ିଛି ଯେ ବୌଦ୍ଧ ଜିଲ୍ଲାରେ ୧୪ଟି ପେନ୍‌ସନ୍ ମାମଲା, ୧୪ଟି ଗ୍ରାଚୁଇଟି ମାମଲା ଏବଂ ଆକାଉଣ୍ଟାଣ୍ଟ ଜେନେରାଲ୍ କାର୍ଯ୍ୟାଳୟରୁ ତ୍ରୁଟି ସଂଶୋଧନ ପାଇଁ ଫେରିଥିବା ୧୩ଟି ପେନ୍‌ସନ୍ ମାମଲା ବିଚାରାଧୀନ ରହିଛି । ଏହି ସମସ୍ତ ମାମଲା ମଧ୍ୟରୁ ସର୍ବାଧିକ ସଂଖ୍ୟକ ମାମଲା ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଥିବା ବିଷୟ ବୈଠକରେ ଉଠିଥିଲା । ବୈଠକରେ ସମସ୍ତ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଝୁଲିରହିଥିବା ପେନ୍‌ସନ୍, ଗ୍ରାଚୁଇଟି ଓ ଏଜି କାର୍ଯ୍ୟାଳୟରୁ ଫେରିଥିବା ମାମଲା ଗୁଡ଼ିକର ଆବଶ୍ୟକ ତ୍ରୁଟି ସଂଶୋଧନ କରି ଯଥାଶୀଘ୍ର ନିଷ୍ପତ୍ତି ନେବେ । କୌଣସି ଯୋଗ୍ୟ ଅବସରପ୍ରାପ୍ତ କର୍ମଚାରୀ ଯେପରି ତାଙ୍କର ପ୍ରାପ୍ୟ ପାଇବାରେ ବିଳମ୍ବର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ବିଭାଗଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ କୁହାଯାଇଛି । ଏହା ସହିତ ଜିଲ୍ଲାସ୍ତରରେ ପେନ୍‌ସନ୍ ଅଦାଲତ ନିୟମିତ ଆୟୋଜନ, ବିଚାରାଧୀନ ମାମଲାର ନିରନ୍ତର ସମୀକ୍ଷା ଏବଂ ସମସ୍ତ ବକେୟା ମାମଲାର ଶୀଘ୍ର ସମାଧାନ ଦିଗରେ ଫଳପ୍ରଦ ପଦକ୍ଷେପ ନେବାକୁ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ।

# ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ଲକ ଛକ ନିକଟରେ ନୂତନ ଅଟଳ ବସ୍‌ଷ୍ଟାଣ୍ଡ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିହିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତବିଭାଗ ଅଧକ୍ଷଣ ଯନ୍ତ୍ରୀ କୋମଳ ସ୍ୱାଇଁ ଓ ଅନ୍ୟ ଅଧିକାରୀ ଓ ଦଳୀୟନେତା ଓ ସ୍ଥାନୀୟ ଜନପ୍ରତିନିଧି ଯୋଗଦେଇଥିଲେ । ଏହି ବସ୍‌ଷ୍ଟାଣ୍ଡ ପାଇଁ ୧୦ କୋଟି ୬୭ ଲକ୍ଷ ଖର୍ଚ୍ଚ ଅଟକଳ ଥିବାବେଳେ ନିର୍ବାଚନ ମଣ୍ଡଳୀର ଏହା ପ୍ରଥମ ବସ୍‌ଷ୍ଟାଣ୍ଡ ହେବ ।





# ବେଆଇନ୍ ଉଚ୍ଛେଦ ନୋଟିସ୍‌କୁ ବଜାର ସଂଘର ବିରୋଧ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଣ୍ଡିଖୋଲ ଠାରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରଶସ୍ତିକରଣ ହେଉଥିବାବେଳେ ଜାତୀୟ ରାଜପଥ କଡରେ ଥିବା ଦୋକାନୀଗୁଡ଼ିକୁ ଉଚ୍ଛେଦ କରାଯାଇଛି । ନିଶ୍ଚିତକୋଇଲି ସଦାନନ୍ଦପୁର ୮ ନମ୍ବର କେନାଲ୍ ପଞ୍ଚୁପାଣ୍ଡବ ଛକରୁ ପୂର୍ବ ତିନିଶହ ମିଟିର ଓ ପଶ୍ଚିମକୁ ୩୦୦ ମିଟର ଉଚ୍ଛେଦ ସମ୍ପର୍କରେ ବେଆଇନ୍ ଭାବରେ ନୋଟିସ୍ ଦିଆଯାଇଥିବାରୁ ପଞ୍ଚୁ ପାଣ୍ଡବ ବଜାର କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ୯ ଗୋଟି ପଞ୍ଚାୟତବାସୀଙ୍କ ଗମନାଗମନ ଠାରୁ ଆରମ୍ଭ କରି ବ୍ୟବସାୟୀମାନଙ୍କ କେନ୍ଦ୍ରସ୍ଥଳୀ ହୋଇଥିବାରୁ କେତେକ ଖୁଚୁରା ପାଇକାରୀ ଦୋକାନ ନାଳ ବନ୍ଧ କଡରେ ଅବସ୍ଥିତ ।ଜଳସେଚନ ବିଭାଗର ପତିତ ଜମି ହୋଇଥିବାରୁ ସାଧାରଣବର୍ଗର ଲୋକ ଦୀର୍ଘବର୍ଷ ଧରି ଦୋକାନ ବଜାର କରି ନିଜ ପରିବାରକୁ ପ୍ରତିପୋଷଣ କରନ୍ତି । ଏହି ଦୋକାନ ହେବାଦ୍ୱାରା ଯାତ୍ରୀମାନଙ୍କୁ ମଧ୍ୟ ଅନେକ ସୁବିଧା ମିଳିଥାଏ । ଏହା ନିରୋଳା ସ୍ଥାନରେ ଦୋକାନ ହୋଇଥିବାରୁ ରାତିରେ ଯାତାୟାତ କରୁଥିବା ଏବଂ ଜାତୀୟ ରାଜପଥରେ ଓହ୍ଲାଉ ଥିବା ଯାତ୍ରୀମାନଙ୍କୁ ସହାୟତା ଦିଆଯାଇଥାଏ । ଏଠାରେ ଦୋକାନ ହେବା ଫଳରେ ଜନସାଧାରଣଙ୍କ ଯାତାୟାତ କିମ୍ବା ଗାଡି ଯିବା ଆସିବାରେ କୌଣସି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୁଏ ନାହିଁ । କେତେକ ଖଳ ପ୍ରକୃତିର ବ୍ୟକ୍ତି ଏହି ବଜାରକୁ ଉଚ୍ଛେଦ କରିବା ପାଇଁ ଚକ୍ରାନ୍ତ କରି ଆସୁଛନ୍ତି । ଏହାର ତୀବ୍ର ବିରୋଧ କରି ପଞ୍ଚୁ ପାଣ୍ଡବ ଜାର କମିଟିର ସଭାପତି ଶୈଳେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ମନୋରଞ୍ଜନ ମହାନ୍ତି, ଭାଗ୍ୟଧର ବେହେରା, ସୁମନ୍ତ କୁମାର ସେଠୀ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରି ବେଆଇନ୍ ଦୋକାନୀ ଘର ଉଚ୍ଛେଦ ନୋଟିସ୍‌କୁ ବିରୋଧ କରିଛନ୍ତି । ଏଥିସହିତ ବିଧାୟକ ପାଟକୁରା, ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଉତ୍ତର ଉପଖଣ୍ଡ ଓ ଡେରାବିଶ ତହସିଲଦାରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି ।

# ବଲାଙ୍ଗିରର ସମସ୍ତ ପାର୍କରେ ସିସିଟିଭି ବ୍ୟବସ୍ଥା ଆରମ୍ଭ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ସହରର ପାର୍କଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ପୌରସଂସ୍ଥା ପକ୍ଷରୁ ସ୍ଥାପିତ ସିସିଟିଭି କ୍ୟାମେରାର ଶୁଭ ଉଦ୍ଘାଟନ କରାଯାଇଛି । ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁଙ୍କ କରକମଳରେ ସହରର ସମସ୍ତ ପାର୍କରେ ସ୍ଥାପିତ ସିସିଟିଭି କ୍ୟାମେରାର ଉଦ୍ଘାଟନ ସମ୍ପନ୍ନ ହୋଇଛି । ଏହି ପଦକ୍ଷେପ ଫଳରେ ପାର୍କକୁ ଆସୁଥିବା ଶିଶୁ, ମହିଳା, ବୟସ୍କ ଓ ସାଧାରଣ ନାଗରିକଙ୍କ ସୁରକ୍ଷା ଅଧିକ ସୁନିଶ୍ଚିତ ହେବ । ସେହିପରି ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା, ପାର୍କଗୁଡ଼ିକର ନିୟମିତ ତଦାରଖ ଓ ସୂଚାରୁ ପରିଚାଳନାରେ ମଧ୍ୟ ଏହି ସିସିଟିଭି ବ୍ୟବସ୍ଥା ସହାୟକ ହେବ । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, କାଉନ୍‌ସିଲର ବୃନ୍ଦ ଏବଂ ପୌରସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ରକ୍ଷଣା ବେକ୍ଷଣ ଅଭାବରୁ ଖତ ଖାଉଛି ମୋବାଇଲ୍ ଟାୱାର୍ ଯନ୍ତ୍ରାଂଶ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ସମୟରେ ବ୍ୟାଙ୍କିଂ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସରକାରୀ ସେବା, ବ୍ୟବସାୟ ଓ ଦୈନନ୍ଦିନ ଯୋଗାଯୋଗ ସମେତ ପ୍ରାୟ ସମସ୍ତ କ୍ଷେତ୍ରରେ ଇଣ୍ଟରନେଟ୍‌ର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି । ଏହି ସମସ୍ତ ସେବା ସୁଚାରୁରୂପେ ଚାଲିବା ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ମୋବାଇଲ୍ ଟାୱାର୍ ଉପରେ ହଜାର ହଜାର ଗ୍ରାହକ ନିର୍ଭରଶୀଳ ରହିଛନ୍ତି । କିନ୍ତୁ ସହରର ବିଭିନ୍ନ ସ୍ଥାନରେ ଥିବା ମୋବାଇଲ୍ ଟାୱାର୍‌ଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ହେଉନଥିବାରୁ ଅନେକ ସମସ୍ୟା ଦେଖାଦେଇଛି । ବହୁ ଟାୱାର୍ ପରିସର ଲତାବୁଦାରେ ଭରିରହିଥିବା ବେଳେ ଅନେକ ସ୍ଥାନରେ ଯନ୍ତ୍ରାଂଶ ମଧ୍ୟ ଅବହେଳିତ ହୋଇ ରହିଛି । ଫଳରେ ବିଭିନ୍ନ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇ ମୋବାଇଲ୍ ନେଟ୍‌ୱର୍କ ସେବା ବାରମ୍ବାର ପ୍ରଭାବିତ ହେଉଥିବା ଅଭିଯୋଗ ଆସୁଛି । ସ୍ଥାନୀୟ ପାଣିଗ୍ରାହୀ ପେଣ୍ଠ ଅଞ୍ଚଳରେ ଥିବା କାଳୀ ମନ୍ଦିର ନିକଟରେ ୨ଟି ଟାୱାର ରହିଛି । ଦୀର୍ଘ ମାସ ହେବ ଟାୱାର ପରିସରରେ ଅନିୟନ୍ତ୍ରିତ ଭାବେ ଲତାବୁଦା ବଢ଼ିଯାଇଥିବାରୁ ସାପ ଓ ଅନ୍ୟାନ୍ୟ ବିଷାକ୍ତ ପ୍ରାଣୀଙ୍କ ଉପଦ୍ରବ ବଢୁଛି । ଏହାସହ ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ନହେବାରୁ ଟାୱାରର ବିଭିନ୍ନ ଯନ୍ତ୍ରାଂଶ ନଷ୍ଟ ହେବାର ଆଶଙ୍କା ରହିଛି । ଯାନ୍ତ୍ରିକ ତ୍ରୁଟି କିମ୍ବା ବିଦ୍ୟୁତ୍ ସମସ୍ୟା ଦେଖାଦେଲେ ଘଣ୍ଟା ଘଣ୍ଟା ଧରି ନେଟ୍‌ୱର୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ କଲ୍, ଇଣ୍ଟରନେଟ୍ ଓ ଅନ୍‌ଲାଇନ୍ ସେବାରୁ ବଞ୍ଚିତ ହେଉଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି । ସେହିପରି ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ଅନ୍‌ଲାଇନ୍ କାର୍ଯ୍ୟ ଉପରେ ନିର୍ଭରଶୀଳ ଲୋକମାନେ ଏହାଦ୍ୱାରା ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୋବାଇଲ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନିୟମିତ ଭାବେ ଟାୱାର୍‌ର ସଫେଇ, ଲତାବୁଦା ସଫା କରିବା, ଯନ୍ତ୍ରାଂଶର ଯାଞ୍ଚ ଓ ଆବଶ୍ୟକ ମରାମତି କାର୍ଯ୍ୟ କରି ଗ୍ରାହକଙ୍କୁ ନିରବଚ୍ଛିନ୍ନ ମୋବାଇଲ୍ ସେବା ଯୋଗାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଅନ୍ୟପକ୍ଷରେ ବିଧାନସଭା ତଥ୍ୟ ମୁତାବକ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ଶତକଡ଼ା ୯୭ ଗ୍ରାମ୍ ଅର୍ଥାତ୍ ୩ ହଜାର ୧୦୯ଟି ଗ୍ରାମ୍‌ରେ ୫ଜି, ୪ଜି, ୩ଜି ଓ ୨ଜି ମୋବାଇଲ୍ ସେବା ରହିଥିବା ଜଣାପଡ଼ିଛି । କିନ୍ତୁ ଏବେବି ଜିଲ୍ଲାର ପ୍ରାୟ ୯୬ଟି ଗ୍ରାମରେ ମୋବାଇଲ୍ ସେବା ନଥିବା ଜଣାପଡ଼ିଛି । ଫଳରେ ଉକ୍ତ ଗ୍ରାମରେ ବସବାସ କରୁଥିବା ବ୍ୟକ୍ତି ଇଣ୍ଟରନେଟ୍ ବ୍ୟବହାର କରିବାରେ ବଞ୍ଚିତ ରହିଥିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ନିରବଚ୍ଛିନ୍ନ ମୋବାଇଲ୍ ନେଟ୍‌ୱାର୍କ ଓ ଇଣ୍ଟରନେଟ୍ ସେବା ଯୋଗାଇବା ପାଇଁ ଏହି ଟାୱାର୍‌ଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ, ସଫେଇ, ଯନ୍ତ୍ରାଂଶର ଯାଞ୍ଚ ଓ ଆବଶ୍ୟକ ମରାମତି କରିବା ଅତ୍ୟନ୍ତ ଜରୁରୀ ରହିଛି । ଏଥିରେ ଅବହେଳା କରୁଥିବା ନେଟ୍‌ୱର୍କ ସେବା ସଂସ୍ଥା ଗୁଡ଼ିକ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଗ୍ରାହକଙ୍କୁ ନିରବଚ୍ଛିନ୍ନ ମୋବାଇଲ୍ ସେବା ଯୋଗାଇବା ନିମନ୍ତେ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ପୋଲ ନିର୍ମାଣ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଟିକରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜାମୁଖୋଲ ଗ୍ରାମ ନିକଟସ୍ଥ ସୁରକେନାଲ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ସ୍ୱର ପୁଣିଥରେ ଜୋର୍‌ଦାର୍ ହୋଇଛି । ଏନେଇ ସୀତାରାମ ଗ୍ରାମ୍ୟ ଉନ୍ନୟନ କମିଟି, ଜାମୁଖୋଲ ପକ୍ଷରୁ ବୌଦ୍ଧ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଶୀଘ୍ର ପୋଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ଷାଋତୁରେ ସୁରକେନାଲ ଠାରେ ପ୍ରବଳ ଜଳସ୍ରୋତ ଯୋଗୁ ଜାମୁଖୋଲ ସମେତ ଆଖପାଖର ଗ୍ରାମଗୁଡ଼ିକର ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥାଏ । ଫଳରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯାଇପାରୁନଥିବା ବେଳେ ରୋଗୀ ଓ ଗର୍ଭବତୀ ମହିଳାମାନେ ଜରୁରୀ ଚିକିତ୍ସାସେବା ପାଇବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କୃଷକମାନେ ମଧ୍ୟ ସେମାନଙ୍କ କୃଷିଜାତ ଉତ୍ପାଦ ବଜାରକୁ ନେଇପାରୁନଥିବାରୁ ଆର୍ଥିକ କ୍ଷତି ସହୁଛନ୍ତି । କମିଟି ପକ୍ଷରୁ କୁହାଯାଇଛି ଯେ, ଏହି ପୋଲ ନିର୍ମାଣ ଦାବି ଦୀର୍ଘବର୍ଷ ଧରି ରହିଆସିଛି । ଏନେଇ ବିଭିନ୍ନ ସମୟରେ ଜନପ୍ରତିନିଧି ଓ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । ସୀତାରାମ ଗ୍ରାମ୍ୟ ଉନ୍ନୟନ କମିଟି ଜିଲ୍ଲାପାଳଙ୍କୁ ତୁରନ୍ତ ସ୍ଥିତିର ସମୀକ୍ଷା କରି ସୁରକେନାଲ-ଜାମୁଖୋଲ ପୋଲ ନିର୍ମାଣ କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରିବାକୁ ଅନୁରୋଧ କରିଛି । ଦାବି ପୂରଣ ନହେଲେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କୁ ନେଇ ଗଣତାନ୍ତ୍ରିକ ଆନ୍ଦୋଳନ କରାଯିବ ବୋଲି କମିଟି ସୂଚନା ଦେଇଛି ।

# ମେସିଙ୍କ ନୂଆ ରେକର୍ଡ: ଡିଏଗୋ ମାରାଡୋନାଙ୍କୁ ଟପିଲେ

**କାନ୍‌ସାସ୍‌**

ଚଳିତ ଫିଫା ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ରବିବାର ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୧୯୬୬ ପରେ ପ୍ରଥମ ଖେଳାଳି ବିଶ୍ୱକପ୍‌ରେ ୧୦ ଗୋଲ୍‌ରେ ସହଯୋଗ କରିଛନ୍ତି। ଏହା କରିବାରେ ସେ ନିଜ ଦେଶର ଡିଏଗୋ ମାରାଡୋନା (୮)ଙ୍କୁ ଟପିଛନ୍ତି। ସ୍ୱିଜରଲାଣ୍ଡ ବିପକ୍ଷ କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ସେ ଏହି ମାଇଲ୍‌ଖୁଣ୍ଟ ଛୁଇଁଥିଲେ। ଏହି ମ୍ୟାଚ୍‌ର ଦଶମ ମିନିଟ୍‌ର ତାଙ୍କ ଚମତ୍କାର କର୍ଣ୍ଣର ପାସ୍‌ରେ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଗୋଲ୍ ଦେଇ ଆର୍ଜେଣ୍ଟିନାକୁ ପ୍ରାରମ୍ଭିକ ଅଗ୍ରଣୀ କରାଇଥିଲେ। ଏଥିସହ ଅତିରିକ୍ତ ସମୟରେ ଦଳ ଜିତି ଲଗାତାର ବିଶ୍ୱକପ୍ ଫାଇନାଲ୍‌ରେ ପହଞ୍ଚିଛି। ୩୯ ବର୍ଷୀୟ ମେସିଙ୍କ ଉଭୟ ଗୋଲ୍ କରିବା ଓ ସହାୟତା ଯୋଗୁଁ ଦଳ ଚତୁର୍ଥ ଏବଂ ଲଗାତାର ଟ୍ରଫି ଜିତିବାଠୁ ମାତ୍ର ୨ ବିଜୟ ଦୂରରେ ରହିଛି।

ଫିଫା ବିଶ୍ୱକପ୍‌ରେ ସର୍ବାଧିକ ଗୋଲ୍‌ରେ ସହଯୋଗ (୧୯୬୬ ପରଠୁ)- ଖେଳାଳି ଦେଶ ସହଯୋଗ : ଲିଓନେଲ ମେସି ଆର୍ଜେଣ୍ଟିନା ୧୦। ଡିଏଗୋ ମାରାଡୋନା ଆର୍ଜେଣ୍ଟିନା ୮। ପିଏରେ ଲିଟବାରସ୍କି ଜର୍ମାନୀ ୭। ଜେଗୋର୍ଜ ଲାଟୋ ପୋଲାଣ୍ଡ ୭।



## ଦିନିକିଆ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆରେ ବଡ଼ ପରିବର୍ତ୍ତନ

# ଦଳରେ ସାମିଲ ହେଲେ ପ୍ରିନ୍ସ ଯାଦବ ଓ ରବି ବିଷ୍ଣୋଇ

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଶେଷ ହେବା ପରେ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବାକୁ ଯାଉଛି। ଏହାର ପ୍ରଥମ ମ୍ୟାଚ୍ ୧୪ ଜୁଲାଇରେ ବର୍ମିଂହାମଠାରେ ଖେଳାଯିବ। ଭାରତୀୟ କ୍ରିକେଟ୍ ବୋର୍ଡ ପକ୍ଷରୁ ରବିବାର ଦଳରେ ୨ଟି ବଡ଼ ପରିବର୍ତ୍ତନ କରାଯାଇଛି। ଆହତ ହର୍ଷିତ ରାଣା ଏବଂ ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ପ୍ରିନ୍ସ ଯାଦବ ଓ ରବି ବିଷ୍ଣୋଇଙ୍କୁ ଦଳରେ ସାମିଲ କରାଯାଇଛି। ବାଦ୍ ପଡ଼ିଥିବା ଉଭୟ ଖେଳାଳି ଚତୁର୍ଥ ଟି-୨୦ ପୂର୍ବରୁ ଆହତ ହୋଇଥିଲେ।

ବିସିସିଆଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ହର୍ଷିତ ରାଣା ଏବଂ ବରୁଣ ଚକ୍ରବର୍ତ୍ତୀ ତୃତୀୟ ଟି-୨୦ ମ୍ୟାଚ୍ ପରେ ଶାରୀରିକ ଅସୁସ୍ଥତା ପ୍ରକାଶ କରିଥିଲେ। ସ୍କାନିଂ ଏବଂ ସମସ୍ତ ମେଡିକାଲ୍ ଯାଞ୍ଚ ପରେ ଜଣାପଡ଼ିଥିଲା ଯେ ରାଣାଙ୍କୁ ଗ୍ରେଡ୍-୧ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି। ସମପରି ବରୁଣଙ୍କୁ ଗ୍ରେଡ୍-୨ ହାମଷ୍ଟ୍ରିଙ୍ଗ୍ ଆଘାତ ଲାଗିଛି। ସତର୍କତା



ମୂଳକ ପଦକ୍ଷେପ ସ୍ୱରୂପ ଉଭୟ ଖେଳାଳିଙ୍କୁ ଚତୁର୍ଥ ଟି-୨୦ ରୁ ବିଶ୍ରାମ ଦିଆଯାଇ ସମ୍ପୂର୍ଣ୍ଣ ସିରିଜ୍‌ରୁ ବାହାର କରିଦିଆଯାଇ ଥିଲା। କହି ରଖୁଛୁ ଯେ ବରୁଣ ଜିମ୍ବାୱେ ଗସ୍ତରୁ ମଧ୍ୟ ବାଦ୍ ପଡ଼ିଛନ୍ତି, ତେବେ ହର୍ଷିତ ଏହି ସିରିଜ୍ ପାଇଁ ଚୟନ ହୋଇନଥିଲେ।

ବରୁଣ ଚକ୍ରବର୍ତ୍ତୀଙ୍କ ବିକଳ୍ପ ଭାବରେ ରବି ବିଷ୍ଣୋଇ ଦଳକୁ ଆସିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଏବଂ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ତାଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ଚେଷ୍ଟର-ଲେ-ଷ୍ଟ୍ରିଟ୍‌ରେ ବର୍ଷା ଯୋଗୁଁ ମ୍ୟାଚ୍ ବାତିଲ ହେବା କାରଣରୁ ସେ ବୋଲିଂ କରିପାରି ନଥିଲେ। ଦ୍ୱିତୀୟ ମୁକାବିଲାରେ ସେ ୪ ଓଭରରେ ୬୦ ରନ୍ ଦେଇଥିଲେ। ଏହା ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ତାଙ୍କର ନୋ ବଲ୍ ଏବଂ ଏକ ଓଭରରେ ୨୭ ରନ୍ ଦେବା କାରଣରୁ ଟିମ୍ ଇଣ୍ଡିଆକୁ ପରାଜୟର ସମ୍ମୁଖୀନ ମଧ୍ୟ ହେବାକୁ ପଡ଼ିଥିଲା।

ଅନ୍ୟପଟେ ପ୍ରିନ୍ସ ଯାଦବ, ହର୍ଷିତ ରାଣାଙ୍କ ସ୍ଥାନ ନେଇଛନ୍ତି। ଆୟରଲାଣ୍ଡ ବିପକ୍ଷ ଦ୍ୱିତୀୟ ମୁକାବିଲାରେ ସେ ନିଜର ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ପ୍ରଥମ ୨ଟି ମ୍ୟାଚ୍‌ରେ ୫ଟି ୱିକେଟ୍ ନେବା ପରେ ଶେଷ ୨ଟି ମ୍ୟାଚ୍‌ରେ ତାଙ୍କର ୱିକେଟ୍ ଖାତା ଖୋଲିପାରି ନଥିଲେ। ତେବେ ପ୍ରିନ୍ସ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ମ୍ୟାଚ୍‌ରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ପ୍ରିନ୍ସଙ୍କ ୨ଟି ଦିନିକିଆ ମୁକାବିଲାରେ ୩ଟି ୱିକେଟ୍ ନେବାରେ ସଫଳ ହୋଇଛନ୍ତି।

ଦିନିକିଆ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), କେଏଲ୍ ରାହୁଲ (ୱିକେଟ୍ କିପର), ଇଶାନ କିଶନ (ୱିକେଟ୍ କିପର), ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଶିଭମ ଦୁବେ, କୁଲଦୀପ ଯାଦବ, ଜସପ୍ରୀତ ବୁମ୍ରା, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂହ, ଗୁରନୁର ବରାର, ପ୍ରିନ୍ସ ଯାଦବ।

ଜିମ୍ବାୱେ ଟି-୨୦ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ : ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଲକ ବର୍ମା (ଉପ-ଅଧିନାୟକ), ଇଶାନ କିଶନ (ୱିକେଟ୍ କିପର), ଶିଭମ ଦୁବେ, ସୂର୍ଯ୍ୟାଂଶ ଶେଡଗେ, ରିଙ୍କୁ ସିଂହ, ହର୍ଷ ଦୁବେ, ପ୍ରିନ୍ସ ଯାଦବ, ଯଶ ଠାକୁର, ଅଶୋକ ଶର୍ମା, ମୟଙ୍କ ଯାଦବ, ପ୍ରଭସିମରନ ସିଂହ (ୱିକେଟ୍ କିପର), ରବି ବିଷ୍ଣୋଇ।

# କ୍ରୀଡ଼ା ଜଗତରେ ଶୋକର ଛାୟା : ମାତ୍ର ୨୫ ବର୍ଷ ବୟସରେ ପ୍ରାଣ ହରାଇଲେ ଷ୍ଟାର ଫୁଟବଲର



**ନୂଆଦିଲ୍ଲୀ**

ଫୁଟବଲ୍ ଜଗତରୁ ଏକ ଅତ୍ୟନ୍ତ ଦୁଃଖଦ ଏବଂ ସ୍ତବ୍ଧ କରିଦେବା ଭଳି ଖବର ସାମ୍ନାକୁ ଆସିଛି। ଫିଫା ବିଶ୍ୱକପ୍ ଚାଲିଥିବା ସମୟରେ, ଦକ୍ଷିଣ ଆଫ୍ରିକାର ଯୁବ ମିଡ୍‌ଫିଲ୍ଡର ଜୟଡେନ ଆଡମ୍ସଙ୍କର ମାତ୍ର ୨୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦକ୍ଷିଣ ଆଫ୍ରିକୀୟ ଫୁଟବଲ୍ ପ୍ଲେୟାର୍ସ ୟୁନିୟନ, କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ତାଙ୍କ କ୍ଲବ୍ 'ମାମେଲୋଡି ସଣ୍ଡାଉନ୍ସ' ଏହି ଦୁଃଖଦ ଖବରକୁ ନିଶ୍ଚିତ କରିଛନ୍ତି। ତେବେ ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପଶ୍ଚିମ କେପ୍ ଦକ୍ଷିଣ ଆଫ୍ରିକୀୟ ପୋଲିସ ସେବାର ପ୍ରବକ୍ତା ଏଫ୍.ସି. ଭ୍ୟାନ୍ ୱିକ୍ ଇଏସପିଏନ୍‌କୁ କହିଛନ୍ତି, 'କେପ୍ ଟାଉନ୍ ସେଣ୍ଟ୍ରାଲ୍ ପୋଲିସ, ଶନିବାର ୧୧ ଜୁଲାଇ ୨୦୨୬ ସକାଳ ପ୍ରାୟ ୧୧:୦୬ ସମୟରେ ସ୍କଟ୍ସଚେକ୍ଲୋଫ୍‌ର ମିଲିଟାରୀ ରୋଡ୍ ସ୍ଥିତ ଏକ ପରିସରରୁ ୨୫ ବର୍ଷୀୟ ଯୁବକ (ଜୟଡେନ ଆଡମ୍ସ)ଙ୍କ ମୃତଦେହ ଉଦ୍ଧାର କରିବା ପରେ ଏକ ମାମଲା ରୁଜୁ କରିଛି। ଏହି ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି।'

ଜୟଡେନ ଆଡମ୍ସ ନିକଟରେ ଦକ୍ଷିଣ ଆଫ୍ରିକାର ଜାତୀୟ ଫୁଟବଲ ଦଳ ପାଇଁ ଫିଫା ବିଶ୍ୱକପ୍‌ରେ ଐତିହାସିକ ଭୂମିକା ଗ୍ରହଣ କରିଥିଲେ। ସେ ଦକ୍ଷିଣ ଆଫ୍ରିକାକୁ ଇତିହାସରେ ପ୍ରଥମ ଥର ପାଇଁ ବିଶ୍ୱକପ୍‌ର ନକ୍‌ଆଉଟ୍ (ରାଉଣ୍ଡ ଅଫ୍ ୩୨) ପର୍ଯ୍ୟାୟରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ସହାୟତା କରିଥିଲେ।

ଆଡମ୍ସ ଗ୍ରୁପ୍ ପର୍ଯ୍ୟାୟରେ ମେକ୍ସିକୋ ବିପକ୍ଷ (୨-୦ ପରାଜୟ) ଏବଂ ଚେକିଆ ବିପକ୍ଷ (୧-୧ ଡ୍ର) ମ୍ୟାଚ୍‌ଗୁଡ଼ିକରେ ପ୍ରାରମ୍ଭିକ ଏକାଦଶରେ ସ୍ଥାନ ପାଇଥିଲେ। ଚେକିଆ ବିପକ୍ଷ ମ୍ୟାଚ୍‌ର ଠିକ୍ ଗୋଟିଏ ଦିନ ପୂର୍ବରୁ ଆଡମ୍ସଙ୍କ ଆଈ ମାରିଆନା ଆଡମ୍ସଙ୍କର ପରଲୋକ ହୋଇଥିଲା। ଏହି ଗଭୀର ଆଘାତ ସତ୍ତ୍ୱେ ସେ ଦେଶ ପାଇଁ ପଡ଼ିଆକୁ ଓହ୍ଲାଇବାର ସାହସ ପ୍ରଦର୍ଶନ କରିଥିଲେ। ୨୪ ଜୁନ୍ ସନ୍ଧ୍ୟାରେ ଦକ୍ଷିଣ କୋରିଆ ବିପକ୍ଷ ୧-୦ ର ଐତିହାସିକ ବିଜୟରେ ସେ ଜଣେ ବଦଳ ଖେଳାଳି ଭାବରେ ପଡ଼ିଆକୁ ଆସିଥିଲେ। ଏହି ମ୍ୟାଚ୍ ହିଁ ତାଙ୍କ ଜୀବନର ଶେଷ ଫୁଟବଲ ମ୍ୟାଚ୍ ସାବ୍ୟସ୍ତ ହୋଇଛି।

# ଫିଫା ୨୦୨୬ : ବିଶ୍ୱକପ୍ ସେମିଫାଇନାଲରେ ପହଞ୍ଚିଲେ ୪ ଶକ୍ତିଶାଳୀ ଦଳ

**କାନ୍‌ସାସ୍‌**

ଫିଫା ବିଶ୍ୱକପ୍ ୨୦୨୬ର ସେମିଫାଇନାଲରେ ପହଞ୍ଚିଥିବା ୪ଟି ଦଳର ନାମ ସାମ୍ନାକୁ ଆସିଛି। କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ଏକାଧିକ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଥିଲା। ପ୍ରଥମେ ଫ୍ରାନ୍ସ, ମରକ୍କୋକୁ ୨-୦ରେ ପରାସ୍ତ କରିଥିଲା। ଏହାପରେ ସ୍ପେନ୍ ୨-୧ରେ ବେଲଜିୟମର ସ୍ୱପ୍ନକୁ ଭାଙ୍ଗି ଦେଇଥିଲା। ଏରଲିଙ୍ଗ ହାଲାଣ୍ଡଙ୍କ ନରୱେକୁ ଇଂଲଣ୍ଡ ହାତରୁ ୧-୨ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସମପରି ବର୍ତ୍ତମାନର ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ୧୨୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡକୁ ମାତ୍ ଦେଇଛି। ଜୁଲାଇ ୧୫ ଏବଂ ୧୬ ରେ ଦୁଇଟିଯାକ ସେମିଫାଇନାଲ ଖେଳାଯିବ। ତେବେ ଏହା ପୂର୍ବରୁ ଜାଣନ୍ତୁ କେଉଁ ଦଳ କାହା ସହିତ ମୁହାଁମୁହିଁ ହେବ ଏବଂ ଭାରତରେ ଆପଣ ଏହି ମ୍ୟାଚ୍‌ଗୁଡ଼ିକୁ କେତେବେଳେ ଦେଖିପାରିବେ।





ଫ୍ରାନ୍ସ ବନାମ ସ୍ପେନ୍ : ୧୫ ଜୁଲାଇ – ପ୍ରଥମ ସେମିଫାଇନାଲ୍ ଡାଲାସ୍‌ଠାରେ ୧୫ ଜୁଲାଇରେ ଭାରତୀୟ ସମୟ ଅନୁସାରେ ରାତି ୧୨:୩୦ରେ ଖେଳାଯିବ। ଏହି ମୁକାବିଲା ଚଳିତ ଟୁର୍ଣ୍ଣାମେଣ୍ଟର ଦୁଇଟି ସବୁଠାରୁ ଶକ୍ତିଶାଳୀ ୟୁରୋପୀୟ ଦଳ ଫ୍ରାନ୍ସ ଏବଂ ସ୍ପେନ୍ ମଧ୍ୟରେ ହେବାକୁ ଯାଉଛି। ଫ୍ରାନ୍ସ ନକ୍‌ଆଉଟ୍ ପର୍ଯ୍ୟାୟରେ ପାରାଗୁଏ ଏବଂ କ୍ୱାର୍ଟର ଫାଇନାଲରେ ମରକ୍କୋକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପଟେ ସ୍ପେନ୍ ରାଉଣ୍ଡ ଅଫ୍ ୧୬ ରେ ପର୍ତ୍ତୁଗାଲ ଏବଂ କ୍ୱାର୍ଟର ଫାଇନାଲରେ ବେଲଜିୟମକୁ ମାତ୍ ଦେଇ ସେମିଫାଇନାଲ୍ ଟିକେଟ୍ ହାସଲ କରିଛି।

ସ୍ପେନ୍‌ର ୧୮ ବର୍ଷୀୟ ଷ୍ଟାର୍ ଲାମିନ୍ ୟାମାଲ୍, କିଲିଆନ୍ ଏମ୍ବାପେଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ସେ ମନେ ପକାଇ ଦେଇଛନ୍ତି ଯେ ୟୁରୋ କପ୍‌ରେ ମଧ୍ୟ ସ୍ପେନ୍ ଦଳ ଫ୍ରାନ୍ସ ଉପରେ ଭାରି ପଡ଼ିଥିଲା। ଅନ୍ୟପଟେ ଫ୍ରାନ୍ସ ପକ୍ଷରୁ ଏପର୍ଯ୍ୟନ୍ତ ଏହାର ଜବାବରେ କୌଣସି ପ୍ରତିକ୍ରିୟା ଆସିନାହିଁ। ଏହି ମ୍ୟାଚ୍‌ରେ ବିଜେତା ଦଳ ହିଁ ଫାଇନାଲ୍ ଟିକେଟ୍ ହାସଲ କରିବ।

ଆର୍ଜେଣ୍ଟିନା ବନାମ ଇଂଲଣ୍ଡ : ୧୬ ଜୁଲାଇ- ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡ ସହ ମୁହାଁମୁହିଁ ହେବେ। ୧୬ ଜୁଲାଇରେ ଏହି ମୁକାବିଲା ଆଟଲାଣ୍ଟାଠାରେ ଖେଳାଯିବ। ଭାରତୀୟ ସମୟ ଅନୁସାରେ ଏହି ମ୍ୟାଚ୍‌ର ପ୍ରସାରଣ ରାତି ୧୨:୩୦ ରୁ ଆରମ୍ଭ ହେବ। ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ ଚମତ୍କାର ଫର୍ମରେ ଥିବା ନରୱେକୁ ହରାଇ ଟୁର୍ଣ୍ଣାମେଣ୍ଟରୁ ବାହାର କରିଥିଲା ଏବଂ ଶେଷ ୪ରେ ନିଜ ସ୍ଥାନ ପକ୍କା କରିଥିଲା। ଏହି ଦଳର ଅଧିନାୟକ ହ୍ୟାରୀ କେନ୍ ୬ଟି ଗୋଲ୍ ସହିତ ଜବରଦସ୍ତ ଲୟରେ ଥିବା ନଜର ଆସୁଛନ୍ତି।

ଅନ୍ୟପଟେ ଲିଓନେଲ୍ ମେସି କ୍ୱାର୍ଟର ଫାଇନାଲରେ ନିଜ ଦଳର ୩-୧ ବିଜୟରେ ଗୋଟିଏ ବି ଗୋଲ୍ କରି ଯୋଗଦାନ ଦେଇପାରି ନଥିଲେ। ଏହା ସତ୍ତ୍ୱେ ମଧ୍ୟ ୮ଟି ଗୋଲ୍ ସହିତ ସେ ସର୍ବାଧିକ ଗୋଲ୍ ସ୍କୋରର୍ ଖେଳାଳିମାନଙ୍କ ତାଲିକାରେ ବଜାୟ ରହିଛନ୍ତି। ଆର୍ଜେଣ୍ଟିନା କ୍ରମାଗତ ଭାବେ ଦ୍ୱିତୀୟ ଟ୍ରଫି ଜିତିବା ଲକ୍ଷ୍ୟରେ ଥିବାବେଳେ ଇଂଲଣ୍ଡ ୧୯୬୬ ପରେ ନିଜର ଦ୍ୱିତୀୟ ଟାଇଟଲ୍ ସନ୍ଧାନରେ ରହିଛି।

# ଭାରତକୁ କ୍ଲିନ୍‌ସୁଇପ୍ କଲା ପରେ ବି ମ୍ୟାକୁଲମଙ୍କଠାରୁ ଛଡ଼ାଇ ନିଆଯିବ ଇଂଲଣ୍ଡ କୋଚିଂ ପଦବୀ!

**ନୂଆଦିଲ୍ଲୀ**

ଘରୋଇ ମାଟିରେ ଇଂଲଣ୍ଡର ଦବ୍‌ଦବା। ବିଶ୍ୱ ବିଜେତା ଟିମ୍ ଇଣ୍ଡିଆକୁ ୪-୦ରେ ହରାଇଛି ଇଂଲଣ୍ଡ। ଟି-୨୦ର ବଡ଼ ଦଳ ବୋଲାଉଥିବା ଭାରତକୁ ହରାଇ ରେକର୍ଡ କରିଛି ଇଂଲିଶ ଦଳ। ଯାହାକୁ ନେଇ ସବୁଠି ସବୁଠି ଚର୍ଚ୍ଚା। ଦଳର ମୁଖ୍ୟ ପ୍ରଶିକ୍ଷକ ବ୍ରେଣ୍ଡମ ମ୍ୟାକ୍‌କୁଲମ୍‌ଙ୍କୁ ମଧ୍ୟ ଏହି ବିଜୟ ଶ୍ରେୟ ଦିଆଯାଉଛି। ହେଲେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଇଂଲଣ୍ଡ ତାଙ୍କୁ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରୁ ବିଦା କରିବା ପାଇଁ ଚିନ୍ତା କରୁଥିବା କୁହାଯାଉଛି। ଯାହାକି ଏକ ଅଷ୍ଟ୍ରେଲିୟ ଖବରକାଗଜରେ ପ୍ରକାଶ ପାଇଛି।

ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଯଦିଓ ଟି-୨୦ରେ ଇଂଲଣ୍ଡ ନିଜର ଦବ୍‌ଦବା ଦେଖାଇଛି ତଥାପି ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଅଷ୍ଟ୍ରେଲିଆଠାରୁ ଟେଷ୍ଟ ସିରିଜ୍ ହାରିଛି ଇଂଲଣ୍ଡ। ଏହାସହ ଅବସର ଘୋଷଣା କରିଛନ୍ତି ବେନ୍ ଷ୍ଟୋକ୍ସ। ତେବେ ଟେଷ୍ଟରେ ଖରାପ ପ୍ରଦର୍ଶନ କରୁଥିବାବେଳେ ଇସିବି ମ୍ୟାକ୍‌କୁଲମଙ୍କୁ କୋଚ୍ ପଦରୁ ହଟାଇବାକୁ ଯୋଜନା କରୁଛି। ମାତ୍ର ସୀମିତ ଓଭର ଏବଂ ଦିନିକିଆ





ଦଳର କୋଚିଂ ଜାରି ରଖିବେ। ଏନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇପାରେ।

ଜୁନ୍ ୨୦୨୨ ମସିହାରେ ଇଂଲଣ୍ଡର ଟେଷ୍ଟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ ମ୍ୟାକ୍‌କୁଲମ୍। ପରେ ଜାନୁଆରୀ ୨୦୨୫ ମସିହାରେ ଦିନିକିଆ ଏବଂ ଟି-୨୦ ଦଳର କୋଚିଂ ଭାର ମଧ୍ୟ ସମ୍ଭାଳିଥିଲେ। ତେବେ ଦିନିକିଆ ଏବଂ ଟି-୨୦ ଦଳର ପ୍ରଶିକ୍ଷକ ରହିବେ ଏବଂ ଟେଷ୍ଟରୁ ବାହାର କରାଯିବ ବୋଲି କୁହାଯାଉଛି। ତେବେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ସମୟରେ ସେ ବିବାଦରେ ମଧ୍ୟ ଫଶିଥିଲେ। ଆଉ ତାଙ୍କ ହାତରୁ ଟେଷ୍ଟ କ୍ରିକେଟର ଦାୟିତ୍ୱ ଛଡ଼ାଇ ନିଆଯିବ ବୋଲି କୁହାଯାଇଛି।

# ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡ଼େମୀ ପକ୍ଷରୁ ୩ ଦିନିଆ ଫୁଟବଲ ଦକ୍ଷତା ବୃଦ୍ଧି କର୍ମଶାଳା 'ଆରମ୍ଭ' ଉଦ୍‌ଘାଟିତ





**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଟାଟା ଟ୍ରଷ୍ଟସ୍‌ର ଆନୁକୂଲ୍ୟରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡ଼େମୀ ଦ୍ୱାରା ଆୟୋଜିତ ୩ ଦିନିଆ ଫୁଟବଲ ଉପରେ ଦକ୍ଷତା ବିକାଶ କର୍ମଶାଳା 'ଆରମ୍ଭ' ବାରିପଦା ଷ୍ଟାଡ଼ିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ଜ୍ଞାନ, ତାଲିମ ଦକ୍ଷତା ଏବଂ ତୃଣମୂଳ ସ୍ତରର ନେତୃତ୍ୱ ମାଧ୍ୟମରେ ସାମୁହିକ କ୍ରୀଡ଼ାର ବିକାଶ ପାଇଁ ଏକ ମଜବୁତ ଭିତ୍ତିଭୂମି ପ୍ରସ୍ତୁତ କରିବା ଓ ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଫୁଟବଲ କ୍ଲବର କୋଚ୍ ମୀର ଆସିଫ୍ ଏହି କର୍ମଶାଳାରେ ତାଲିମ ପ୍ରଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ଫୁଟବଲ୍ ସମ୍ପାଦକ ତଥା ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ପରାମର୍ଶଦାତା ସୋମନାଥ ସିଂହ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ ସହ-ପ୍ରତିଷ୍ଠାତା ସାଇ କିରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୫ ଜଣ ମାଷ୍ଟର ଟ୍ରେନର୍ ଏବଂ ୧୦ ଜଣ ପ୍ରଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କୁ ଏହି କର୍ମଶାଳାରେ ଫୁଟବଲ୍‌ର ବିଭିନ୍ନ ବୈଷୟିକ ଦିଗ ଉପରେ ପ୍ରଶିକ୍ଷଣ ଦିଆଯିବ ବୋଲି ମୁଖ୍ୟ ଆୟୋଜକ ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି। ପରବର୍ତ୍ତୀ ସମୟରେ ତାଲିମପ୍ରାପ୍ତ ପ୍ରଶିକ୍ଷକମାନେ ନିଜନିଜ ଅଞ୍ଚଳରେ ୮ରୁ ୧୮ ବର୍ଷ ବୟସର ଯୁବପ୍ରତିଭା ମାନଙ୍କୁ ଚୟନ କରିବା ସହ ବର୍ଷସାରା ତାଲିମ ପ୍ରଦାନ କରିବେ। ଫଳରେ ସେମାନେ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିପାରିବେ ବୋଲି ଏକାଡେମୀର ନିର୍ଦ୍ଦେଶକ ଶ୍ରୀ ସେଠି ଆଶାପୋଷଣ କରିଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ୱେଷ୍ଟଇଣ୍ଡିଜ



**ପ୍ରୋଭିଡେନ୍ସ**

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୨୬୭ ରନ୍ କରିଥିଲା। ଡାରିଲ ମିଚେଲ (୬୭) କେବଳ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଏକଦା ଦଳ ୪୦ ଓଭରରେ ୨୧୬/୪ କରି ୩୦୦ରୁ ଅଧିକ ରନ୍ କରିବାର ଆଶା ସଞ୍ଚାର କରିଥିଲା ହେଲେ ଶେଷ ୬ ୱିକେଟ୍ ୩୩ ରନ୍‌ରେ ହରାଇ ୨୬୭ ରନ୍‌ରେ ଅଟକି ଯାଇଥିଲା। ପଦାର୍ପଣକାରୀ ଇଣ୍ଡିଜ୍ ବୋଲର ଭିଟେଲ ଲୱେସ୍ ୩/୫୪ ବୋଲିଂ ସଫଳତା ପାଇଥିଲେ।

ସେ ନିକୋଲାସ ପୁରନ, ମାର୍କ ଚାପମାନ ଓ ମିଚେଲ ବ୍ରେସୱେଲଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ୨୬୮ ରନ୍‌ର ବିଜୟ ଲକ୍ଷ୍ୟକୁ ଇଣ୍ଡିଜ୍ ୭ ବଲ୍ ପୂର୍ବରୁ ୩ ୱିକେଟ୍ ହରାଇ ହାସଲ କରି ନେଇଥିଲା। କାର୍ଟି ୯୫ ରନ୍ କରି ଆଉଟ୍ ହୋଇଥିଲା ବେଳେ ସାଇ ହୋପ୍ ୮୭ ରନ୍‌ର ଅପରାଜିତ ପାଳି ଖେଳି ଦଳକୁ ବିଜୟ ଭେଟି ଦେଇଥିଲେ। ଆକିମ ଅଗଷ୍ଟି ୩୮ ଓ ସେର୍ଫାନେ ରଦରଫୋର୍ଡ ୨୨ ରନ୍ କରିଥିଲେ। ମାତ୍ର ୫ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିବା କାର୍ଟି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ୨୧ ବର୍ଷ ବୟସରେ ଇତିହାସ ରଚିଲେ ଲିଣ୍ଡା ନୋସ୍କୋଭା : ଜିତିଲେ କ୍ୟାରିୟରର ପ୍ରଥମ ୱିମ୍ବଲଡନ ଟାଇଟଲ୍

**ନୂଆଦିଲ୍ଲୀ**

ଟେନିସ୍ ଦୁନିଆରେ ଚେକ୍ ରିପବ୍ଲିକର ମହିଳା ଖେଳାଳିମାନଙ୍କର ଦବ୍‌ଦବା କ୍ରମାଗତ ଭାବେ ଜାରି ରହିଛି। ଏକ ଅତ୍ୟନ୍ତ ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ ୨୧ ବର୍ଷୀୟା ଲିଣ୍ଡା ନୋସ୍କୋଭା ନିଜର ଦେଶର ଖେଳାଳି କ୍ୟାରୋଲିନା ମୁଚୋଭାଙ୍କୁ ପରାସ୍ତ କରି ୱିମ୍ବଲଡନ ୨୦୨୬ ର ମହିଳା ସିଙ୍ଗଲ୍ସ ଟାଇଟଲ୍ ନିଜ ନାମରେ କରିଛନ୍ତି। ସେଣ୍ଟର କୋର୍ଟରେ ଖେଳାଯାଇଥିବା ଏହି ସ୍ମରଣୀୟ ମ୍ୟାଚ୍‌ରେ ନୋସ୍କୋଭା, ମୁଚୋଭାଙ୍କୁ ୬-୨, ୫-୭, ୬-୩ ରେ ହରାଇ ପ୍ରଥମ ଥର ପାଇଁ ପ୍ରତିଷ୍ଠିତ 'ଭିନସ ରୋଜୱାଟର ଡିଶ୍' ଟ୍ରଫି ହାସଲ କରିଛନ୍ତି। ଏହି ଐତିହାସିକ ବିଜୟ ସହିତ ନୋସ୍କୋଭା ଗତ ଚାରି ବର୍ଷ ମଧ୍ୟରେ ୱିମ୍ବଲଡନ ଟାଇଟଲ୍ ଜିତିବାରେ ଚେକ୍ ରିପବ୍ଲିକର ତୃତୀୟ ମହିଳା ଖେଳାଳି ହୋଇପାରିଛନ୍ତି। ତାଙ୍କ ପୂର୍ବରୁ ବର୍ଷ ୨୦୨୩ରେ ମାର୍କେଟା ଭୋନ୍ଦ୍ରୋଉସୋଭା ଏବଂ ବର୍ଷ ୨୦୨୪ରେ ବାରବୋରା କ୍ରେଜସିକୋଭା ୱିମ୍ବଲଡନ ଚାମ୍ପିଅନ ହେବାର ଗୌରବ ହାସଲ କରିଥିଲେ।

ନବମ ମାନ୍ୟତା ପ୍ରାପ୍ତ ଲିଣ୍ଡା



ନୋସ୍କୋଭା ନିଜର ଏହି ଟାଇଟଲ୍ ବିଜୟ ସହିତ ଅନେକ ବଡ଼ ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି। ମାତ୍ର ୨୧ ବର୍ଷ ବୟସରେ ୱିମ୍ବଲଡନ ଟାଇଟଲ୍ ଜିତି ସେ ବର୍ଷ ୨୦୧୧ ରେ ନିଜ ଦେଶର କିମ୍ବଦନ୍ତୀ ଖେଳାଳି ପେଟ୍ରା କ୍ୱିଟୋଭାଙ୍କ ପରେ ସବୁଠାରୁ କମ୍ ବୟସର ୱିମ୍ବଲଡନ ମହିଳା ଚାମ୍ପିଅନ ହୋଇପାରିଛନ୍ତି। ଯଦିଓ ନୋସ୍କୋଭାଙ୍କ ପାଇଁ ଏହି ଟାଇଟଲ୍ ବିଜୟ ଏତେ ସହଜ ନଥିଲା। ମ୍ୟାଚ୍‌ର ଏକ ସମୟରେ ସେ ଅତ୍ୟନ୍ତ ମଜବୁତ ସ୍ଥିତିରେ ଥିଲେ ଏବଂ ସହଜରେ ବିଜୟ ଆଡ଼କୁ ବଢୁଥିଲେ, କିନ୍ତୁ ଖେଳ ମଝିରେ ତାଙ୍କ ପ୍ରଦର୍ଶନରେ ଆସିଥିବା ବଡ଼ ଧରଣର ହ୍ରାସ ମ୍ୟାଚ୍‌ର ରୋମାଞ୍ଚକୁ ଚରମ ସୀମାରେ ପହଞ୍ଚାଇ ଦେଇଥିଲା। ନୋସ୍କୋଭା ମୋଟ୍ ଛଅଟି ଚାମ୍ପିଅନସିପ୍ ପଏଣ୍ଟର ସମ୍ମୁଖୀନ ହେବା ପରେ ଶେଷରେ ମ୍ୟାଚ୍‌କୁ ନିଜ ନାମରେ କରିଥିଲେ।

# ଗଚ୍ଛିତ ଥିବା ଛଅଶହ ଟ୍ରିପ୍ ବେଆଇନ୍ ମାଟି ଜବତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲ୍ ଅଞ୍ଚଳରେ ପ୍ରାୟ ଛଅ ଶହରୁ ଉର୍ଦ୍ଧ୍ୱ ଟ୍ରିପ୍ ମାଟି ଓ ଶହେରୁ ଉର୍ଦ୍ଧ୍ୱ ଟ୍ରିପ୍ ବାଲି ସହ ହାଇୱା ଜବତ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ବଆଇନ୍ ଭାବେ ମାଟି, ବାଲି ଚୋରାରେ ବିକ୍ରି ହେଉଥିବାର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନିର୍ଦ୍ଦେଷ କ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବେଆଇନ୍ ଭାବରେ ଗଚ୍ଛିତ ଥିବା ବାଲି, ମାଟି ଓ ହାଇୱା ଗାଡ଼ିକୁ ଜବତ କରାଯାଇଛି। ଆଳିରେ ରବିବାର ତହସିଲଦାର ସୁମନ ଘୋଷଙ୍କ ତତ୍ତ୍ୱାବଧାନରେ ମଧୁବନ, ଜୁଆଣିଆ, ଡିମିରିପାଳ, ଗୋବିନ୍ଦପୁର ପ୍ରଭୃତି ଅଞ୍ଚଳରେ ଚଢ଼ଉ କରି ଗଚ୍ଛିତ ଥିବା ୬୬ଟି ମାଟି, ବାଲି ଓ ହାଇୱାକୁ ଜବତ କରାଯାଇଛି। ସେହିପରି ପଟ୍ଟାମୁଣ୍ଡାଇରେ ୩ଟି ବାଲିବୋଝେଇ ହାଇୱାକୁ ଜବତ କରିଥିବା ବେଳେ ଗରଦପୁର ଠାରେ ଗଚ୍ଛିତ ଥିବା ବାଲିକୁ ଜବତ କରାଯାଇଥିବା ଉପଜିଲ୍ଲାପାଳ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳରୁ ବାଦ୍ ଦେବାର କାରଣ କହିଲେ ଶ୍ରେୟସ ଆୟର

**ନୂଆଦିଲ୍ଲୀ**

ଶନିବାର ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟି-୨୦ରେ ଭାରତୀୟ ଦଳ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେଇଂ ଏକାଦଶରୁ ବାଦ୍ ଦେଇଥିଲା। ସଞ୍ଜୁ ସାମସନ ତିନୋଟି ମ୍ୟାଚ୍ ହରାଇବା ପରେ ଦଳକୁ ଫେରିଥିଲେ। ତଥାପି ଏହି ମ୍ୟାଚରେ ମଧ୍ୟ ଭାରତ ପରାଜୟ ବରଣ କରିଥିଲା, ଇଂଲଣ୍ଡ ୪-୦ରେ ସିରିଜ୍ ଜିତିଥିଲା। ମ୍ୟାଚ ପରେ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଅଧିନାୟକ ଶ୍ରେୟସ ଆୟର ବୈଭବ ସୂର୍ଯ୍ୟବଂଶୀଙ୍କୁ ବାଦ୍ ଦେବାର କାରଣ ବ୍ୟାଖ୍ୟା କରିଥିଲେ।

ଆୟର ସ୍ପଷ୍ଟ କରିଥିଲେ ଯେ ୧୫ ବର୍ଷୀୟ ବୈଭବଙ୍କୁ ତାଙ୍କ ଫର୍ମ ପାଇଁ ନୁହେଁ, ବରଂ ବ୍ୟାଟିଂ କ୍ରମ ସମ୍ପର୍କରେ ଦଳ ପରିଚାଳନାର ରଣନୀତି ପାଇଁ ବାଦ ଦିଆଯାଇଥିଲା। ଶ୍ରେୟସ ବ୍ୟାଖ୍ୟା କରିଥିଲେ ଯେ ମ୍ୟାନେଜମେଣ୍ଟ କ୍ରମର ଶୀର୍ଷରେ ଏକ ବାମ-ଡାହାଣ ବ୍ୟାଟିଂ ମିଶ୍ରଣ ଚାହୁଁଥିଲା; ଫଳରେ, ବୈଭବଙ୍କ ସ୍ଥାନରେ ସାମସନଙ୍କୁ ଅଣାଯାଇଥିଲା। ବୈଭବ ତିନୋଟି ମ୍ୟାଚରେ ୪୨ ରନ କରିଥିଲେ।

ଆୟର କହିଥିଲେ, 'ଆମକୁ ଏହି ପରିସ୍ଥିତି ପାଇଁ ସର୍ବୋତ୍ତମ ଉପଯୁକ୍ତ ଏକ ମିଶ୍ରଣ ଆବଶ୍ୟକ ଥିଲା। ଆମେ ଅଭିଷେକଙ୍କ ସହିତ ଜଣେ ଡାହାଣ ହାତୀ ବ୍ୟାଟ୍ସମ୍ୟାନ ଓପନିଂ କରିବାକୁ ଚାହୁଁଥିଲୁ। ଏହା ଏକ ପ୍ରମୁଖ କାରଣ ଥିଲା।'

ସାମସନଙ୍କ ପ୍ଲେଇଂ ଇଲେଭେନକୁ ଫେରିବା ବିଷୟରେ ପଚରାଯିବାରୁ ଶ୍ରେୟସ ଆହୁରି ମଧ୍ୟ କହିଛନ୍ତି, 'ଯେପରି ମୁଁ ପୂର୍ବରୁ କହିଥିଲି, ଆମେ ଏହି ନିର୍ଦ୍ଦିଷ୍ଟ ମ୍ୟାଚ ପାଇଁ ଉପଯୁକ୍ତ ଏକ ଭିନ୍ନ ମିଶ୍ରଣ ଚେଷ୍ଟା କରିବାକୁ ଚାହୁଁଥିଲୁ। ସଞ୍ଜୁ ଜଣେ ଚମତ୍କାର ବ୍ୟାଟସମ୍ୟାନ; ସେ ଅତୀତରେ ଆମ ପାଇଁ ଅନେକ ସିରିଜ ଜିତିଛନ୍ତି।'

ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ସିରିଜରେ ଭାରତୀୟ ଦଳର ପ୍ରଦର୍ଶନ ନିରାଶାଜନକ ଥିଲା; ଦଳ ସାତଟି ମ୍ୟାଚ୍ ମଧ୍ୟରୁ ଗୋଟିଏ



ବି ଜିତିପାରିଲା ନାହିଁ। ଏହି ଖରାପ ପ୍ରଦର୍ଶନର କାରଣ ବିଷୟରେ ପଚରାଯିବାରୁ, ଶ୍ରେୟସ କହିଥିଲେ ଯେ କେବଳ ଗୋଟିଏ କାରଣ ନଥିଲା, ବରଂ ଦଳକୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା।

ଆୟର କହିଛନ୍ତି, 'କହିବାକୁ ଗଲେ, ଗୋଟିଏ ନିର୍ଦ୍ଦିଷ୍ଟ କାରଣ ନଥିଲା, କିନ୍ତୁ ଆମେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଜାରି ରଖିଲୁ ଏବଂ ନିରନ୍ତର ଚ୍ୟାଲେଞ୍ଜର ସମ୍ମୁଖୀନ ହେଲୁ, ବିଶେଷକରି ପଡ଼ିଆର ସାଇଜ ଏବଂ ଖେଳ ପରିସ୍ଥିତି ବିଷୟରେ। ଆମେ ଆଶା କରିଥିବା ପରି ଶୀଘ୍ର ପରିସ୍ଥିତି ସହିତ ଖାପ ଖୁଆଇ ପାରିଲୁ ନାହିଁ।' ଆୟର କହିଥିଲେ, 'ଯେତେବେଳେ ମୁଁ କହୁଛି ଯେ ଏଥିରୁ ବହୁତ କିଛି ଶିଖିବାର ଅଛି, ମୋର କହିବାର ଅର୍ଥ ହେଉଛି ଏହା ଆପଣ କିପରି ଏକ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି କରନ୍ତି ତାହା ବୁଝାଏ। ଆପଣ କେବଳ ସିରିଜ ଜିତିବେ ବୋଲି ଭାବି ଇଂଲଣ୍ଡ ଆସିପାରିବେ ନାହିଁ; ଆପଣଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ଏବଂ ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ। ଏକ ଦଳ ଭାବରେ, ଆମେ ଠିକ ଏହା କରିଥିଲୁ। ବ୍ୟକ୍ତିଗତ ଭାବରେ, ମୁଁ ଭାବୁଛି ଯେ ସେମାନେ ତିନୋଟି ବିଭାଗରେ ଉତ୍କୃଷ୍ଟ କ୍ରିକେଟ ଖେଳିଥିଲେ – ବ୍ୟାଟିଂ, ବୋଲିଂ ଏବଂ ଫିଲଡିଂ- ଯାହା ଫଳରେ ଫଳାଫଳ ସେମାନଙ୍କ ପକ୍ଷରେ ଗଲା।'

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜୁଲାଇ ୨୦୨୬ ସୋମବାର





# ବିଏମ୍‌ସି ପକ୍ଷରୁ 'କ୍ୟାଚ୍ ଦ ରେନ୍' ଅଭିଯାନର ଶୁଭାରମ୍ଭ

## ଜଳ ସୁରକ୍ଷିତ ଭୁବନେଶ୍ୱର ଗଠନ ପାଇଁ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
'କ୍ୟାଚ୍ ଦ ରେନ' ହେଉଛି ଭାରତ ଜାତୀୟ ଜଳ ମିଶନ, ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଦେଶବ୍ୟାପି ଆରମ୍ଭ ହୋଇଥିବା ଜଳ ସଂରକ୍ଷଣ ଅଭିଯାନ। ଯେଉଁଠାରେ ବର୍ଷା ହେଉଛି, ପ୍ରତ୍ୟେକ ନାଗରିକ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ଏବଂ ଭୂତଳ ଜଳ ସଂରକ୍ଷଣ କରିବା ଉଚିତ୍। ଏହି ଅଭିଯାନକୁ ସାକାର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଛି 'କ୍ୟାଚ୍ ଦ ରେନ୍' ସଚେତନତା ଅଭିଯାନ । ଏହି ଉପଲକ୍ଷେ ଆଜି ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ବିରଂଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ସ୍ଥାନୀୟ କର୍ପୋରେଟର ଶ୍ରୀ ବିପ୍ଳବ ହେବେରାଙ୍କ ସହ ବହୁ କର୍ପୋରେଟରଙ୍କ ଉପସ୍ଥିତିରେ କ୍ୟାଚ୍ ଦି ରେନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କ୍ୟାଚ୍ ଦ ରେନ୍ ଅଭିଯାନରେ ଟିମ୍ ବିଏମ୍ ସି ସହ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ସାନିଟାରୀ ଇନ୍ସପେକ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଏଜେନ୍ସିର କର୍ମୀ ବିଶେଷ କରି ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଜଳ ସଂରକ୍ଷଣର ଗୁରୁତ୍ୱ ସଂପର୍କରେ ସଚେତନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ସ୍ଥାୟୀ ଜଳ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ଶପଥ ନେଇଥିଲେ।
କ୍ୟାଚ୍ ଦ ରେନ୍ କାର୍ଯ୍ୟକ୍ରମର ପ୍ରମୁଖ ପଦକ୍ଷେପଗୁଡିକ ହେଲା-ଘର, ଗୋଷ୍ଠୀ ଏବଂ କର୍ମସ୍ଥଳରେ ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀକୁ ଗ୍ରହଣ କରିବା। ରିଚାର୍ଜ ପିଟ୍ ଏବଂ ଶାଫ୍ଟ ନିର୍ମାଣ କରିବା ସହ ଭୂତଳ ଜଳ ରିଚାର୍ଜ କରିବା ପାଇଁ ଅବ୍ୟବହୃତ ନଳକୂପଗୁଡିକର ପୁନରୁଦ୍ଧାର କରିବା। କୂଅ ଏବଂ ଷ୍ଟେପୱେଲ ଭଳି ପାରମ୍ପାରିକ ଜଳ ସଂରଚନାର ପୁନରୁଦ୍ଧାର ଏବଂ ଉପଯୋଗ କରିବା। ବର୍ଷାଋତୁରେ ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ପୋଖରୀ ଏବଂ ଜଳାଶୟଗୁଡିକରୁ ପଙ୍କୋଦ୍ଧାର କରିବା। ପରିବେଶଗତ ସ୍ଥିରତା ଏବଂ ଜଳ ସଂରକ୍ଷଣକୁ ସୁଦୃଢ କରିବା ପାଇଁ ମିଆୱାକି ପଦ୍ଧତିରେ ବୃକ୍ଷ ରୋପଣ ସହ ସବୁଜ ଆଚ୍ଛାଦନକୁ ପ୍ରୋତ୍ସାହିତ କରିବା ଦରକାର । ବର୍ଷା ଋତୁରେ ବର୍ଷା ଜଳ ପ୍ରବାହକୁ ସୁଗମ କରିବା, ଜଳମଗ୍ନତାକୁ ହ୍ରାସ କରିବା ଏବଂ ସହରାଂଚଳର ସ୍ଥିତିସ୍ଥାପକତାରେ ଉନ୍ନତି ଆଣିବା ପାଇଁ ପ୍ରମୁଖ ଡ୍ରେନଗୁଡିକ ଉପରେ ହୋଇଥିବା ଜବରଦଖଲ ହଟାଇବା ଆବଶ୍ୟକ । ଏହି ପ୍ରୟାସଗୁଡିକ ମିଳିତ ଭାବେ କରାଗଲେ, ପ୍ରତ୍ୟେକ ବୁନ୍ଦା ଜଳର ସଂରକ୍ଷଣ ହେବା ସହ ଅଧିକ ସ୍ଥାୟୀ ତଥା ଜଳ ସୁରକ୍ଷିତ ଭୁବନେଶ୍ୱର ନିର୍ମାଣ ଦିଗରେ ବେଶ ସହାୟକ ହେବ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି ।

# ଆଧାତ୍ମିକ ପୁସ୍ତକ ସଂକଳନ 'ବ୍ରହ୍ମ ଅଚ୍ୟୁତ' ଲୋକାର୍ପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶରତ କର ଓ ଅନିମା କର ଫାଉଣ୍ଡେସନ ଦ୍ୱାରା ପ୍ରକାଶିତ ଆଧାତ୍ମିକ ପୁସ୍ତକ ସଂକଳନ 'ବ୍ରହ୍ମ ଅଚ୍ୟୁତ' କଟକ ମହାନଗର ନିଗମ ଅନ୍ତର୍ଗତ ଶତାବ୍ଦୀ ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ବହୁ ବିଶିଷ୍ଟ ବୁଦ୍ଧିଜୀବୀ ବିଦ୍ୱାନ ପଣ୍ଡିତମାନଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି । ଇଷ୍ଟର୍ଣ୍ଣ ମିଡ଼ିଆ ଲିଃର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ପ୍ରଜ୍ଞାନ ବାଚସ୍ପତି ତଥା 'ନିତ୍ୟନୂତନ'ର ସମ୍ପାଦକ ପଣ୍ଡିତ ଡ଼ଃ ପ୍ରବୋଧ କୁମାର ମିଶ୍ର ଯଥାକ୍ରମେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରାଙ୍କ ସମେତ ସନ୍ଥ ଶ୍ରୀଅଚ୍ୟୁତାନନ୍ଦଙ୍କ ପଟ୍ଟଚିତ୍ର ରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଭବ୍ୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କଟକ ଜିଲ୍ଲା ଅନ୍ତର୍ଗତ ନେମାଳ ସ୍ଥିତ ଶ୍ରୀ ଶ୍ରୀ ବ୍ରହ୍ମ ଅଚ୍ୟୁତ ସାରସ୍ୱତ ସମାଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପୁସ୍ତକ ଲୋକାର୍ପଣ ତଥା ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ଡକ୍ଟର ଗୋବିନ୍ଦ ଭୂୟାଁ ଅଧ୍ୟକ୍ଷତା କରିଥିଲେ।



ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପିକା ଡ଼ଃ ପ୍ରତିଭା ମହାରଥୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟ - ସଂସ୍କୃତି ସଂଗଠକ ତଥା 'ନିର୍ଭୀକ' ସମ୍ପାଦକ ଶ୍ରୀଯୁକ୍ତ ଅବନୀ ଚନ୍ଦ୍ର ଦାସ, ସାହିତ୍ୟିକ ଡ଼ଃ ସନ୍ତୋଷ ଉପାଧ୍ୟାୟ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପୃଷ୍ଟି ଯୋଗଦେଇ ଥିଲେ । ଶ୍ରୀ ଅଚ୍ୟୁତଙ୍କ ମାଳିକା ବର୍ଣ୍ଣିତ ସମାଜ ସଚେତକ ଭବିଷ୍ୟ ବାଣୀ, ପୋଥି ପୁରାଣର ତତ୍ତ୍ୱ ଓ ତଥ୍ୟ ଆଜିବି ପ୍ରାସଙ୍ଗିକତା ବଜାୟ ରଖିଛି ବୋଲି ଅତିଥି ମାନେ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ରାଜ୍ୟର ବହୁ ସ୍ୱନାମଧନ୍ୟ କବି, ସାହିତ୍ୟିକ, ଲେଖକ, ଗବେଷକ ମାନଙ୍କ ଶ୍ରୀ ଜଗନ୍ନାଥ ସଂସ୍କୃତି ତଥା ଶ୍ରୀ ଅଚ୍ୟୁତାନନ୍ଦଙ୍କ କଥା ଓ ଗାଥା ସମ୍ପର୍କିତ ଆଲେଖ୍ୟରେ ସମୃଦ୍ଧ ଶ୍ରୀ ଆଶୀର୍ବାଦ ଦାସଙ୍କ ଦ୍ୱାରା ସଂକଳିତ 'ବ୍ରହ୍ମ ଅଚ୍ୟୁତ' ଆଧାତ୍ମିକ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ - ସଚିବ ଶ୍ରୀଯୁକ୍ତ ସଞ୍ଜୟ କୁମାର ଛୁଆଳ ସିଂ ଏବଂ ଇଂ. ଗୁରୁ ପ୍ରସାଦ ପୃଷ୍ଟି ସଭାରେ ସ୍ୱକୀୟ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଧିବକ୍ତା ଆକାଶ ଭୂୟାଁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂକଳକ ଆଶୀର୍ବାଦ ଦାସ ପୁସ୍ତକ ସମ୍ପର୍କ ରେ ସମ୍ୟକ୍ ସୂଚନା ଦେବା ସହିତ ଅନୁଷ୍ଠାନର ଆଭିମୁଖ୍ୟ ବର୍ଣ୍ଣନା କରି ସଭିଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଇତ୍ୟବସରରେ ନେମାଳ ସ୍ଥିତ ଶ୍ରୀ ଶ୍ରୀ ବ୍ରହ୍ମ ଅଚ୍ୟୁତ ସାରସ୍ୱତ ସମାଜ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ଆଧାତ୍ମ୍ୟ ପ୍ରେମୀ ସାହିତ୍ୟ - ସଂସ୍କୃତି ସଂଗଠକ ତଥା 'ନିର୍ଭୀକ' ସମ୍ପାଦକ ଅବନୀ ଚନ୍ଦ୍ର ଦାସ, ସୁଲେଖିକା ଗୀତାଞ୍ଜଳି ପୃଷ୍ଟି ଏବଂ ସମାଜସେବୀ ଡକ୍ଟର ସନ୍ତୋଷ ଉପାଧ୍ୟାୟ ଙ୍କୁ ସଭା ମଞ୍ଚରେ 'ଶ୍ରୀ ଅଚ୍ୟୁତ ସାରସ୍ୱତ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏତତ୍ ଭିନ୍ନ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅନ୍ୟାନ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରାୟ ଅର୍ଦ୍ଧଶତକରୁ ଉର୍ଦ୍ଧ୍ୱ କୃତୀ ପ୍ରତିଭା ମାନଙ୍କୁ 'ସମ୍ମାନ ସନନ୍ଦ' ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷାବିତ୍ ମହେନ୍ଦ୍ର ଘଡ଼େଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ ସାରସ୍ୱତ ସମାରୋହରେ ୭ ବର୍ଷୀୟ ଶିଶୁ ନୃତ୍ୟଶିଳ୍ପୀ ଶାଶ୍ୱତିକା ସିଂହ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁସ୍ଥ ହେଲେ...

ଦର୍ଶନ ଦେବେ । ରବିବାର ସକାଳ ସନ୍ଧ୍ୟା ଭୋଗମଣ୍ଡପ ନୀତି ସରିବା ପରେ, ଭଣ୍ଡାରଘରୁ ରୂପା ଥାଳି ନେଇ ଦକ୍ଷିଣ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ଆସ୍ଥାନ ପ୍ରତିହାରୀ ପକାଇଥିବା ପାହାଡ଼ା ଉପରେ ରଖାଯାଇଥାଏ । ଚାଙ୍ଗଡା ମେକାପ ଯୋଗାଇଥିବା ପାଟକନା ସେହି ରୂପା ଥାଳିମାନଙ୍କ ଉପରେ ପକାଇ ଦିଆଯାଏ। ଦଇତାପତି ସେବକମାନେ ଅଣସର ପିଣ୍ଡିରୁ ଶ୍ରୀ ଅଙ୍ଗଚନ୍ଦନ, କରାଳ ଓ ପାଟଡୋରି ଉକ୍ତ ଥାଳିରେ ରଖି ଘଣ୍ଟ, ଛତ୍ର, କାହାଳୀ ସହ ତଳିଛ ମହାପାତ୍ର ଓ ପ୍ରଧାନୀ ସେବକ ହାତ ପଇଠ ହୋଇ ଆଗେ ଆଗେ ପଟୁଆରରେ ଶ୍ରୀନଅର ଅଭିମୁଖେ ଯାଇଥିଲେ। ଶ୍ରୀନଅରରେ ଉପସ୍ଥିତ ହେବା ପରେ ସେଠାରେ ଛୁଆଁ ଶାଢ଼ୀମାନ ଦଇତା, ପତିମହାପାତ୍ର, ତଢାଉ, ଦେଉଳ କରଣ ଓ ତଳିଛ ମହାପାତ୍ର ପ୍ରଦାନ କରିଥିଲେ। ସେଠାରେ ଗଜପତି ମହାରାଜଙ୍କୁ ଦଇତାପତି ସେବକମାନେ ମହାପ୍ରଭୁଙ୍କ ସୁସ୍ଥତା ସଂପର୍କରେ ଅବଗତ କରିବା ସହ ରଥଯାତ୍ରା ଓ ଗୁପ୍ତନୀତି ସଂପର୍କରେ ସୂଚନା ଦେଇଥିଲେ ।

## ବାଇକ୍‌କୁ ୪ ...

ଦେବା ସହିତ ୪ କିଲୋମିଟର ଘୋଷାଡ଼ି ନେଇଛି। ଏହି ଦୁର୍ଘଟଣାରେ ବାପା ଏବଂ ତାଙ୍କର ୨ପୁଅଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଳରାମ ଗଣ୍ଡ (୩୫) ଏବଂ ତାଙ୍କର ଦୁଇପୁଅ। ସୂଚନା ଅନୁସାରେ ଛତିଶଗଡ଼ ଅନ୍ତର୍ଗତ କର୍ତ୍ତାଭରି ଗ୍ରାମର ବଳରାମ ଗଣ୍ଡ, ତାଙ୍କ ପତ୍ନୀ ଏବଂ ତିନି ପୁଅକୁ ନେଇ ବାଇକ ଯୋଗେ ସନ୍ଧ୍ୟା ୫ଟା ସମୟରେ ଓଡ଼ିଶାରୁ ଘରକୁ ଫେରୁଥିଲେ। ଠିକ ଏହି ସମୟରେ ରାଇଘର-କୁନ୍ଦେଇ ମୁଖ୍ୟରାସ୍ତାର ଦେଓଭରାଣ୍ଡି (ଆଦିବାସୀ) ଠାରେ ଏକ ଟ୍ରକ ପଛପଟେ ଧକ୍କା ଦେବା ସହିତ ଚଢ଼ିଯିବା ଫଳରେ ଘଟଣା ସ୍ଥଳରେ ବଳରାମ ଏବଂ ତାଙ୍କ ଦୁଇ ପୁଅଙ୍କର ମୃତ୍ୟୁ ହୋଇଥିଲା।

## ୪୦୫ କୋଟିର...

ନୂତନ ଏସି ବସ୍ ମଧ୍ୟ ଏଏମଟିଏସ ଫ୍ଲିଟ୍‌ରେ ଯୋଡ଼ା ଯାଇଥିଲା । ଏହି କାର୍ଯ୍ୟକ୍ରମ ସମୟରେ ୬୦.୬୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୮୮ଟି ଆଧୁନିକ ସରକାରୀ ଆବାସର ମଧ୍ୟ ଇ-ଉଦ୍‌ଘାଟନ କରାଯାଇଥିଲା। ଏହାପରେ କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଶାହା ଭାଡ଼ଜ, ବୋପଲ ଏବଂ ବାଡ଼ଜ ସମେତ ବିଭିନ୍ନ ଅଞ୍ଚଳରେ ସାମୁହିକ ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅମିତ ଶାହା କହିଛନ୍ତି, 'ଆଜି ମୁଁ ଅହମ୍ମଦାବାଦ ସହର ଏବଂ ଗାନ୍ଧୀନଗର ଲୋକସଭା କ୍ଷେତ୍ରର ସମସ୍ତ ନାଗରିକଙ୍କୁ ହୃଦୟରୁ ପ୍ରଣାମ କରିବା ସହ ଅଭିନନ୍ଦନ ଜଣାଉଛି । ଗାନ୍ଧୀନଗର ଲୋକସଭା କ୍ଷେତ୍ରରେ ନାଗରିକମାନେ ଆଜି ଗୋଟିଏ ଦିନରେ ୧ କୋଟି ୨୫ ଲକ୍ଷରୁ ଅଧିକ ଚାରା ରୋପଣ କରିଛନ୍ତି, ଯେତେବେଳେ ଅହମ୍ମଦାବାଦ ସହରର ତିନୋଟି ଲୋକସଭା ଆସନରେ ପୃଥକ୍ ପୃଥକ୍ ଭାବେ ୫୦ ଲକ୍ଷ ଚାରା ରୋପଣ ପାଇଁ ଏକ ବିଶାଳ ଅଭିଯାନ ଆରମ୍ଭ କରାଯାଇଛି।

## ନିଶାମୁକ୍ତ ଓଡ଼ିଶା ...

ଜନସଚେତନତା ବୃଦ୍ଧି କରାଯିବ। ଯୋଜନାର ଅନ୍ୟ ଏକ ଅଂଶ ଭାବେ ୭୬.୪୦ ଲକ୍ଷ ଟଙ୍କା ବ୍ୟୟରେ ୧,୫୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ମୋବିଲାଇଜ୍ କରାଯିବ। ସେମାନେ ନିଶାର କୁପ୍ରଭାବ ସମ୍ପର୍କରେ ସମାଜରେ ସଚେତନତା ସୃଷ୍ଟି କରିବେ।

## ଖରାପ ଖାଦ୍ୟ ...

କରାଯାଇଛି। ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବାକୁ କମ୍ପାନିକୁ କୁହାଯାଇଛି। ତାହା ଦେବାରେ ବିଫଳ ହେଲେ କମ୍ପାନି ବିରୋଧରେ ଏଫ୍‌ଏସ୍‌ଏସ୍ ନିୟମ ୨୦୦୬ ଅଧୀନରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି।

## ୩୯ ଜରୁରୀ...

ଆସୁଥିବା ନୂଆ ବ୍ୟାଚ୍‌ର ମେଡିସିନ୍ ଷ୍ଟ୍ରିପ୍ ଉପରେ ଏହି ନୂଆ ସଂଶୋଧିତ ଏମ୍‌ଆରପି ପ୍ରିଣ୍ଟ ହେବା ବାଧ୍ୟତାମୂଳକ। ଯଦି କୌଣସି କମ୍ପାନୀ କିମ୍ବା ଖୁଚୁରା ବିକ୍ରେତା ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କା ଗ୍ରାହକଙ୍କଠାରୁ ଆଦାୟ କରନ୍ତି, ତେବେ ସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗ୍ରାହକ ବି ଔଷଧ କିଣୁଥିବା ବେଳେ ପ୍ୟାକେଟ୍ ରେ ଥିବା ଏମ୍‌ଆରପି ନିଶ୍ଚୟ ଯାଞ୍ଚ କରନ୍ତୁ। ଯଦି କୌଣସି ଦୋକାନଦାର ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦାମ ନେଉଛନ୍ତି, ତେବେ ଅଭିଯୋଗ କରିପାରିବେ।

## ୩୦ ଦିନ...

ପୁନଃସ୍ଥାପନକୁ ସୁନିଶ୍ଚିତ କରେ ଏବଂ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇନଥିବା ବ୍ୟକ୍ତିଙ୍କ ନିଲମ୍ବନ ସ୍ଥାୟୀ ନ ହୁଏ ତାହା ମଧ୍ୟ ସୁନିଶ୍ଚିତ କରେ। ଯୁଗ୍ମ କମିଟି ଆହୁରି ପରାମର୍ଶ ଦେଇଛି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ମାମଲାଗୁଡ଼ିକର ଶୁଣାଣି ଫାଷ୍ଟ-ଟ୍ରାକ୍ କିମ୍ବା ସ୍ୱତନ୍ତ୍ର କୋର୍ଟ ଦ୍ୱାରା କରାଯିବା ଉଚିତ। ଯୁଗ୍ମ କମିଟି ଏହା ମଧ୍ୟ କହିଛି ଯେ ପ୍ରସ୍ତାବିତ ଆଇନରେ ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ କାରାଦଣ୍ଡରେ ଦଣ୍ଡିତ ଅପରାଧଗୁଡ଼ିକର ଏକ ପୃଥକ ସୂଚୀ ଅନ୍ତର୍ଭୁକ୍ତ କରାଯିବା ଉଚିତ, ଯାହା ଦ୍ୱାରା ନିଲମ୍ବନ ପାଇଁ ଆବଶ୍ୟକ ଅପରାଧଗୁଡ଼ିକୁ ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇପାରିବ। ଜେଲ୍ ଭିତରେ ସରକାର ପରିଚାଳିତ ନହେବା ନିଶ୍ଚିତ କରିବା ଲକ୍ଷ୍ୟରେ ଏହି ବିଲ୍ ଆଗତ କରାଯାଇଥିଲା। ଯଦି ସୁପାରିଶଗୁଡ଼ିକ ଗୃହୀତ ହୁଏ, ତେବେ ଗୃହ ମନ୍ତ୍ରଣାଳୟ ପ୍ରସ୍ତାବିତ ସଂଶୋଧନ ସହିତ କେନ୍ଦ୍ର କ୍ୟାବିନେଟ୍ ନିକଟକୁ ଯିବ ଏବଂ ପରବର୍ତ୍ତୀ ସମୟରେ ଲୋକସଭାରେ ଆନୁଷ୍ଠାନିକ ଭାବରେ ଏକ ସଂଶୋଧନ ବିଲ୍ ଆଗତ କରାଯିବ।

## ଆସନ୍ତା ବର୍ଷ ...

ମୁମ୍ବାଇ କାର୍ଯ୍ୟ ଶେଷ କରାଯିବ। ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପୁଣେ ଏବଂ ହାଇଦ୍ରାବାଦକୁ ସଂଯୋଗ କରୁଥିବା ପ୍ରଥମ ପ୍ରକଳ୍ପ ଯାତ୍ରା ସମୟକୁ ଦୁଇ ଘଣ୍ଟା ହ୍ରାସ କରିବ; ହାଇଦ୍ରାବାଦରୁ ମୁମ୍ବାଇ ଯାତ୍ରା ପାଇଁ ୨ ଘଣ୍ଟା ୫୦ ମିନିଟ, ହାଇଦ୍ରାବାଦରୁ ଅମରାବତୀ ୧ ଘଣ୍ଟା ୧୦ ମିନିଟ, ହାଇଦ୍ରାବାଦରୁ ଚେନ୍ନାଇ ୩ ଘଣ୍ଟା ଏବଂ ହାଇଦ୍ରାବାଦରୁ ବେଙ୍ଗାଲୁରୁ ୨ ଘଣ୍ଟା ୩୫ ମିନିଟ ସମୟ ଲାଗିବ।

# ପ୍ରଭାତଙ୍କ ବିଜେପିରେ ଯୋଗଦେବା ନେଇ କଟକ ମେୟର ସୁବାସ ସିଂଙ୍କ ପ୍ରତିକ୍ରିୟା

**କଟକ, ନ୍ୟୁଜ ବ୍ୟୁରୋ**
ଚୌଦ୍ୱାର - କଟକର ପୂର୍ବତନ ବିଜେଡ଼ି ବିଧାୟକ ତଥା ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳଙ୍କ ବିଜେପିରେ ଯୋଗ ଦେବାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ କଟକ ମେୟର ତଥା ବିଜେଡିର ବରିଷ୍ଠ ନେତା ସୁବାସ ସିଂ କହିଛନ୍ତି କି, ପ୍ରଭାତ ବିଶ୍ୱାଳଙ୍କୁ ଦଳ ବିରୋଧୀ କାମ ପାଇଁ ବିଜେଡି ବହିଷ୍କାର କରିଥିଲା । ଦୁର୍ଭାଗ୍ୟର କଥା ହେଉଛି ଯେଉଁ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପରିବାରକୁ କିଛି ବର୍ଷ ହେବ ବିଜେପି ଚିଟଫଣ୍ଡ ଚୋର କହିବା ସହ ସିବିଆଇ ତଦନ୍ତ ପାଇଁ ଦାବି କରୁଥିଲା ଏବେ ସେହି ବିଜେପିରେ ସେ ଯୋଗ ଦେଉଛନ୍ତି । ବିଜେପି ଏବେ ସାରା ଭାରତବର୍ଷର ଦୁର୍ନୀତିଖୋର ନେତାଙ୍କ ପାଇଁ ବିଜେପି ୱାସିଂ ମେସିନ ପାଲଟିଛି । ସବୁ ଦୁର୍ନୀତି ଧୋଇବାକୁ ବିଜେପିରେ ମିଶିବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। ସେ ଆହୁରି କହିଛନ୍ତି କି, ପ୍ରଭାତଙ୍କର କୌଣସି ନିଜସ୍ୱ ଅସ୍ତିତ୍ୱ ନାହିଁ, ସେ ନବୀନଙ୍କ ବଳରେ ବଳୀୟାନ ଥିଲେ । ବିଜେଡିରେ ରହି କ୍ଷମତାର ଉପଭୋଗ କଲେ । ହେଲେ ଏବେ ଦଳ ତାଙ୍କୁ ବହିଷ୍କାର କରିବା ପରେ କ୍ଷମତା ଲୋଭରେ ସେ ବିଜେପିରେ ଯୋଗ ଦେଉଛନ୍ତି । ପ୍ରଭାତ ବିଶ୍ୱାଳ ବିଜେଡିର ଏକ କଳଙ୍କ ଥିଲେ । ସେ କିଛିବର୍ଷ



ହେବ ଦଳ ପାଇଁ ବୋଝ ପାଲଟିଯାଇଥିଲେ। ସେ ବିଜେଡିରେ ରହି କ୍ଷମତା ଉପଭୋଗ କଲେ, ତାଙ୍କ ପରେ ତାଙ୍କ ପୁଅକୁ ମଧ୍ୟ ବିଜେଡି ବିଧାୟକ କଲା, ସେ କୃତଘ୍ନ ହୋଇ ସବୁ କିଛି ଭୁଲିଗଲେ । ହେଲେ ଆମେ ଆମ ସଂଗଠନ ମଜବୁତ କରିବାକୁ ଚେଷ୍ଟା କରୁଛୁ, ସେପଟେ ଯେଉଁ ଲୋକମାନେ ପ୍ରଭାତଙ୍କ ସହ ଯୋଗାଯୋଗରେ ରହିଛନ୍ତି, ସେମାନେ କିଭଳି ବିଜେଡିରେ ରହିବେ ସେନେଇ ସେମାନଙ୍କ ସହ ଯୋଗାଯୋଗ ଚଳାଇଛୁ। ଦେବାଶିଷ ସାମନ୍ତରାୟ କହିଥିଲେ, ତାଙ୍କ ସହ ୨୨ କର୍ପୋରେଟର ଓ ପ୍ରଭାତ ବିଶ୍ୱାଳ କହିଥିଲେ ତାଙ୍କ ସହ ୧୨ କର୍ପୋରେଟର ଦଳ ଛାଡିବେ । ହେଲେ କେହି ସେମାନଙ୍କ ସହ ଯାଉନାହାନ୍ତି, ଏମାନେ ରିଜେକ୍ଟ ନେତା, ଲୋକେ ତାଙ୍କୁ ପ୍ରତ୍ୟାଖାନ କରିଛନ୍ତି । ଯେଉଁମାନେ ବିଜେଡିକୁ ଧୋକ୍କା ଦେଇଯାଇଛନ୍ତି, ସେମାନେ ଖତ ହୋଇଯାଇଛନ୍ତି ବୋଲି କଟକ ମେୟର ସୁବାସ ସିଂ ଗଣମାଧ୍ୟମକୁ କହିଛନ୍ତି ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକର ସାଉନ୍ତପୁରଠାରେ ଆୟୋଜିତ 'ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ' କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇଛନ୍ତି। ଏହି ଅବସରରେ ସେ ପୁଇଁତଲା ବ୍ଲକର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି ଯେ, ରାଷ୍ଟ୍ର ନିର୍ମାଣ ଏବଂ ଛାତ୍ର ସମାଜକୁ ସଠିକ୍ ଦିଗଦର୍ଶନ ଦେବାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ବ୍ୟାବହାରିକ ଜ୍ଞାନର ବିକାଶ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ଜାତୀୟ ଶିକ୍ଷା ନୀତି ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଜହ୍ନା ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତିର ଶେଷ ବୈଠକ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**
ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମର ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ଶ୍ରୀ ବଳଦେବଜୀଉ ଟ୍ରଷ୍ଟ ବୋର୍ଡ ତରଫରୁ ରବିବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଟ୍ରଷ୍ଟି ଅଭିଳାଷ ବୋଇତାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ରଥଯାତ୍ରା ଉତ୍ସବର ବିସ୍ତୃତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା, ୨୦ ତାରିଖରେ ହେରା ପଞ୍ଚମୀ, ୨୪ ତାରିଖରେ ବାହୁଡ଼ା ଯାତ୍ରା, ୨୫ ତାରିଖରେ ସୁନାବେଶ, ୨୬ ତାରିଖରେ ଅଧରପଣା ଲାଗି ଓ ୨୭ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ । ଏତଦ୍ ବ୍ୟତୀତ ଦୈନନ୍ଦିନ ମହାପ୍ରଭୁଙ୍କ ବଡ଼ସିଂହାର ବେଶ, ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଛେରା



ପହଁରା, ପହଣ୍ଡି ବିଜେ ନିର୍ଦ୍ଧାରିତ ସମୟରେ ସାରିବାକୁ ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା କରାଯାଇଛି । ଆଜିର ଏହି ବୈଠକରେ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଭ୍ୟ ଡ. ଚିନ୍ତାମଣୀ ପାଢ଼ୀ, ପ୍ରିତିରଞ୍ଜନ ସାହୁ, ବିକ୍ରମ କେଶରୀ ବିଶ୍ୱାଳ, ସଦାନନ୍ଦ ବେହେରା, ରାଜୀବ ଲୋଚନ ରାଉତ, ଭବାନୀ ଶଙ୍କର ପାଢ଼ୀ, ଅତନୁ ବିଶ୍ୱାଳ, ଲକ୍ଷ୍ମୀଧର ଦାଶ, ନିରଞ୍ଜନ ନାୟକ, ବିଦ୍ୟାଧର ସାହୁ ସନ୍ତୋଷ ନାୟକ, ସଞ୍ଜୟ ସାହୁ, କାମଦେବ ଦାଶ, ଟିକିନା ସାହୁ, ଅମିୟ ବିଶ୍ୱାଳ, ପ୍ରତାପ ସାହୁ, ନାରାୟଣ ପାତ୍ର, ସୁରେଶ ପରିଡ଼ା, ଅଜିତ ଦାସ, ଜ୍ୟୋତି ଶଙ୍କର ପାଢ଼ୀ, ଧନଞ୍ଜୟ ଦାସ, କରୁଣାକର ଦାଶ, ବର୍ଣ୍ଣି ବିଶ୍ୱାଳ ପ୍ରମୁଖ ବ୍ୟକ୍ତିଙ୍କ ସହ ବଳଦେବଜୀଉ ସେବା ସଂଘ ଓ ଶ୍ରୀଜଗନ୍ନାଥ ସେନାର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ । ଉକ୍ତ ରଥଯାତ୍ରା ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୂଚାରୁରୂପେ ସଫଳ କରିବା ପାଇଁ ପାଣିକୋଇଲି ପୋଲିସ ବିଭାଗ ଓ ଯାଜପୁର ରୋଡ ବିଦ୍ୟୁତ୍ ବିଭାଗର ସହଯୋଗ କାମନା କରିବା ସହ ସମସ୍ତ ଶ୍ରୀଜଗନ୍ନାଥ ପ୍ରେମୀ ଓ ଜନ ସାଧାରଣଙ୍କୁ ଟ୍ରଷ୍ଟ ବୋର୍ଡ ତରଫରୁ ନିବେଦନ କରାଯାଇଛି ।

# ମିଶନ ଶକ୍ତିର ଗୌରବମୟ ଇତିହାସକୁ ଲିଭାଇବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟ ବିଜେପି ସରକାର, ନବୀନ ସରକାରଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିବା ମିଶନ ଶକ୍ତିର ଗୌରବମୟ ଇତିହାସକୁ ଲିଭାଇବାର ବୃଥା ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ କରି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି । ସରକାରଙ୍କ ଏହି ପଦକ୍ଷେପ ଓଡ଼ିଶାର ଜନମାନସକୁ ଅପମାନିତ କରିବା ସହିତ ସରକାରଙ୍କ ଅସୁରକ୍ଷିତ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି ବିଜେଡି କହିଛି ।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟିକା ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ପୂର୍ବତନ ରାଜ୍ୟ ମହିଳା କମିସନର ଲୋପାମୁଦ୍ରା ବକ୍ସିପାତ୍ର ରାଜ୍ୟ ସରକାରଙ୍କ ପଦକ୍ଷେପ ତାଙ୍କ ହିନମନ୍ୟତାକୁ ପ୍ରଦର୍ଶିତ କରୁଛି ବୋଲି କହିଛନ୍ତି ।

ବିଜେଡିର ଏହି ନାରୀନେତ୍ରୀ ମାନେ କହିଥିଲେ ଯେ, ମିଶନ ଶକ୍ତି ସମ୍ବନ୍ଧୀୟ ସରକାରୀ ୱେବ୍‌ସାଇଟ୍ରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଓ ତଥ୍ୟ ହଟାଇବାର ପ୍ରୟାସ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହା ବର୍ତ୍ତମାନ ସରକାରଙ୍କ ଗଭୀର ଅସୁରକ୍ଷିତ ମନୋଭାବର ପ୍ରତିଫଳନ । ଯେଉଁ ସରକାର ଇତିହାସ ସୃଷ୍ଟି କରିବାର କ୍ଷମତା ରଖନ୍ତି, ସେ ଇତିହାସକୁ ସଂରକ୍ଷଣ କରନ୍ତି, କିନ୍ତୁ ଯେଉଁ ସରକାର ନିଜେ ଇତିହାସ ସୃଷ୍ଟି କରିବାରେ ଅକ୍ଷମ, ସେ ଇତିହାସକୁ ଲିଭାଇବାର ପ୍ରୟାସ କରିଥାଏ । ଦୁଃଖ ଓ ପରିତାପର ବିଷୟ, ବର୍ତ୍ତମାନର ସରକାର ଇତିହାସ ସୃଷ୍ଟି କରିବା ପରିବର୍ତ୍ତେ ଇତିହାସକୁ ଲିଭାଇବାକୁ ଅପଚେଷ୍ଟା କରୁଛନ୍ତି । ଯେଉଁ ସରକାର ନିଜ କାର୍ଯ୍ୟଦକ୍ଷତା ଓ ସଫଳତାକୁ ଲୋକଙ୍କ ସାମ୍ନାରେ ରଖିବା ପରିବର୍ତ୍ତେ ପୂର୍ବତନ ସରକାରଙ୍କ କାର୍ଯ୍ୟର ଚିହ୍ନଗୁଡ଼ିକୁ ଲିଭାଇବାରେ ବ୍ୟସ୍ତ ରହେ, ସେ ପ୍ରକୃତରେ ନିଜ ବିଫଳତାକୁ ସ୍ୱୀକାର କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ସ୍ପଷ୍ଟ କରୁଛି ଯେ ବର୍ତ୍ତମାନ ସରକାର ପୂର୍ବତନ ସରକାରଙ୍କ ଉତ୍ତରାଧିକାର ସହ ପ୍ରତିସ୍ପର୍ଦ୍ଧା କରିବାରେ ଅସମର୍ଥ । ମିଶନ ଶକ୍ତି କୌଣସି ଦଳୀୟ ପ୍ରକଳ୍ପ ନୁହେଁ; ଏହା ଓଡ଼ିଶାର ଲକ୍ଷ ଲକ୍ଷ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷେତ୍ରସ୍ତରୀୟ କର୍ମୀଙ୍କ ଦୀର୍ଘ ବର୍ଷର ପରିଶ୍ରମ ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଢ଼ିଉଠିଥିବା ଏକ ଜନ ଆନ୍ଦୋଳନ । ଏହି ଇତିହାସକୁ ଲିଭାଇବାର ଅର୍ଥ ହେଉଛି ଓଡ଼ିଶାର ମହିଳାମାନଙ୍କ ଅବଦାନକୁ ଅସ୍ୱୀକାର କରିବା । କୌଣସି ୱେବ୍‌ସାଇଟ୍ର ସମ୍ପାଦନା ଏହି ଐତିହାସିକ ଉତ୍ତରାଧିକାରକୁ ଲିଭାଇ ପାରିବ ନାହିଁ । ବିଜେପି ସରକାର ବୋଧହୁଏ ଭାବୁଛନ୍ତି ଯେ, ଫଟୋ ହଟାଇଦେଲେ ଲୋକଙ୍କ ସ୍ମୃତି ମଧ୍ୟ ଲିଭିଯିବ । କିନ୍ତୁ ଓଡ଼ିଶାର ମହିଳାମାନେ ଭଲ ଭାବେ ଜାଣିଛନ୍ତି କିଏ ସେମାନଙ୍କୁ ସଶକ୍ତ କରିଥିଲେ, କିଏ ମିଶନ ଶକ୍ତିକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ। ମିଶନ ଶକ୍ତି ଲକ୍ଷ ଲକ୍ଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବନ, ସମ୍ମାନ ଓ ସାମାଜିକ ସଶକ୍ତିକରଣର ପଥ ଦେଖାଇଛି । ଏହି ସଫଳତା ଓଡ଼ିଶାର ଇତିହାସରେ ଚିରସ୍ଥାୟୀ ହୋଇ ରହିବ।

ପ୍ରତ୍ୟେକ ନିର୍ବାଚିତ ସରକାର ଏକ ସାମ୍ବିଧାନିକ ସଂସ୍ଥା । ତାହାର କାର୍ଯ୍ୟ ରାଜ୍ୟର ସଂସ୍ଥାଗତ ଇତିହାସର ଅଂଶ ହୋଇଯାଏ । ନବୀନ ପଟ୍ଟନାୟକ ଓଡ଼ିଶାର ବୈଧ ଭାବେ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଥିଲେ ଏବଂ ମିଶନ ଶକ୍ତି ତାଙ୍କ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ । ଓଡ଼ିଶାର ଇତିହାସ ବର୍ତ୍ତମାନ ସରକାର କ୍ଷମତାକୁ ଆସିବା ପରେ ଆରମ୍ଭ ହୋଇନାହିଁ । ସେମାନେ କହିଥିଲେ, ସରକାର ବଦଳିପାରେ, କିନ୍ତୁ ଶାସନର ଧାରା ଅବିରତ ରହେ । ସରକାରୀ ବିଭାଗ ଓ ପ୍ଲାଟଫର୍ମଗୁଡ଼ିକ କୌଣସି ରାଜନୈତିକ ଦଳର ସମ୍ପତ୍ତି ନୁହେଁ; ସେଗୁଡ଼ିକ ଓଡ଼ିଶାର ଜନସାଧାରଣଙ୍କ ସମ୍ପତ୍ତି । ସେଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସଂସ୍ଥାଗତ ଇତିହାସକୁ ସଂରକ୍ଷଣ କରିବା, ଦଳୀୟ ପ୍ରଚାରର ମାଧ୍ୟମ ହେବା ନୁହେଁ । ବର୍ତ୍ତମାନ ସରକାରଙ୍କର ଯଦି ନିଜ କାର୍ଯ୍ୟଦକ୍ଷତା ଉପରେ ବିଶ୍ୱାସ ଅଛି, ତେବେ ସେମାନେ ନିଜ ସଫଳତାକୁ ଲୋକଙ୍କ ସାମ୍ନାରେ ରଖନ୍ତୁ, ଅନ୍ୟମାନଙ୍କ ସଫଳତାକୁ ଲିଭାଇବାର ବୃଥା ଚେଷ୍ଟା କରନ୍ତୁ ନାହିଁ। ରାଜ୍ୟ ସରକାରଙ୍କର ମିଶନ ଶକ୍ତିର ଇତିହାସକୁ ଲିଭାଇବାର ଏହି ପ୍ରୟାସ ଏକ ବଡ଼ ପ୍ରଶ୍ନ ଉଠାଉଛି, ସେମାନେ ଏତେ ଭୟଭୀତ କାହିଁକି ? ଯଦି ଆଜି ମଧ୍ୟ ଏକ ଉତ୍ତରାଧିକାର ଲୋକଙ୍କୁ ପ୍ରେରଣା ଦେଉଛି, ତେବେ ତାହାର ଫଟୋ ହଟାଇବା କେବଳ ଏହା ପ୍ରମାଣ କରେ ଯେ, ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାର ଆଜି ମଧ୍ୟ ଶକ୍ତିଶାଳୀ, ପ୍ରାସଙ୍ଗିକ ଏବଂ ଜନମନରେ ଅମର ।

# କେଜିରୁ ପିଜି ମାଗଣା ଶିକ୍ଷାଦାନ ବ୍ୟବସ୍ଥାର ସଫଳ ରୂପାୟନ ପାଇଁ ସବୁ ବିଦ୍ୟାଳୟକୁ ସରକାରୀକରଣ କରାଯାଉ : ଓଷ୍ଟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାରେ ପ୍ରାଥମିକ ଠାରୁ ଉଚ୍ଚଶିକ୍ଷା(କେଜିରୁ ପିଜି) ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ନିମନ୍ତେ ରାଜ୍ୟ କ୍ୟାବିନେଟରେ ଯେଉଁ ନିଷ୍ପତ୍ତି ହୋଇଛି ତାହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସ୍ୱାଗତ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଓ ସୁଲଭ କରିବା ପାଇଁ ସ୍କୁଲ କଲେଜ ମାନଙ୍କରେ ଉପଯୁକ୍ତ ସଂଖ୍ୟକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ, ଅନୁଷ୍ଠାନର ପରିଚାଳନା ଓ ସୁରକ୍ଷା ନିମନ୍ତେ ଉପଯୁକ୍ତ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେଲେ ଏହା ଫଳପ୍ରଦ ହୋଇପାରିବ ବୋଲି ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କହିଛନ୍ତି। ସୂଚନାଥାଉକି, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇଁ ରାଜ୍ୟସରକାର ତାଙ୍କର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗତ ଜୁନ୍ ୧୨ ତାରିଖରେ ଘୋଷଣା କରି ଏକମାସର ଅବଧି ମଧ୍ୟରେ ଏହାକୁ କ୍ୟାବିନେଟ ବୈଠକରେ ପାରିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ଯୋଜନା ଅଧୀନରେ ରାଜ୍ୟର ସମସ୍ତ ଯୋଗ୍ୟ ସରକାରୀ, ବେସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ କେଜିରୁ ପିଜି ଯାଏଁ ଛାତ୍ରଛାତ୍ରୀ ମାଗଣାରେ ପାଠ ପଢ଼ିବେ । ଏହି ଯୋଜନା ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ହିଁ କାର୍ଯ୍ୟକାରୀ ହେବ । ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ରଛାତ୍ରୀ

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. ELS-ANGL-OT-26-27-05
**କାର୍ଯ୍ୟର ନାମ :** ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS), ଅନୁଗୁଳଠାରେ ବିଦ୍ୟୁତ୍ ଇଂଜିନ୍ (ଲୋକୋମୋଟିଭ୍) ଏୟାର୍ ଡ୍ରାୟର୍ (AIR Dryer)ର ଓଭାରହାଲିଂଗ୍।
**ବିଜ୍ଞାପିତ ମୂଲ୍ୟ:** ₹18,77,290.00, ଅମାନତ ରାଶି: ₹37,600.00, ସମାପ୍ତି ଅବଧି: 24 ମାସ
ବିଡିଂ ଆରମ୍ଭ ହେବା ତାରିଖ : 17.07.2026
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
31.07.2026, 1500 ଘଣ୍ଟା
ଏହି ଟେଣ୍ଡର ପାଇଁ ମାନୁଆଲ୍ ପ୍ରସ୍ତାବ ଗ୍ରହଣୀୟ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ।
ଇ-ଟେଣ୍ଡର ଡକ୍ୟୁମେଣ୍ଟ ସମେତ ସମ୍ପୂର୍ଣ୍ଣ ସୂଚନା ୱେବସାଇଟ୍: www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ /TRS
ଅନୁଗୁଳ
PR-292/R/26-27

Phone-0680-2404096
E-Mail: eerwgmt@yahoo.co.in

e-Despatch (for official use only) Government of Odisha
WEB : No ☐ Yes ☐
Fax ☐ e-Mail ☐ SMS ☐ Local ☐
RP ☐ SP ☐ OP ☐ SM ☐

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR
Government of Odisha e-Procurement Notice
Bid Identification No. Online Tender/08/SERWD-II/2026-27

25001/715/2627

Memo No. 6202 / RWD-IIGB, Date: 20/6/26

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs. 50.00 to 76.00 Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | 17.07.2026 at 10.00 AM to 03.08.2026 up to 5.00 P.M |
| 5 | Last Date/ Time for receipt of Bids in the Portal | :: | 03.08.2026 up to 5.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd/- Executive Engineer
R.W Division-II, Ganjam, Berhampur
OIPR-25001/25073/1/26-27/0009

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୩ ଜୁଲାଇ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଅଲାରନାଥରେ ଭକ୍ତଙ୍କ ବିପୁଳ ସମାଗମ : କିଲୋମିଟର ଲମ୍ବା ଧାଡ଼ି



**ପୁରୀ, ୧୨/୦୭ ନ୍ୟୁଜ ବ୍ୟୁରୋ**
ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଣସରରେ ବିରାଜମାନ ଥିବାବେଳେ ଭକ୍ତଙ୍କ ଆସ୍ଥାର କେନ୍ଦ୍ର ପାଲଟିଛି ବ୍ରହ୍ମଗିରିର ଶ୍ରୀ ଅଲାରନାଥ ପୀଠ । ଅଣସର ଦର୍ଶନର ରବିବାର ତ୍ରୟୋଦଶ ଦିନରେ ଶ୍ରୀ ଅଲାରନାଥଙ୍କ ଦର୍ଶନ ପାଇଁ ଭୋରରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ । ରାତି ପ୍ରାୟ ୩ଟାରେ ଦ୍ୱାରଫିଟା ନୀତି ସମ୍ପନ୍ନ ହେବା ପରେ ମଙ୍ଗଳ ଆଳତି, ଅବକାଶ ନୀତି, ବେଶ ଏବଂ ଗୋପାଳ ବଲ୍ଲଭ ଭୋଗ ଆଦି ପାରମ୍ପରିକ ନୀତିକାନ୍ତି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା । ନୀତି ସରିବା ପରେ ସକାଳ ୬ଟାରୁ ସର୍ବସାଧାରଣଙ୍କ ପାଇଁ ଦର୍ଶନ ଆରମ୍ଭ ହୋଇଥିଲା । ତେବେ ଦର୍ଶନ ଆରମ୍ଭ ପୂର୍ବରୁ ହିଁ ହଜାର ହଜାର ଭକ୍ତ ମନ୍ଦିର ସମ୍ମୁଖରେ ଧାଡ଼ି ବାନ୍ଧିଥିଲେ । ରାତି ୩ଟାରୁ ଆରମ୍ଭ ହୋଇଥିବା ଭକ୍ତଙ୍କ ଭିଡ଼ ସମୟ ବଢ଼ିବା ସହ ଆହୁରି ବଢ଼ି ଚାଲିଥିଲା। ଗର୍ଭଗୃହରୁ ପ୍ରାୟ ଏକ କିଲୋମିଟରରୁ ଅଧିକ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଧୈର୍ଯ୍ୟର ସହ ଧାଡ଼ିରେ ରହି ପ୍ରଭୁଙ୍କ ଦର୍ଶନ କରିଥିଲେ। ଅନ୍ୟପଟେ ଶ୍ରଦ୍ଧାଳୁଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଏବଂ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ବହୁ ସଂଖ୍ୟକ ପୁଲିସ କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଣସର ସମୟରେ ଶ୍ରୀ ଅଲାରନାଥଙ୍କ ଦର୍ଶନର ମହତ୍ତ୍ୱ ରହିଥିବାରୁ ପ୍ରତିଦିନ ଲକ୍ଷାଧିକ ଭକ୍ତ ଏଠାକୁ ଆସୁଛନ୍ତି। ରବିବାର ତ୍ରୟୋଦଶ ଦିନରେ ଏହି ଭକ୍ତ ସମାଗମ ଅଧିକ ବଢ଼ିଥିବାରୁ ସମଗ୍ର ଅଲାରନାଥ ପୀଠ ଏକ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା।

# ଶେଷ ପର୍ଯ୍ୟାୟରେ ଶ୍ରୀଜୀଉଙ୍କ ରଥ ନିର୍ମାଣ

**ପୁରୀ, ୧୨/୦୭ ନ୍ୟୁଜ ବ୍ୟୁରୋ**
ତିନିରଥର ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ମହାରଣା ସେବକ, ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ତିନିରଥକୁ କଳସ, ଓଳଟ ଶୁଆ ଏବଂ ଅଁଳା ଉଠାଯାଇଛି । ରଥ ପୋଟଳ ଖପୁରୀରେ ସ୍ଥାପନ କରାଯାଇ କଣ୍ଠା ବସିବା କାର୍ଯ୍ୟ ସମ୍ପନ୍ନ ହୋଇଛି । ଚିତ୍ରକାର ସେବକମାନଙ୍କ ଦ୍ୱାରା ତିନିରଥର ବାହ୍ୟ ଅଂଶ ଗୁଡିକର ରଙ୍ଗ କାର୍ଯ୍ୟ ସହ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ରଥରେ ଜଣେ ଚିତ୍ରକାର ସେବକ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି । ଚିତ୍ରକାର ସେବକମାନଙ୍କ ଦ୍ୱାରା ତିନିରଥର ବାହ୍ୟ ଅଂଶ ଗୁଡିକର ରଙ୍ଗ କାର୍ଯ୍ୟ ଚାଲିଛି । ରଥରେ ବିଭିନ୍ନ ପାର୍ଶ୍ୱ ଦେବାଦେବୀଙ୍କ ପ୍ରତିମା ଶୋଭା ପାଉଛି । ରଥ ଉପରେ କଳସ ସ୍ଥାପନା କରିବା ଅବସରରେ ସେବାୟତ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ। ରଥ ଶିଖରକୁ କଳସ ଉଠାଯାଇଛି । ଶ୍ରୀମନ୍ଦିର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଛି। ଦରଜୀ ସେବକ ମାନେ ତିନିରଥ ବତା କନା କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର ଦୁଆର ବେଢା ଏବଂ ଚନ୍ଦ୍ର ଶାଳୀରେ ଚିକଣ ଫୁଲ, ଜରୀ ଲେସ୍ ପକା କାର୍ଯ୍ୟ ଶେଷ କରିଛନ୍ତି । ଚିତ୍ରକାର ସେବକମାନଙ୍କ ଦ୍ୱାରା ତିନିରଥର ସାରଥି ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚିତ୍ରକାର ସେବକମାନଙ୍କ ଦ୍ୱାରା ତିନିରଥର ଘୋଡ଼ା ରଙ୍ଗ କାର୍ଯ୍ୟ ଶେଷ ହୋଇଛି। ଚିତ୍ରକାର ସେବକମାନଙ୍କ ଦ୍ୱାରା ତିନିରଥର ବାହ୍ୟ ଅଂଶ ଗୁଡିକର ରଙ୍ଗ କାର୍ଯ୍ୟ ଚାଲିଛି । ରଥଖଳାରେ ତିନି ରଥର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



# ପାଠ୍ୟ ପୁସ୍ତକ ତ୍ରୁଟି, ସମଗ୍ର ପ୍ରକ୍ରିୟାର ଅପରାଧିକ ତଦନ୍ତ ହେବ : କ୍ରାଇମବ୍ରାଞ୍ଚ ଆଇଜି



ପୁରୀ, ୧୨/୦୭ ନ୍ୟୁଜ ବ୍ୟୁରୋ
ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି ମୁଖ୍ୟମନ୍ତ୍ରୀ । ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସମଗ୍ର ପ୍ରକ୍ରିୟା ଉପରେ ଅପରାଧିକ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସ୍ୱତନ୍ତ୍ର ଭାବେ କ୍ରାଇମ ବ୍ରାଞ୍ଚ ଏସ୍.ପି.ଙ୍କ ନିକଟରେ ଏଫ୍‌ଆଇଆର୍ ଦାୟର କରିବାକୁ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ପାଠ୍ୟ ପୁସ୍ତକରେ ତ୍ରୁଟି ସମ୍ପର୍କରେ ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଛି। ତେବେ ଆମେ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ସହ ଯୋଗାଯୋଗରେ ଅଛୁ। ସଚିବ ଏ ନେଇ ସମସ୍ତ ତଥ୍ୟ କ୍ରାଇମବ୍ରାଞ୍ଚକୁ ଦେବା ପରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।' ସୂଚନାଯୋଗ୍ୟ ଯେ, ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଏହି କମିଟିର ରିପୋର୍ଟ ଅନୁଯାୟୀ ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୩ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଯାଇଥିଲା । ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସହିତ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ନିଲମ୍ବିତ କରାଯାଇଛି । ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ, ଡକ୍ଟର ସୁଦର୍ଶନ ସନ୍ତରାଙ୍କ ଉପରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଓଡ଼ିଶାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ସ୍କୁଲ ପାଠ୍ୟ ପୁସ୍ତକରେ ୧୬୭୮ରୁ ଅଧିକ ଭୁଲ ଦେଖିବାକୁ ମିଳିଥିଲା । ଏନ୍‌ଇପିକୁ ଆଧାର କରି ପ୍ରଥମ ଥର ପାଠ୍ୟକ୍ରମ ବଦଳିଥିଲା । ବହି ବଦଳିଥିବାରୁ ପିଲାଙ୍କୁ ଡେରିରେ ବହି ମିଳିଥିଲା । କେଉଁଠି ବନାନ୍ ଭୁଲ୍ ତ ଆଉ କେଉଁଠି ମହାପୁରୁଷଙ୍କ ନାମ ଭୁଲ ଥିବା ଭଳି ତ୍ରୁଟି ଦେଖିବାକୁ ମିଳିଥିଲା। ଓଡ଼ିଶା ବିଧାନସଭା ଚିତ୍ର ବଦଳରେ କର୍ଣ୍ଣାଟକ ବିଧାନସଭାର ଚିତ୍ର, ଡଙ୍ଗରିଆ ଜନଜାତିଙ୍କୁ ଲେଖାଯାଇଛି ଡୋଙ୍ଗରିଆ, ଓଡ଼ିଶାର ନିୟମଗିରିକୁ ଝାଡ଼ଖଣ୍ଡର ବୋଲି ବର୍ଣ୍ଣନା ରହିଛି । ଏଭଳି ୧୬୭୮ଟି ଭୁଲ୍ ଚିହ୍ନଟ ହୋଇଛି । ଗଣଶିକ୍ଷା ବିଭାଗ ଖୋଦ ଏହାକୁ ସ୍ୱୀକାର କରି ସଂଶୋଧନ ପାଇଁ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରିଛି ।

## ବହୁଚର୍ଚ୍ଚିତ ଗ୍ରାହମ ଷ୍ଟେନ୍ସ ହତ୍ୟା ମାମଲା

# ସୁପ୍ରିମକୋର୍ଟରେ ଦାରା ସିଂଙ୍କ ଆବେଦନ ଉପରେ ହେବ ଶୁଣାଣି

**ନୂଆଦିଲ୍ଲୀ, ୧୨/୦୭**
୫୬ ଆଜୀବନ କଏଦୀଙ୍କ ନିର୍ଦ୍ଧାରିତ ଅବଧି ପୂର୍ବରୁ ମୁକ୍ତି ଆବେଦନର ସମୀକ୍ଷା କରାଯାଇଛି। ଏହି ମାମଲା ଭିତରେ ରହିଛି ଦାରା ସିଂଙ୍କ ମାମଲା। ଜୁଲାଇ ୧୪ରେ ଦାରା ସିଂହଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟରେ ହେବ ଶୁଣାଣି । ଓଡ଼ିଶା ରାଜ୍ୟ ଦଣ୍ଡ ପୁନର୍ବିଚାର ବୋର୍ଡ ଆଜୀବନ କାରାଦଣ୍ଡ ଭୋଗୁଥିବା ୫୬ ଜଣ କଏଦୀଙ୍କ ନିର୍ଦ୍ଧାରିତ ଅବଧି ପୂର୍ବରୁ ମୁକ୍ତି ପାଇଁ ଦାଖଲ ହୋଇଥିବା ଆବେଦନର ସମୀକ୍ଷା କରିଛି । ଗତ ଜୁଲାଇ ୬ରେ ଅନୁଷ୍ଠିତ ବୋର୍ଡର ୪୮ତମ ବୈଠକରେ ଏହି ଆବେଦନଗୁଡ଼ିକ ଉପରେ ବିଚାର କରାଯାଇଥିବା ଜଣାପଡ଼ିଛି । ୧୯୯୯ ମସିହାର ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ପୁଅଙ୍କ ହତ୍ୟାକାଣ୍ଡର ମୁଖ୍ୟ ଦୋଷୀ ଦାରା ସିଂହ ଓରଫ ରବୀନ୍ଦ୍ର ପାଳ ସିଂହ । ଏହି ଶୁଣାଣି ସମୟରେ ରାଜ୍ୟ ସରକାରଙ୍କୁ ତାଙ୍କ ଆବେଦନ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ବିଷୟରେ ସର୍ବୋଚ୍ଚ ନ୍ୟାୟାଳୟକୁ ଅବଗତ କରାଇବାକୁ ପଡ଼ିପାରେ । ଦାରା ସିଂହ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଆଜୀବନ କାରାଦଣ୍ଡ ଭୋଗୁଛନ୍ତି । ୧୯୯୯ ମସିହାରେ କେନ୍ଦୁଝର ଜିଲ୍ଲାର ମନୋହରପୁରରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳିଦେବା ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ତାଙ୍କ ମୁକ୍ତି ଆବେଦନକୁ ନେଇ ପୂର୍ବରୁ ଏକାଧିକ ପର୍ଯ୍ୟାୟରେ ଆଇନଗତ ପ୍ରକ୍ରିୟା ଚାଲିଆସିଛି ।



## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୨/୦୭/୨୦୨୬
୪,୪୨,୮୦୧/- ଟଙ୍କା
ସୁନା:- ୧୯ଗ୍ରାମ୍ ୫୦୦ ମିଲିଗ୍ରାମ
ରୂପା:- ୩୬ଗ୍ରାମ୍ ୫୦୦ ମିଲିଗ୍ରାମ

# କୋଣାର୍କରେ ବୋମାମାଡ଼ : ଜଙ୍ଗଲରୁ ମୁଖ୍ୟ ଅଭିଯୁକ୍ତ ଗିରଫ

**ପୁରୀ, ୧୨/୦୭ ନ୍ୟୁଜ ବ୍ୟୁରୋ**
କୋଣାର୍କରେ ବୋମାମାଡ଼ ହୋଇଛି । ୮ ଘଣ୍ଟା ମଧ୍ୟରେ ଜଙ୍ଗଲରୁ ଅଭିଯୁକ୍ତକୁ ଗିରଫ କଲା ସ୍ୱତନ୍ତ୍ର ପୁଲିସ୍ ଟିମ୍ । ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଅର୍କକ୍ଷେତ୍ର କୋଣାର୍କରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପବିତ୍ର ରଥଯାତ୍ରାକୁ ଆଉ ମାତ୍ର କିଛି ଦିନ ବାକି ଥିବାବେଳେ, ଦିନ ଦ୍ୱିପ୍ରହରରେ ଏକ ମଦ ଦୋକାନ ଉପରକୁ ବୋମାମାଡ଼ ହୋଇଛି । ଘଟଣାର ମାତ୍ର ୮ ଘଣ୍ଟା ମଧ୍ୟରେ କୋଣାର୍କ ପୋଲିସ ଅଭିଯୁକ୍ତକୁ ଜଙ୍ଗଲରୁ ଗିରଫ କରିବାରେ ସଫଳ ହୋଇଥିବା ସୂଚନା ମିଳିଛି । କୋଣାର୍କ-କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ନୂତନ ବିଦେଶୀ ମଦ ଦୋକାନ ଉପରେ ଦୁର୍ବୃତ୍ତମାନେ ୨ଟି ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ବୋମା ମାଡ଼ରେ ଦୋକାନ ସାମ୍ନା ଭାଙ୍ଗି ଚୂରମାର ହୋଇଥିଲା । ଘଟଣା ସମୟରେ ଦୋକାନରେ ଥିବା ଗ୍ରାହକ ଓ କର୍ମଚାରୀ ଆତଙ୍କିତ ହୋଇ ଦୌଡ଼ି ପଳାଇଥିଲେ । ଖବର ପାଇବା ପରେ ପୁରୀ ଏସ.ପି.ଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ଆଇ.ଆଇ.ସିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ ସାହିଲ ପଣ୍ଡାକୁ କୁରୁଜଙ୍ଗ ଜଙ୍ଗଲରୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି ।

# ବିଜେପିରେ ମିଶିଲେ ପ୍ରଭାତ ରଞ୍ଜନ ବିଶ୍ୱାଳ



**କଟକ, ୧୨/୦୭ ନ୍ୟୁଜ ବ୍ୟୁରୋ**
ବିଜେଡିର ବରିଷ୍ଠ ନେତା ତଥା ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ରବିବାର ବିଜେପିରେ ଯୋଗ ଦେଇଛନ୍ତି । ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ବିଶାଳ ରାଲିରେ ଯାଇ ପ୍ରଭାତ ବିଶ୍ୱାଳ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ତାଙ୍କ ସମର୍ଥକମାନଙ୍କୁ ସାଙ୍ଗରେ ନେଇ କଟକରୁ ବାହାରିଥିଲେ। ସମସ୍ତ ସମର୍ଥକଙ୍କ ସହିତ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏକାଠି ହୋଇଥିଲେ । ସେଠାରୁ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ତାଙ୍କୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଭବ୍ୟ ସ୍ୱାଗତ କରାଯାଇଥିଲା । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବରେ ବିଜେପିର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ୍ ହୋଇଛନ୍ତି।

## ଇସ୍କନର ମନମାନୀ ଉପରେ ସ୍ୱର ଉଠାଇଲେ ଜଗନ୍ନାଥପ୍ରେମୀ

# ଭୁବନେଶ୍ୱର ଇସ୍କନ ମନ୍ଦିର ଆଗରେ ଧାରଣା ଦେଲା 'ୱି ଫର୍ ଭୁବନେଶ୍ୱର'

**ଭୁବନେଶ୍ୱର, ୧୨/୦୭ ନ୍ୟୁଜ ବ୍ୟୁରୋ**
ଆଉ ଚଳିବନି ଇସ୍କନର ମନମାନି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଖେଳ ଖେଳୁଥିବା ଇସ୍କନକୁ ଦିଆଯିବ ଦୃଢ଼ ଜବାବ୍। ବାରମ୍ବାର କହିବା ସତ୍ତ୍ୱେ ମାନୁନି ଇସ୍କନ । ଏମିତିକି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅପିଲକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି ସଂସ୍ଥା। ଏହା ସାରା ଦେଶର ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି । ବାରମ୍ବାର ବାରଣ ସତ୍ତ୍ୱେ ବିଦେଶରେ ଅଦିନିଆ, ଅ-ତିଥିରେ ରଥଯାତ୍ରା ଓ ସ୍ନାନ ଯାତ୍ରା କରୁଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଅବମାନନା ଓ ପୁରୀ ଗଜପତି ମହାରାଜାଙ୍କୁ ଅସମ୍ମାନ ଅଭିଯୋଗରେ ଇସ୍କନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏପଟେ ଶ୍ରୀଜଗନ୍ନାଥ ସଂସ୍କୃତିର ପରମ୍ପରା ଉଲ୍ଲଂଘନ ଅଭିଯୋଗକରେ ରାସ୍ତାକୁ ଓହ୍ଲାଇଲେଣି ଜଗନ୍ନାଥପ୍ରେମୀ। ପ୍ରତିବାଦରେ ଇସ୍କନ ମନ୍ଦିର ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଛି ସାମାଜିକ ସଂଗଠନ 'ୱି ଫର୍ ଭୁବନେଶ୍ୱର'। ରବିବାର ସଂଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇସ୍କନ ମନ୍ଦିର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ଜୋରଦାର ଆନ୍ଦୋଳନ କରାଯାଇଛି। ବିଦେଶ ମାଟିରେ ଶାସ୍ତ୍ରୀୟ ନିୟମ ବାହାରେ ହେଉଥିବା ସମସ୍ତ ଅଦିନିଆ ରଥଯାତ୍ରାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସଂଗଠନ ଦାବି କରିଛି। ମହାପ୍ରଭୁଙ୍କ ସଂସ୍କୃତି ଓ ପରମ୍ପରା ପ୍ରତି କରାଯାଉଥିବା ଏଭଳି ଅପମାନକୁ କଦାପି ସହ୍ୟ କରାଯିବ ନାହିଁ ବୋଲି ଚେତାବନୀ ଦେବା ସହ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ପାଇଁ ଏହି ଲଢ଼େଇ ଆରମ୍ଭ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ସୂଚନାଥାଉକି ବିଦେଶରେ ଇସ୍କନ ଯେଉଁଭଳି ଭାବେ ଅଦିନିଆ ଏବଂ ଅ-ତିଥିରେ ରଥଯାତ୍ରା ଓ ସ୍ନାନ ଯାତ୍ରା କରୁଥିଲା, ତାକୁ ପୂର୍ବରୁ ମଧ୍ୟ ଘୋର ବିରୋଧ କରୁଥିଲେ ଜଗନ୍ନାଥ ପ୍ରେମୀ। ଏମିତିକି ଗଜପତି ମହାରାଜା ଦିବ୍ୟସିଂହ ଦେବ ମଧ୍ୟ ଇସ୍କନର ମନମାନୀ ଉପରେ ରୋକ ଲଗାଇବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ଏବଂ ନିଳାଦ୍ରି ବିଜେ ପରେ ରାଜାଙ୍କ ସହିତ ଏକ ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ମଧ୍ୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦେଖା କରିବାର ଯୋଜନା ମଧ୍ୟ ରହିଛି। ତେବେ ଏହା ପୂର୍ବରୁ ଭୁବନେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ 'ୱି ଫର୍ ଭୁବନେଶ୍ୱର' ପକ୍ଷରୁ ରବିବାର ଭୁବନେଶ୍ୱର ଇସ୍କନ ମନ୍ଦିର ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା।

# ବ୍ରହ୍ମପୁରରେ ପୁଣି ଭାଇଗିରି : ବନ୍ଦ କୋଠରୀରେ ଯୁବକଙ୍କୁ ନିସ୍ତୁକ ମାଡ଼

**ବ୍ରହ୍ମପୁର, ୧୨/୦୭ ନ୍ୟୁଜ ବ୍ୟୁରୋ**
ବନ୍ଦ କୋଠରୀରେ ଯୁବକଙ୍କୁ ମାଡ଼ ମାରିବା ଘଟଣାରେ ବ୍ରହ୍ମପୁର ପୋଲିସର ବଡ଼ ଆକ୍ସନ । ୪ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ କରୁଛି ସଦର ଥାନା ପୋଲିସ । କୃପାସିନ୍ଧୁପୁର ଗାଁର ପ୍ରଶାନ୍ତ ଦାସଙ୍କୁ ଜଣେ ଯୁବକ ମାଡ଼ ମାରୁଥିବା ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହା ଭାଇରାଲ ହେବା ପରେ ମାମଲା ରୁଜୁ କରିବା ସହ ତଦନ୍ତ କରୁଛି ସଦର ପୋଲିସ । ସେପଟେ ପ୍ରଶାନ୍ତଙ୍କୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଗାଡି ଚଳାଇବାକୁ ବାଧ କରାଯାଇଥିଲା । ଏହାକୁ ବାରଣ କରିବାରୁ ତାଙ୍କୁ ଏଭଳି ମାଡ଼ ମରାଯାଇଥିବା ପ୍ରଶାନ୍ତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନାଥାଉକି, ବ୍ରହ୍ମପୁର କୃପାସିନ୍ଧୁପୁର ଗାଁର ପ୍ରଶାନ୍ତ ଦାସଙ୍କୁ ବନ୍ଦ କୋଠରୀରେ ୫୦ ଘଣ୍ଟା ଧରି ନିସ୍ତୁକ ମାଡ଼ ମାରିଥିଲେ ଦୁର୍ବୃତ୍ତ। ପ୍ରଶାନ୍ତଙ୍କୁ ପ୍ଲାଷ୍ଟିକ ପାଇପରେ ପିଟୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଘଟଣାକୁ ନେଇ ପୁଲିସ ପାଖରେ ପ୍ରଥମେ କୌଣସି ଅଭିଯୋଗ ହୋଇନଥିଲା। ଆକ୍ରମଣକାରୀଙ୍କୁ ଡରି ଥାନାରେ ଅଭିଯୋଗ କରିନଥିବା କହିଛନ୍ତି ପ୍ରଶାନ୍ତ। ପ୍ରଶାନ୍ତଙ୍କୁ ଖଣ୍ଡା ଦେଖାଇ ଅପହରଣ କରିନେଇଥିଲେ ଦୁର୍ବୃତ୍ତ। ବର୍ତ୍ତମାନ ଭୟରେ ସେ ଗାଁକୁ ନଯାଇ ଅନ୍ୟତ୍ର ରହୁଛନ୍ତି। ଗାଁରେ ତାଙ୍କର ମାଆ, ବାପା, ପତ୍ନୀ ଏବଂ ଗୋଟିଏ କୁନି ପୁଅ ମଧ୍ୟ ରହିଛନ୍ତି। ସୂଚନାଥାଉକି, ଗତ କିଛି ମାସ ହେବ ବ୍ରହ୍ମପୁରରେ ଭାଇଗିରି ଦେଖିବାକୁ ମିଳିଥିବା ବେଳେ ଗୋଟିଏ ପରେ ଗୋଟିଏ ଏନକାଉଣ୍ଟର ପରେ ଅପରାଧରେ ଏକପ୍ରକାର ବ୍ରେକ୍ ଲାଗିଥିଲା। ତେବେ ଏହି ଘଟଣା ପରେ ପୁଣି ଆତଙ୍କିତ ହୋଇଛନ୍ତି ସାଧାରଣ ଲୋକେ।



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୮, ୨୫୪୫୬୭୮
Email : utkaldeepika2016@gmail.com

# ପିଜିଆଇ-ଡି ରିପୋର୍ଟ : ଉତ୍ତମ ବର୍ଗରେ ୮ ଜିଲ୍ଲା, ଶୀର୍ଷରେ ଝାରସୁଗୁଡ଼ା

**ଭୁବନେଶ୍ୱର, ୧୨/୦୭ ନ୍ୟୁଜ ବ୍ୟୁରୋ**
କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପିଜିଆଇ ଡି ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟରେ ଓଡ଼ିଶାର ସ୍ଥିତିକୁ ନେଇ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଓଡ଼ିଶାର ୬ଟି ବର୍ଗ ଯଥା ଶିକ୍ଷାଦାନର ଫଳାଫଳ, ଶ୍ରେଣୀଗୃହ ପାରସ୍ପରିକ କ୍ରିୟା, ଭିତ୍ତିଭୂମି ସୁବିଧା ଓ ଛାତ୍ରଛାତ୍ରୀଙ୍କ ଅଧିକାର, ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଡିଜିଟାଲ୍ ଶିକ୍ଷଣ ଏବଂ ଶାସନ ପ୍ରକ୍ରିୟାକୁ ନେଇ ରିପୋର୍ଟ ପ୍ରକାଶ ପାଇଛି। ଏହା ସହିତ ମଧ୍ୟ ୟୁଡିଆଇଏସ୍ଇ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ସାଂଘାତିକ ତଥ୍ୟ ରହିଛି । ପିଜିଆଇ ଡି ରିପୋର୍ଟ ଅନୁସାରେ, ଓଡ଼ିଶାର ୮ଟି ଜିଲ୍ଲା ଉତ୍ତମ-୩ ବର୍ଗରେ ସ୍ଥାନ ପାଇଛି । ମୋଟ ୬୦୦ ସ୍କୋରରୁ ୪୦୫ ସ୍କୋର ହାସଲ କରି ଝାରସୁଗୁଡ଼ା ଶୀର୍ଷରେ ରହିଛି । ସେହିପରି ଭାବରେ ପଛକୁ ପଛ ଜଗତସିଂହପୁର (ସ୍କୋର- ୩୭୦), ସମ୍ବଲପୁର (୩୬୮), ଅନୁଗୁଳ (୩୬୭), କଟକ (୩୬୭), ସୁନ୍ଦରଗଡ଼ (୩୬୨), କଳାହାଣ୍ଡି (୩୬୧) ଓ ଢେଙ୍କାନାଳ (୩୬୦ ସ୍କୋର) ରହିଛନ୍ତି। ତେବେ ଉତ୍କର୍ଷ ଏବଂ ଉତ୍ତମ-୧, ଉତ୍ତମ-୨ ବର୍ଗରେ ଓଡ଼ିଶାର ଗୋଟିଏ ବି ସ୍କୁଲ ସ୍ଥାନ ପାଇ ନାହିଁ । ସେହିପରି ପ୍ରଚେଷ୍ଟା-୧ ବର୍ଗରେ ଖୋର୍ଦ୍ଧା ୩୫୯ ସ୍କୋର ରଖି ଉପରେ ରହିଛି । ତା' ତଳକୁ ଗଞ୍ଜାମ (୩୫୨), ଭଦ୍ରକ (୩୫୦), କେନ୍ଦୁଝର (୩୫୦), ନୟାଗଡ଼ (୩୪୭), ପୁରୀ (୩୪୭), କୋରାପୁଟ (୩୪୨), ବଲାଙ୍ଗୀର (୩୪୨), ବୌଦ୍ଧ (୩୪୧), ନୂଆପଡ଼ା (୩୪୧), ଯାଜପୁର (୩୩୯), କେନ୍ଦ୍ରାପଡ଼ା (୩୩୮), ସୁବର୍ଣ୍ଣପୁର (୩୩୮), ବାଲେଶ୍ୱର (୩୩୮), କନ୍ଧମାଳ (୩୩୬), ବରଗଡ଼ (୩୩୩), ଦେବଗଡ଼ (୩୩୦), ରାୟଗଡ଼ା (୩୨୯), ମୟୂରଭଞ୍ଜ (୩୨୯), ଗଜପତି (୩୨୬), ନବରଙ୍ଗପୁର (୩୧୫) ଓ ମାଲକାନଗିରି (୩୦୬ ସ୍କୋର) ରହିଛନ୍ତି। ଖରାପ ସ୍ଥିତିରେ କେଉଁ କେଉଁ ଜିଲ୍ଲା ବିଦ୍ୟାଳୟ ଓ ଶିଶୁଙ୍କ ସୁରକ୍ଷା କ୍ଷେତ୍ରରେ ପୁରୀ ଜିଲ୍ଲା ରାଜ୍ୟର ସମସ୍ତ ଜିଲ୍ଲା ଅପେକ୍ଷା ଅଧିକ ଖରାପ ସ୍ଥିତିରେ ରହିଛି। ଯାହାର ସ୍କୋର ୩୫ରୁ ୧୮ ରହିଛି । ସେହିପରି ଡିଜିଟାଲ ଲର୍ଣ୍ଣିଂରେ ମଧ୍ୟ ଅନେକ ଜିଲ୍ଲା ଖରାପ ସ୍ଥିତି ପ୍ରଦର୍ଶନ କରିଥିବା ରିପୋର୍ଟ ଆସିଛି । ଝାରସୁଗୁଡା ଜିଲ୍ଲା ଡିଜିଟାଲ ଲର୍ଣ୍ଣିଂରେ ୫୦ରୁ ୩୩ ସ୍କୋର ରଖିଥିବା ବେଳେ ବାକି ସମସ୍ତ ଜିଲ୍ଲା ଡିଜିଟାଲ ଶିକ୍ଷାରେ ଖରାପ ପଦର୍ଶନ କରିଛନ୍ତି । ଖୋର୍ଦ୍ଧା ୫୦ରୁ ୨୩ ସ୍କୋର ପାଇଥିବାବେଳେ ବାଲେଶ୍ୱରକୁ ୧୭, କଟକକୁ ୨୦ ଓ ଗଂଜାମକୁ ୨୧ ସ୍କୋର ମିଳିଛି । କିଭଳି ନିର୍ଦ୍ଧାରଣ କରାଯାଏ ବର୍ଗ ୯୦ ପ୍ରତିଶତରୁ ଅଧିକ ସ୍କୋର ପାଇଥିଲେ ଉତ୍କର୍ଷ, ୮୧ ରୁ ୯୦ ପ୍ରତିଶତ ମଧ୍ୟରେ ଉତ୍ତମ-୧, ୭୧ରୁ ୮୦ ପ୍ରତିଶତ ମଧ୍ୟରେ ଉତ୍ତମ-୨, ୬୧ରୁ ୭୦ ପ୍ରତିଶତ ମଧ୍ୟରେ ଉତ୍ତମ- ୩ ବର୍ଗରେ ଗଣନା କରାଯାଏ । ସେହିପରି ୫୧ରୁ ୬୦ ପ୍ରତିଶତ ମଧ୍ୟରେ ପ୍ରଚେଷ୍ଟା-୧, ୪୧ରୁ ୫୦ ପ୍ରତିଶତ ମଧ୍ୟରେ ପ୍ରଚେଷ୍ଟା-୨, ୩୧ରୁ ୪୦ ପ୍ରତିଶତ ମଧ୍ୟରେ ପ୍ରଚେଷ୍ଟା-୩, ୨୧ରୁ ୩୦ ପ୍ରତିଶତ ମଧ୍ୟରେ ରହିଲେ ସ୍କୋର ତାହାକୁ ଆକାଂକ୍ଷୀ ବର୍ଗରେ ଗ୍ରହଣ କରାଯାଇଥାଏ। ୨୦୨୪ - ୨୫ ମସିହାରେ ଦେଶର ୭୮୨ ଜିଲ୍ଲାକୁ ପିଜିଆଇ-ଡିରେ ସାମିଲ କରାଯାଇଥିବା ବେଳେ ୨୦୨୫-୨୬ ମସିହାରେ ୭୮୪ ଜିଲ୍ଲାକୁ ଗ୍ରହଣ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଛି ୨୦୨୫-୨୬ ଶିକ୍ଷା ବର୍ଷର ୟୁଡିଆଇଏସ୍ଇ ରିପୋର୍ଟ। ଏହି ରିପୋର୍ଟ ଅନୁସାରେ, ଓଡ଼ିଶାରେ ମୋଟ ୬୧ ହଜାର ୫୯୪ ବିଦ୍ୟାଳୟ ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୭୭ ଲକ୍ଷ ୮୮ ହଜାର ୫୬୭ ରହିଛି। ରାଜ୍ୟରେ ଶିକ୍ଷକଙ୍କ ସଂଖ୍ୟା ରହିଛି ୩ ଲକ୍ଷ ୪୧ ହଜାର ୯୦୯ । ପୂର୍ବ ବର୍ଷ ଅର୍ଥାତ ୨୦୨୪-୨୫ ଓଡ଼ିଶାରେ ୬୧ ହଜାର ୫୬୫ ବିଦ୍ୟାଳୟ ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୭୬ ଲକ୍ଷ ୪୪ ହଜାର ୫୨ ଏବଂ ଶିକ୍ଷକଙ୍କ ସଂଖ୍ୟା ୩ ଲକ୍ଷ ୪୪ ହଜାର ୧୧୬ ଥିବା ରିପୋର୍ଟରେ ଦର୍ଶାଯାଇଛି। ବର୍ଷକ ମଧ୍ୟରେ ରାଜ୍ୟରେ ବିଦ୍ୟାଳୟ ସଂଖ୍ୟା ୨୯ ଟି ବୃଦ୍ଧି ପାଇଛି । ଅନ୍ୟପକ୍ଷେ ଶିକ୍ଷକଙ୍କ ସଂଖ୍ୟା ୨୨୦୭ କମିଛି ଏବଂ ଛାତ୍ର ଛାତ୍ରୀ ସଂଖ୍ୟା ୧ ଲକ୍ଷ ୪୪ ହଜାର ୫୧୫ ବଢ଼ିଛି । ରାଜ୍ୟରେ ଶିକ୍ଷାଦାନର ବିକଳ ଚିତ୍ର ଏହି ରିପୋର୍ଟରେ ପ୍ରକାଶ ପାଇଛି । ୨୦୨୪-୨୫ ୟୁଡିଆଇଏସ୍ଇର ତଥ୍ୟ ଅନୁସାରେ, ଓଡ଼ିଶାରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ୨୩ ରହିଛି। ବିଦ୍ୟାଳୟ ପିଛା ହାରାହାରି ଶିକ୍ଷକ ସଂଖ୍ୟା ୬ ଥିବାବେଳେ ହାରାହାରି ନାମଲେଖା ୧୨୬ ରହିଛି। ସେହିପରି ଭାବରେ ୧୪୫୮ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକରେ ପାଠ ପଢ଼ା ଚାଲିଛି । ୨୦୨୪-୨୫ରେ ଏହି ସଂଖ୍ୟା ଥିଲା ୧୦୮୯ । ଜଣେ ଲେଖାଏ ଶିକ୍ଷକରେ ପରିଚାଳିତ ହେଉଥିବା ବିଦ୍ୟାଳୟରେ ୨୦୨୪-୨୫ରେ ୪୭ ହଜାର ୯୪୦ ପିଲାଙ୍କ ନାମଲେଖା ହୋଇଥିବା ବେଳେ ୨୦୨୫-୨୬ରେ ଏହାର ସଂଖ୍ୟା ୪୯ ହଜାର ୬୭୨ରେ ପହଞ୍ଚିଥିଲା।






ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୮, ୨୫୪୫୬୭୮
Email : utkaldeepika2016@gmail.com